Vol.-I, Issue No-17

1-15- Nov. 2022

online portal : odishasanket.com

Mail ID : odishasanket@gmail.com

Price : Rs. 5.00, Page -8

# ଓଡ଼ିଶା ସଙ୍କେତ
# Odisha Sanket



ଆସିବ 'ଆର୍‌ଆର୍‌ଆର୍'ର ସିକ୍ୱେଲ

RNI Regd. No. - ODIODI/2022/82445 | ସମାଜ ପାଇଁ ଭିନ୍ନ ଏକ ପରିକଳ୍ପନା | R.N.I. Title Code-ODIODI08118



ଓଲଟା ଚଷମା



# ସମୟାନୁବର୍ତ୍ତିତା
## ପ୍ରଶାସନିକ ସଂସ୍କାର ଆବଶ୍ୟକ କି ?

ଦିନ ଏଗାରଟା ବେଳେ ଯଦି ଆପଣ କୌଣସି ସରକାରୀ କାର୍ଯ୍ୟାଳୟକୁ ଯିବେ, ଦେଖିବେ ପ୍ରାୟ ଅଧାରୁ ଅଧିକ କର୍ମଚାରୀ ଚୌକିରେ ଅନୁପସ୍ଥିତ ଥିବେ । ଏ ଦୃଶ୍ୟ କେବଳ ବର୍ତ୍ତମାନ ସମୟର ବାସ୍ତବତା ନୁହେଁ ବରଂ ବହୁ ବର୍ଷ ଧରି ଏହା ପରମ୍ପରା ପରି ଦଶନ୍ଧି ପରେ ଦଶନ୍ଧି ସରକାରୀ କାର୍ଯ୍ୟାଳୟରେ କର୍ମଚାରୀମାନେ ମାନି ଆସୁଛନ୍ତି। ଠିକ୍ ସମୟରେ ଅଫିସକୁ ନ ଆସିବା ଏକ ବ୍ୟକ୍ତିଗତ ବ୍ୟାପାର ପରି ମନେହୁଏ କାରଣ ଜଣେ ସମୟାନୁବର୍ତ୍ତୀ ନ ହେଲେ ତାଙ୍କ ବିରୁଦ୍ଧରେ ବିଶେଷ କାର୍ଯ୍ୟାନୁଷ୍ଠାନ ହୁଏ ନାହିଁ।

ସମୟାନୁବାର୍ତ୍ତିତା ବିଷୟରେ ଉଲ୍ଲେଖ୍ୟ ଆସିଲେ ଲୋକେ ଜାପାନ ଦେଶର ଉଦାହରଣ ଦେଇଥାନ୍ତି। ଜାପାନ ଗୋଟିଏ ଛୋଟ ଦେଶ ହେଲେ ମଧ୍ୟ ବର୍ତ୍ତମାନ ପୃଥିବୀର ଅତି ପ୍ରଗତିଶୀଳ ଓ ସମୃଦ୍ଧି ରାଷ୍ଟ୍ର ଭାବରେ ପରିଗଣିତ। ଜାପାନୀମାନଙ୍କ ଜୀବନଶୈଳୀରେ ସମୟର ସୁଦୂପଯୋଗୋକୁ ବିଶେଷ ଗୁରୁତ୍ୱ ଦିଆଯାଏ। ସେଠାକାର ସରକାରୀ କିମ୍ବା ବେସରକାରୀ ଅନୁଷ୍ଠାନମାନଙ୍କରେ କିଛି ସେକେଣ୍ଡର ବିଳମ୍ବତାକୁ ଅତି ଗମ୍ଭୀରତାର ସହ ନିଆଯାଏ।

ହେଲେ ଏହାର ବିପରୀତ ପରିସ୍ଥିତି ଦେଖିବାକୁ ମିଳେ ଭାରତର କିଛି ରାଜ୍ୟର ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ। ଏପରି ଅବ୍ୟବସ୍ଥିତ କାର୍ଯ୍ୟାଳୟ ବର୍ଷ ବର୍ଷ ଧରି ଅନୁଶାସନ ଓ ସମୟାନୁବାର୍ତ୍ତିତା ଆଧାରରେ କଟାକ୍ଷର ଶିକାର ହୋଇଛି। ଏଠାରେ ଘଟୁଥିବା ଘଟଣା ଗୁଡ଼ିକୁ ନେଇ ଚଳଚ୍ଚିତ୍ର, ଟିଭି, ସିରିଆଲ ନିର୍ମାଣ ହୋଇଛି। ହେଲେ ବର୍ଷ ବର୍ଷ ଧରି ପରିସ୍ଥିତିରେ ବିଶେଷ ପରିବର୍ତ୍ତନ ହେଲାପରି ମନେହୁଏ ନାହିଁ।

ସରକାରୀ ଚାକିରିଆଙ୍କ ବିଷୟରେ ଜନସାଧାରଣଙ୍କ ଯେଉଁ ଧାରଣ ରହିଛି ତାହା ଗୋଟିଏ ହସକଥା ମାଧ୍ୟମ ରେ ଆମେ ଦୂର ଅତୀତରୁ ଶୁଣି ଆସିଛୁ। ତାହା ହେଲା, ମିଶ୍ରବାବୁ ଦଶଟା ବେଳେ ଅଫିସକୁ ଆସିଯାଇଥିଲେ । ତାଙ୍କର ଅଫିସ ଆସିବା ସମସ୍ତେ ଦେଖିଲେ । ତାପରେ ନିଜ ଚୌକି ଉପରେ କୋଟ୍ ଟିକୁ ଓହଳାଇ ଏବଂ ଟେବୁଲ୍ ଉପରେ ଚଷମା ରଖିଦେଇ କୁଆଡେ ଚାଲିଗଲେ। ତାଙ୍କ ପାଖକୁ ଆସୁଥିବା ଲୋକେ ତାଙ୍କ ବିଷୟରେ ପଚାରିଲେ ପିଆନଟି ଉତ୍ତର ଦିଏ –' ସାର୍ ଆସିକି କୁଆଡେ ଅଫିସ କାମରେ ଯାଇଛନ୍ତି।' ଉକ୍ତ କର୍ମଚାରୀ ଅଫିସ ସମୟ ସମାପ୍ତ ହେବା ପୂର୍ବରୁ ନିଜ କୋଟ୍ ଓ ଚଷମା ସଂଗ୍ରହକରି ଘରକୁ ଚାଲିଯାଆନ୍ତି।ଏହା କଣ ଏକ ନିରନ୍ତର ଘଟୁଥିବା ଘଟଣା ନୁହେଁ କି ?

ଏହି ଦୃଷ୍ଟାନ୍ତ ଦେବାର ଅର୍ଥ ନୁହେଁଯେ ସରକାରୀ ବ୍ୟବସ୍ଥାରେ କେହି ସମୟନୁବାର୍ତ୍ତିତା ପାଳନ କରୁନାହାନ୍ତି। ଯେଉଁ କର୍ମଚାରୀମାନେ ନିଷ୍ଠାପର ଓ ଦାୟିତ୍ୱବାନ ସେମାନେ ଧାର୍ଯ୍ୟ ସମୟ ଠାରୁ ଅଧିକ ସମୟ ସରକାରୀ କାମ କରିଥାନ୍ତି।ଛୁଟି ଦିନରେ ମଧ୍ୟ ସେମାନଙ୍କୁ ବିଭିନ୍ନ କାମରେ ନିୟୋଜିତ କରାଯାଇଥାଏ। ଗୋଟିଏ କାର୍ଯ୍ୟାଳୟରେ ଦୁଇ ପ୍ରକାର କର୍ମଚାରୀ ଦେଖାଯାଆନ୍ତି। ପ୍ରଥମ ଶ୍ରେଣୀର କର୍ମଚାରୀ ଦିନକୁ ସାତରୁ ଦଶ ଘଣ୍ଟା ନିଷ୍ଠାପରଭାବେ କାମ କରନ୍ତି। ଆଉ ଗୋଟିଏ ଗୋଷ୍ଠୀ ସର ଦିନ ହାରାହାରି ଦୁଇ ରୁ ତିନି ଘଣ୍ଟା ନିମ୍ନମାନର କିଛି କାମ କରି ଘରକୁ ଯିବାପାଇଁ ସବୁବେଳେ ତତ୍ ପର ଥାଆନ୍ତି।

ଆପଣ କୌଣସି ଗୋଟିଏ କାର୍ଯ୍ୟାଳୟର ମୁଖ୍ୟ ଦ୍ୱାରରେ ଗୋଟିଏ ଦିନ, ତା ଭିତରେ ଚାକିରି କରୁଥିବା କର୍ମଚାରୀ ମାନଙ୍କୁ ଥରେ ଅବଲୋକନ କଲେ ଦେଖିବେ ଯେ, କାର୍ଯ୍ୟରେ ଯୋଗୋଦନ ଦେବା ସମୟ ଦିନ ୧୦ଟା ହୋଇଥିବା ସତ୍ତ୍ୱେ ଅନେକ କର୍ମଚାରୀ ଦିନ ୧୧.୩୦ ଓ ୧୨ଟା ରେ ମଧ୍ୟ ପହଞ୍ଚିଥାନ୍ତି।ମଧ୍ୟାହ୍ନ ଭୋଜନ ସମୟ ଦିନ ୧.୩୦ରୁ ୨ଟା ଯାଏଁ ରହିଛି । ହେଲେ ଦିନ ଗୋଟାଏରେ ଅଫିସ ଛାଡ଼ି କର୍ମଚାରୀମାନେ ୩.୩୦ ପରେ ଫେରିଥାନ୍ତି।

ଏପରି ଅଭ୍ୟାସଗ୍ରସ୍ତ ସିଟରୁ ଅନୁପସ୍ଥିତ କର୍ମଚାରୀଙ୍କ ଯୋଗୁଁ ଆଜି ସରକାରୀ କାର୍ଯ୍ୟ ସଂସ୍କୃତି ରୁଗୁଣ ଅବସ୍ଥାରେ ପହଁଚିଛି। ଯେଉଁ ବ୍ୟବସ୍ଥା ସିଧସଳଖ କ୍ଷତି କରୁଛି ଜନସାଧାରଣଙ୍କର ଏବଂ ସର୍ବୋପରି ଦେଶର ବିକାଶର ।

ହଜାର ହଜାର କାର୍ଯ୍ୟାଳୟରେ ଅମିମାଂସିତ ହୋଇ ଜମା ହୋଇଥିବା କୁଢ଼ କୁଢ଼ ଫାଇଲ୍ ଚିତ୍କାରକରି କହୁଛି ଯେ, କିଛି କର୍ମଚାରୀ ନିଜ କର୍ତ୍ତବ୍ୟ ଠିକ୍ ରୂପେ କରିନାହାନ୍ତି ଏବଂ ଏଥି ନିମନ୍ତେ ଆବଶ୍ୟକ ଥିବା ସମୟ ଓ ଶକ୍ତି ବିନିଯୋଗ କରିନାହାନ୍ତି। ସେପରି ଅଫିସରୁ ୫:୩୦ରେ ନିର୍ଗମନ ହେବା ଧାର୍ଯ୍ୟ ହୋଇଛି କିନ୍ତୁ କର୍ମଚାରୀ ୪ଟାରୁ ଅଫିସ ଛାଡ଼ିବା ଆରମ୍ଭ କରନ୍ତି। ସାଢ଼େ ପାଞ୍ଚଟା ବେଳେ ଅଫିସଗୁଡ଼ିକ ଶୁନଶାନ୍। ଜନସାଧାରଣଙ୍କ ସେବା ପାଇଁ ସ୍ଥାପନ ହୋଇଥିବା କାର୍ଯ୍ୟାଳୟରେ ଅଧିକାଂଶ କର୍ମଚାରୀଙ୍କ ଧାର୍ଯ୍ୟ ସମୟ ମଧ୍ୟରେ କାମ ସରିବାର ମାନସିକତା ଅଭାବ ରହୁଛି। ସବୁ କଥାରେ କାଲିକି ଦେଖିବା, କାଲିକି କରିବା– ଏଭଳି ମନୋଭାବ ଯୋଗୁଁ ବର୍ଷ ବର୍ଷ ଧରି କାମ ଅସମାପ୍ତ ରହୁଛି ଏବଂ ଏଥିଦ୍ୱାରା ଜନସାଧାରଣଙ୍କ ଜନ ଜୀବନ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେଉଛି।

କେତୋଟି କାର୍ଯ୍ୟାଳୟରେ କର୍ମଚାରୀ ମାନଙ୍କ ସଠିକ୍ ସମୟରେ ଉପସ୍ଥାନ ଉଦ୍ଦେଶ୍ୟରେ ବାୟୋମେଟ୍ରିକ ଯନ୍ତ୍ର ଲଗାଯାଇଛି । କିଛି ଦିନ ଯାଏଁ କର୍ମଚାରୀମାନେ ସମୟରେ କାର୍ଯ୍ୟରେ ଆସନ୍ତି ଏବଂ ସେହି ଯନ୍ତ୍ର କିଛି ଦିନ ପରେ ଠିକ୍ ନାହେଲାପରି ଖରାପ ହୋଇଯାଏ। ଉପରିସ୍ତ କର୍ମଚାରୀ କିମ୍ବା ଜନସାଧାରଣ ଖୋଜିଲା ବେଳେ ନିଜ ସିଟରେ ଅନୁପସ୍ଥିତ ଥିବା ପ୍ରତ୍ୟେକ ଅଫିସର ଏକ ନିତିଦିନିଆ ଦୃଶ୍ୟ। ତେବେ ଏମିତି ଗୋଟିଏ ରୋଗୁଣ କର୍ଯ୍ୟସଂସ୍କୃତିକୁ ବର୍ଷ ବର୍ଷ ଧରି ସରକାରୀ ବ୍ୟବସ୍ଥାରେ ଏକ ଧ୍ରୁବ ସତ୍ୟ ଭାବେ କାହିଁକି ଗ୍ରହଣ କରାଯାଇଛି ?

କର୍ମଚାରୀମାନେ ଧାର୍ଯ୍ୟ ସମୟରେ ଅଫିସ ନ ଆସିଲେ କିମ୍ବା ଆସିଲେ ମଧ୍ୟ ଦିନ ତମାମ ହ୍ୱାଟସ୍‌ଆପ୍, ଇନଷ୍ଟାଗ୍ରାମ, ଫେସ୍ ବୁକ୍ ଦେଖୁଥିଲେ ଦଣ୍ଡବିଧାନର କୌଣସି ବଳିଷ୍ଟ ଦୃଷ୍ଟାନ୍ତ ଦେଖିବାକୁ ମିଳେନାହିଁ।ଗୋଟିଏ ପରିବାରରୁ ଯଦି ଦୁଇ ଜଣ ବ୍ୟକ୍ତି ଚାକିରି କରନ୍ତି ,ଜଣେ ବ୍ୟାଙ୍କ୍ କୁ ଯାଆନ୍ତି ଓ ଅନ୍ୟ ଜଣକ ସରକାରୀ ଅଫିସକୁ ତେବେ ଆପଣ ସ୍ୱଷ୍ଟ ଭାବରେ କହିପାରିବେ ଦୁଇ ଜଣଙ୍କ ମାନସିକତା କିପରି ଥିବା । ବ୍ୟାଙ୍କ ଯାଉଥିବା ବ୍ୟକ୍ତି ଟି ଦଶଟା ସୁଦ୍ଧା ଅଫିସରେ ପହଞ୍ଚି ବାୟୋମ୍ୟାଟ୍ରିକରେ ନିଜର ଉପସ୍ଥାନ ଦିଏ ଆଉ ସରକାରୀ କର୍ମଚାରୀଟି ଆରାମରେ ଝୁଲି ଝୁଲି ସାଢ଼େ ଏଗାରଟା ବେଳେ ଅଫିସକୁ ଯାଏ । ଏହାଦ୍ୱରା ଜନସାଧାରଣଙ୍କ ସରକାରୀ ଚାକିରିଆଙ୍କ ପ୍ରତି କେମିତି ଧାରଣ ରହିଛି ତାହା ସମସ୍ତଙ୍କୁ ଜଣା। କିଛି ବର୍ଷ ତଳେ ସରକାରୀ ବିଦ୍ୟାଳୟର କେତୋଟି ଶିକ୍ଷକ ଶିକ୍ଷୟତ୍ରୀ ଠିକ୍ ସମୟରେ ବିଦ୍ୟାଳୟରେ ପହଞ୍ଚିଥିଲେ ଓ ସ୍କୁଲରେ ଅଧିକାଂଶ ସମୟ ଅନୁପସ୍ଥିତ ରହୁଥିବା ଦେଖି ସାରା ରାଜ୍ୟରେ ସେମାନଙ୍କ ପାଇଁ ୟୁନିଫର୍ମର ବ୍ୟବସ୍ଥା କରାଗଲା ଯାହାଦ୍ୱାରା ବିଦ୍ୟାଳୟର ପାଠପଢା ସମୟରେ ସେମାନେ ବାହାରେ କେଉଁଠି ବୁଲିଲେ ଧରା ପଡ଼ିବେ । ସରକାରୀ କର୍ମଚାରୀ ମାନଙ୍କ ମଧ୍ୟରେ ପୋଲିସ, ଅଙ୍ଗନୱାଡ଼ି କର୍ମୀ, ହେଲ୍ପର, ସ୍ୱାସ୍ଥ୍ୟ ବିଭାଗର କର୍ମଚରୀଙ୍କ ପାଇଁ ୟୁନିଫର୍ମର ବ୍ୟବସ୍ଥା ରହିଛି। ଏସବୁ ବ୍ୟବସ୍ଥା ଦ୍ୱାରା କର୍ମଚାରୀଙ୍କ ମନରେ ଭୟ ସୃଷ୍ଟି କରାଯାଇ ପାରିଛି।

ଯଦି ପଞ୍ଚାୟତ, ବ୍ଲକ, ତହସିଲ, ଉପଖଣ୍ଡ , ଜିଲ୍ଲା ତଥା ରାଜ୍ୟ ସ୍ତରୀୟ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ ସମସ୍ତେ ନିର୍ଦ୍ଧାରତ ସମୟରେ ନିଜର ଅବଦାନ ଦେବେ ତେବେ ସାମଗ୍ରିକ ଭାବେ ରାଜ୍ୟର ବିକାଶ ହେବ। ସରକାରୀ ଅଫିସ ଗୁଡ଼ିକ କାହିଁକି ପୋଷ୍ଟଲ,ବ୍ୟାଙ୍କ୍,ରେଳବାଇ ପରି ବିଭିନ୍ନ କେନ୍ଦ୍ରୀୟ ଅଫିସ ଢାଞ୍ଚାରେ ଚାଲିପାରିବ ନାହିଁ

ସମୟାନୁବାର୍ତ୍ତିତା ଅନୂପାଳନ କରୁନଥିବା କର୍ମଚାରୀ ମାନଙ୍କୁ ଅନୁଶାସନ କରିବା ନିମନ୍ତେ ପୋଥିରେ ଅନେକ ବ୍ୟବସ୍ଥା ରହିଛି କିନ୍ତୁ – ଯିଏ କାମ କରୁଛି ତା ଉପରେ ସବୁ ଲଦି ଦିଅ ଓ ଯିଏ ଠକୁଛି ତା ପଛରେ ସମୟ ନଷ୍ଟ ନକରି ତାକୁ ଛାଡ଼ିଦିଅ। ଏହି ଚିନ୍ତାଧାରା ଗ୍ରାମ ପଞ୍ଚାୟତ ସ୍ତରର ଅନୁଶାସନକାରୀ ଠାରୁ ପ୍ରଶାସନର ସର୍ବୋଚ୍ଚ ପଦାଧିକାରୀଙ୍କ ମାନସିକତାରେ ପରିଲକ୍ଷିତ ହୁଏ।

ସରକାରଙ୍କ ସବୁଠୁ ବଡ଼ ସମ୍ବଳ ହେଉଛି ସମୟ । ଯଦି ସାମୁହିକ ଭାବେ ସମୟର ସଦୁପଯୋଗ କରାଯାଏ ତେବେ ରାଜ୍ୟ ଓ ଦେଶର ଦ୍ରୁତ ଗତିରେ ବିକାଶ ଘଟିବ। ଆଜି ନହେଲେ ବି କିଛି ବର୍ଷ ପରେ ପ୍ରଚଳିତ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ଉଠିବ। ସରକାରୀ କର୍ମଚାରୀମାନଙ୍କ ମଧ୍ୟରେ ସମୟାନୁବାର୍ତ୍ତିତା ଓ ଦାୟିତ୍ୱବାନର ଗୁରୁତ୍ୱକୁ ଜାଗ୍ରତ କରିବା ଅତ୍ୟନ୍ତ ଜରୁରୀ । ସମୟ ଆସିଛି ରାଜ୍ୟ ଓ ଦେଶର ବୃହତ୍ତର ସ୍ୱାର୍ଥ ନିମନ୍ତେ ପ୍ରଶାସନକ ସଂସ୍କାର ଅଣାଯାଉ।

# କ୍ଷମତାକୁ ଆସିଲେ ନରେନ୍ଦ୍ର ମୋଦି ଷ୍ଟାଡିୟମର ନାଁ ବଦଳାଇବ କଂଗ୍ରେସ

ଅହମଦାବାଦ: କଂଗ୍ରେସ ଯଦି ଗୁଜରାଟ ବିଧାନସଭା ନିର୍ବାଚନରେ କ୍ଷମତା ଦଖଲ କରିବ, ତା'ହେଲେ ଅହମଦାବାଦରେ ଥିବା ନରେନ୍ଦ୍ର ମୋଦି ଷ୍ଟାଡିୟମର ନାଁ ବଦଳିବ। ନରେନ୍ଦ୍ର ମୋଦି ବଦଳରେ ଷ୍ଟାଡିୟମର ନାଁ ସର୍ଦ୍ଦାର ପଟେଲ ରଖାଯିବ ବୋଲି କଂଗ୍ରେସ ଜାରି କରିଥିବା ତା' ଇସ୍ତାହାରରେ ପ୍ରତିଶ୍ରୁତି ଦେଇଛି। ଅହମଦାବାଦରେ ଥିବା ଏହି ଷ୍ଟାଡିୟମଟି ପ୍ରଥମେ ମୋଟେରା ଷ୍ଟାଡିୟମ ନାଁରେ ପରିଚିତ ଥିଲା। ତେବେ ନବୀକରଣ ପରେ ଏହି ଷ୍ଟାଡିୟମର ନାଁ ନରେନ୍ଦ୍ର ମୋଦି ଷ୍ଟାଡିୟମ ରଖାଯାଇଛି। ଏହା ବିଶ୍ୱର ସବୁଠାରୁ ବଡ଼ ଷ୍ଟାଡିୟମ। କିନ୍ତୁ କଂଗ୍ରେସ ଏହାର ନାମକରଣକୁ ବିରୋଧ କରିଛି। ଏଥିସହ କ୍ଷମତାକୁ ଆସିଲେ ଷ୍ଟାଡିୟମର ନାଁ ବଦଳିବ ବୋଲି କହିଛି। ଆସନ୍ତା ଗୁଜରାଟ ବିଧାନସଭା ନିର୍ବାଚନ ପାଇଁ ଦଳୀୟ ଇସ୍ତାହାର ଜାରି କରି କଂଗ୍ରେସର ବରିଷ୍ଠ ନେତା ତଥା ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ କହିଛନ୍ତି, "ଯଦି କଂଗ୍ରେସ ସରକାର ଗଠନ କରିବ, ତା'ହେଲେ ଦଳର ନିର୍ବାଚନୀ ଇସ୍ତାହାରକୁ ପ୍ରଥମ କ୍ୟାବିନେଟ ବୈଠକର ଦସ୍ତାବିଜ ଭାବେ ବ୍ୟବହାର କରିବ। ଏଥିରେ ଦିଆଯାଇଥିବା ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିବାକୁ କ୍ୟାବିନେଟରେ ମୋହର ଲଗାଯିବ।" ନରେନ୍ଦ୍ର ମୋଦି ଷ୍ଟାଡିୟମର ନାଁ ବଦଳିବା ସହ ଭୋଟରଙ୍କୁ ଆକୃଷ୍ଟ କରିବାକୁ କଂଗ୍ରେସ ଅନେକ ବଡ଼ ବଡ଼ ପ୍ରତିଶ୍ରୁତି ଦେଇଛି। ଦଳ କ୍ଷମତାକୁ ଆସିଲେ ରାଜ୍ୟରେ ରହୁଥିବା ସବୁ ଗୁଜରାଟୀଙ୍କୁ ୧୦ ଲକ୍ଷ ଚାକିରି ଦେବ। ସରକାରୀ ଚାକିରିରେ ମହିଳାଙ୍କ ପାଇଁ ୫୦% ସଂରକ୍ଷଣ ଓ ସିଙ୍ଗଲ ମହିଳା, ବିଧବା ଓ ବୃଦ୍ଧାଙ୍କୁ ମାସିକ ୨ ହଜାର ଟଙ୍କା ଲେଖାଏ ମିଳିବ। ରାଜ୍ୟରେ କଂଗ୍ରେସ ସରକାର ଗଠନ କଲେ ୩ ହଜାର ଇଂରାଜୀ ମିଡିୟମ ସ୍କୁଲ ଖୋଲିବ ଓ ପୋଷ୍ଟ ଗ୍ରାଜ୍ୟୁଏଟ ଯାଏ ଝିଅମାନଙ୍କୁ ମାଗଣାରେ ପାଠ ପଢ଼ିବାକୁ ସୁଯୋଗ ପାଇବେ। ୩ ଲକ୍ଷ ଯାଏ ଋଣ ଛାଡ଼, ୩୦୦ ୟୁନିଟ ଯାଏ ମାଗଣା ବିଜୁଳି, ଯୁବଗୋଷ୍ଠୀଙ୍କୁ ମାସିକ ୩ ହଜାରର ଭତ୍ତା ଓ ଗ୍ୟାସ ସିଲିଣ୍ଡର ୫୦୦ ଟଙ୍କାରେ ଯୋଗାଇ ଦେବ ବୋଲି ଦଳ ପ୍ରତିଶ୍ରୁତି ଦେଇଛି। ଗୁଜରାଟବାସୀଙ୍କୁ ମାଗଣା ୧୦ ଲକ୍ଷ ଟଙ୍କା ଯାଏ ଚିକିତ୍ସା, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ୫ ଲକ୍ଷ ଟଙ୍କା ଯାଏ ମେଡିସନ କଂଗ୍ରେସ ମାଗଣାରେ ଦେବ ବୋଲି କହିଛି। କରୋନା ଯୋଗୁ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ଲୋକଙ୍କୁ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦିଆଯିବ ବୋଲି ମଧ୍ୟ କଂଗ୍ରେସ ତା'ର ଇସ୍ତାହାରରେ ଉଲ୍ଲେଖ କରିଛି।

ଗୁଜରାଟରେ କ୍ଷମତାସୀନ ବିଜେପି ସରକାର ଦୁର୍ନୀତିରେ ଲିପ୍ତ ଥିବା ଶ୍ରୀ ଗେହଲଟ ଅଭିଯୋଗ କରିଛନ୍ତି। ଏଥିସହ ଯଦି କଂଗ୍ରେସ କ୍ଷମତାକୁ ଆସିବ, ତା'ହେଲେ ୨୭ ବର୍ଷ ମଧ୍ୟରେ ଆସିଥିବା ସମସ୍ତ ଦୁର୍ନୀତି ଅଭିଯୋଗର ତଦନ୍ତ କରାଯିବ ଓ ଦୋଷୀଙ୍କୁ ଦଣ୍ଡ ଦିଆଯିବ ବୋଲି ଗେହଲଟ କହିଛନ୍ତି।

# ଧର୍ମାନ୍ତୀକରଣ ନ ରୋକିଲେ ପରିସ୍ଥିତି ଜଟିଳ ହେବ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ଜବରଦସ୍ତ ଧର୍ମାନ୍ତୀକରଣକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ଏହା ଏକ ଗମ୍ଭୀର ବିଷୟ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହାକୁ ରୋକିବା ତଥା ଯାଞ୍ଚ ପାଇଁ ପଦକ୍ଷେପ ନେବାକୁ କେନ୍ଦ୍ରକୁ ତାଗିଦ କରିଛନ୍ତି ଅଦାଲତ। ଏହି ମାମଲାରେ ଶୁଣାଣି କରି କୋର୍ଟ ଧର୍ମାନ୍ତୀକରଣ ଏକ ଗୁରୁତର ପ୍ରସଙ୍ଗ ବୋଲି କହିଛନ୍ତି। ଯଦି ଧର୍ମାନ୍ତୀକରଣକୁ ରୋକାନଯାଏ ତେବେ ପରିସ୍ଥିତି ଭୟାବହ ହେବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ଚେତାବନୀ ଦେଛନ୍ତି। ଜଷ୍ଟିସ ଏମ ଆର ଶାହା ଏବଂ ହିମା କୋହଲିଙ୍କ ବେଞ୍ଚ ଏହି ମାମଲାର ଶୁଣାଣି କରି ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ଏହି ବ୍ୟବସ୍ଥାକୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ କହିଛନ୍ତି। ଏହା ଏକ ଗମ୍ଭୀର ବିଷୟ। ଜବରଦସ୍ତ ଧର୍ମାନ୍ତୀକରଣକୁ ବନ୍ଦ କରିବାକୁ କେନ୍ଦ୍ର ପଦକ୍ଷେପ ନେବା ଉଚିତ। । ନଚେତ୍ ଜଟିଳ ପରିସ୍ଥିତି ସୃଷ୍ଟି ହେବ। ଦେଶର ସୁରକ୍ଷା ଓ ଧାର୍ମିକ ସ୍ୱାଧୀନତା ପ୍ରତି ଏହା ବିପଦ ସାଜିପାରେ। ଏ ବିଷୟରେ କେନ୍ଦ୍ର ଏକ ସତ୍ୟପାଠ ଦାଖଲ କରି ସ୍ୱଷ୍ଟ କରିବା ଉଚିତ । ଧର୍ମାନ୍ତୀକରଣ ରୋକିବାକୁ କଣ ସବୁ ପଦକ୍ଷେପ ନିଆଯାଇଛି ତାହା ଅବଗତ କରିବା ଉଚିତ ବୋଲି କୋର୍ଟ କହିଛନ୍ତି। ଆଡଭୋକେଟ ଅଶ୍ୱିନୀ କୁମାର ଉପାଧ୍ୟାୟଙ୍କ ପକ୍ଷରୁ କରାଯାଇଥିବା ଆବେଦନ ଉପରେ କୋର୍ଟ କେନ୍ଦ୍ରକୁ ନୋଟିସ କରିଛନ୍ତି। ଉପାଧ୍ୟାୟ ତାଙ୍କ ଆବେଦନରେ ମଧ୍ୟ କେନ୍ଦ୍ର ଏବଂ ରାଜ୍ୟ ବଳପୂର୍ବକ ଧର୍ମାନ୍ତୀକରଣକୁ ରୋକିବା ପାଇଁ ପଦକ୍ଷେ ନେବାଲାଗି ସୁକ୍ରିମକୋର୍ଟ ନିର୍ଦ୍ଦେଶ ଦେବାକୁ ଅପିଲ କରିଛନ୍ତି । ତାଙ୍କ କହିବା ଅନୁଯାୟୀ ପ୍ରଲୋଭନ, ଧମକ ଏବଂ ମୋଟା ଅଙ୍କର ଅର୍ଥ ଦେଇ ଧର୍ମାନ୍ତୀକରଣ କରାଯାଉଛି।

ଏହା ଏକ ଜାତୀୟ ସମସ୍ୟାରେ ପରିଣତ ହୋଇଛି। ସବୁ ରାଜ୍ୟରେ ଏହି ସମସ୍ୟା ଉତ୍କଟ ହେଲାଣି। ତେଣୁ ଏହାକୁ ମୁକାବିଲା ପାଇଁ ସରକାର ତତ୍ପର ହେବା ଉଚିତ। କୌଣସି ରାଜ୍ୟ ଧର୍ମାନ୍ତୀକରଣ ଜାଲରୁ ମୁକ୍ତ ନୁହଁ ବୋଲି ଉପାଧ୍ୟାୟ ତାଙ୍କ ଆବେଦନରେ ଦର୍ଶାଇଛନ୍ତି। ପ୍ରତି ସପ୍ତାହରେ ଦେଶର ବିଭିନ୍ନ ସ୍ଥାନରୁ ଧର୍ମାନ୍ତୀରକରଣ ମାମଲା ସାମ୍ନାକୁ ଆସୁଛି। ସେହିପରି ଧର୍ମାନ୍ତୀକରଣ ପାଇଁ ଅନ୍ଧବିଶ୍ୱାସର ସାହାରା ତଥା ଗୁଣିଗାରେଡ଼ି ମଧ୍ୟ କରାଯାଉଛି।

# 'ରାହୁଲ ଗାନ୍ଧି ଦେଶର ନେତୃତ୍ୱ ନେଇପାରିବେ'



ମୁମ୍ବାଇ : ରାହୁଲ ଗାନ୍ଧୀ ଏବଂ ଆଦିତ୍ୟ ଠାକରେ ଦେଶର ନେତୃତ୍ୱ ନେଇପାରିବେ। ଶିବସେନା ନେତା ତଥା ସାଂସଦ ସଞ୍ଜୟ ରାଉତ ଏହା କହିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ନେତୃତ୍ୱରେ ଚାଲିଥିବା ଭାରତ ଯୋଡା ଯାତ୍ରା ବର୍ତ୍ତମାନ ମହାରାଷ୍ଟ୍ରରେ ଚାଲିଛି। ଏହି ସମୟରେ ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ତଥା ଶିବସେନା ନେତା ଆଦିତ୍ୟ ଠାକରେ ଭାଗ ନେଇଥିଲେ । ଏହି ସମୟରେ ସେ ରାହୁଲ ଗାନ୍ଧୀଙ୍କ ସହ କିଛି ରାସ୍ତା ଯାତ୍ରା କରିଥିଲେ ।

ଶିବସେନା ନେତା ତଥା ସାଂସଦ ସଞ୍ଜୟ ରାଉତ କହିଛନ୍ତି ଯେ, ଉଭୟ ଯୁବ ନେତା ରାହୁଲ ଗାନ୍ଧି ଏବଂ ଆଦିତ୍ୟ ଠାକରେ ଦେଶର ନେତୃତ୍ୱ ନେବାରେ ସକ୍ଷମ ଅଟନ୍ତି । ସେ କହିଛନ୍ତି ଯେ, ଆଦର୍ଶଗତ ପାର୍ଥକ୍ୟ ସତ୍ତ୍ୱେ ସେ ଭାରତ ଯୋଡା ଯାତ୍ରାରେ ଯୋଗ ଦେଇଛନ୍ତି । କାରଣ ଏହି ସମୟରେ ଗଣତନ୍ତ୍ର ଏବଂ ସମ୍ବିଧାନ ବିପଦରେ ରହିଛି । ସେ କହିଛନ୍ତି ଯେ, କଂଗ୍ରେସ-ଶିବସେନା ସଂପର୍କରେ ଅନେକ ଉତ୍ଥାନ ଓ ପତନ ଘଟିଛି । ଉଦ୍ଧବ ଠାକରେଙ୍କ ନେତୃତ୍ୱରେ ସରକାର ଗଠନ ପାଇଁ ମହା ବିକାଶ ଅଘାଡ଼ି ମିଳିତ ମଞ୍ଚ ସମୟରେ ଏହା ଅଧିକ ଦେଖିବାକୁ ମିଳିଥିଲା । ତେବେ ପରେ ମଧ୍ୟ ସେଠାରେ ଉଦ୍ଧବଙ୍କ ନେତୃତ୍ୱରେ ଏକ ସରକାର ଗଠନ କରାଯାଇଥିଲା, କିନ୍ତୁ ଚଳିତ ବର୍ଷ ଜୁନ୍ ମାସରେ ସରକାର ଭାଙ୍ଗି ଯାଇଥିଲା ।

ଏହି ଗସ୍ତ ପରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ଆଦିତ୍ୟ ଠାକରେ କହିଛନ୍ତି ଯେ, ବାଲାସାହେବ ଠାକରେଙ୍କ ସହ ଇନ୍ଦିରା ଗାନ୍ଧୀଙ୍କ ଭଲ ସମ୍ପର୍କ ରହିଥିଲା । କଂଗ୍ରେସ ଏବଂ ଶିବସେନା ନେତାମାନେ ବନ୍ଧୁ ରହି ଆସିଛନ୍ତି । ରାଷ୍ଟ୍ରପତି ନିର୍ବାଚନରେ ବାଲାସାହେବ ଠାକରେ ପ୍ରତିଭା ପାଟିଲ ଏବଂ ପ୍ରଣବ ମୁଖାର୍ଜୀଙ୍କୁ ସମର୍ଥନ କରିଥିଲେ । ଏଭଳି ପରିସ୍ଥିତିରେ ଆମେ ବର୍ତ୍ତମାନ ଗଣତନ୍ତ୍ର ଏବଂ ସମ୍ବିଧାନକୁ ବଞ୍ଚାଇବା ପାଇଁ ଏକାଠି ହୋଇଛୁ । ରାହୁଲ ଯାତ୍ରା ସମୟରେ ବିଭିନ୍ନ ସ୍ଥାନରେ ଅଟକି ଲୋକଙ୍କ ସହ କଥା ହୋଇଥିଲେ । ସୂଚନା ଥାଉ କି କଂଗ୍ରେସର ଭାରତ ଯୋଡ ଯାତ୍ରା ତାମିଲନାଡୁର କନ୍ୟାକୁମାରୀରୁ ୭ ସେପଟମ୍ବରରେ ଆରମ୍ଭ ହୋଇଥିଲା। ତାମିଲନାଡୁ ପରେ ଏହି ପଦଯାତ୍ରା କେରଳ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନା ଦେଇ ମହାରାଷ୍ଟ୍ରରେ ପହଞ୍ଚିଛି। ମହାରାଷ୍ଟ୍ରରେ ଏହି ଯାତ୍ରା ୧୫ଟି ବିଧାନସଭା ଏବଂ ୬ଟି ସଂସଦୀୟ ନିର୍ବାଚନମଣ୍ଡଳୀ ଦେଇ ଗତି କରିବ। ଏହି ସମୟରେ ୩୮୨ କିଲୋମିଟର ଦୂରତା ଅତିକ୍ରମ କରିବ। ଏହି ଯାତ୍ରା ନଭେମ୍ବର ୨୦ରେ ମଧ୍ୟପ୍ରଦେଶରେ ପ୍ରବେଶ କରିବ।

# କଅଁଳ କାନ୍ଧରେ ୨ ଭଉଣୀଙ୍କ ଦାୟିତ୍ୱ

## ଏମିତି ଭାଇ ଜଗତେ ନାହିଁ

ବାଲିଗୁଡ଼ା : ପିଲାଙ୍କ ଅଳିଅର୍ଦ୍ଦଳି ସହି ସେମାନଙ୍କ ପାଖରେ ସବୁ ସୁଖ ଅଜାଡ଼ି ଦେଇଥାନ୍ତି ବାପାମା' । ମା' ନିଜ ପଣତ କାନିରେ ପିଲାର ମୁହଁ ପୋଛି ଦେଉଥିବା ବେଳେ ବାପା ସାଜିଥାଏ ସୁରକ୍ଷା ପ୍ରାଚୀର। ହେଲେ ପିଲା ବେଳୁ ବାପାମା' ସୁଖରୁ ଦୂରେଇ ରହିଥିବା ୨ ହତଭାଗା ଭଉଣୀଙ୍କ ପାଇଁ ସେମାନଙ୍କ ଭାଇ ତୁଲାଉଛି ଏହି ଦାୟିତ୍ୱ । ସାନ ବୟସରୁ ମୁଣ୍ଡାଉଛି ବଡ଼ ଦାୟିତ୍ୱ। ରୋଷେଇ କରି ୨ ଭଉଣୀଙ୍କ ମୁହଁରେ ଆହର ଦେବାଠୁ ଆରମ୍ଭ କରି ସେମାନଙ୍କ ଅଳି ଅଝଟ ବି ସହୁଛି। ୨ ଭଉଣୀ ହେତୁ ପାଇବା ଦିନରୁ ନିଜ ପାଖରେ ଭାଇକୁ ହିଁ ପାଇଛନ୍ତି। ହେଲେ ଏବେ ବଞ୍ଚିବା ଦୁର୍ବିସହ ହୋଇ ପଡ଼ିବାରୁ ନିଜ ୨ ଭଉଣୀଙ୍କ ଭବିଷ୍ୟତ ପାଇଁ ସରକାରୀ ସହାୟତା ଲୋଡ଼ିଛନ୍ତି ଭାଇ । ଏପରି ହୃଦୟସ୍ପର୍ଶୀ ଘଟଣା କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକ ପୁସାଙ୍ଗିଆ ଗ୍ରାମରେ ଦେଖିବାକୁ ମିଳିଛି।

ସଂସାର କହିଲେ ଭାଇ ଶ୍ରୀତମ ପାତ୍ର ଓ ୨ କୁନି କୁନି ଭଉଣୀ ଶ୍ରୀୟା ପାତ୍ର ଓ ସମ୍ପୂର୍ଣ୍ଣା ପାତ୍ର। ବାପା ବିକ୍ରମ ପାତ୍ର ବହୁ ଦିନ ତଳୁ ପେଟ ରୋଗରେ ଆଉ ପାରିକୁ ଚାଲି ଯାଇଥିବା ବେଳେ ମା' ସୂର୍ଯ୍ୟକାନ୍ତୀ ପାତ୍ର ଘର ଛାଡ଼ି ଚାଲି ଯାଇଛନ୍ତି। ଶ୍ରୀତମଙ୍କର ଜଣେ ବଡ଼ ଭାଇ ଥିବା ବେଳେ ସେ କିନ୍ତୁ ବିବାହ ପରେ ନିଜ ଶ୍ୱଶୁର ଘରେ ରହୁଛନ୍ତି। ତେଣୁ ଘର



କହିଲେ ଶ୍ରୀତମ ଓ ତାଙ୍କ ୨ ଭଉଣୀ। ଏକ ଭଙ୍ଗା ଦଦରା, ନୂଆଁଣିଆ ଚାଳ ଘରେ ଏକା ଏକା ଜୀବନ ସଂଘର୍ଷ ଲଢ଼ି ଚାଲିଛନ୍ତି ଶ୍ରୀତମ ।

ସବୁ ଆଡୁ ଅସହାୟ ହୋଇ ପଡ଼ିଥିବା ଶ୍ରୀତମଙ୍କ କାନ୍ଧରେ ନିଜ ୨ ଭଉଣୀଙ୍କ ଦାୟିତ୍ୱ। ପ୍ରାୟ ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ସେ ୨ ଭଉଣୀଙ୍କ ମୁହଁରେ ଦାନା ଦେବାକୁ କରି ଚାଲିଛନ୍ତି ସଂଘର୍ଷ। ଏଥିପାଇଁ ରାତି ପାହିଲେ କାମ ଚିନ୍ତା। କାମ ଯୋଗାଡ଼ କରି କିଛି ଟଙ୍କା ରୋଜଗାର କଲେ ସେମାନଙ୍କ ଚୁଲି ଜଳେ। ଆଉ ୨ ଭଉଣୀଙ୍କୁ ନିଜେ ଶ୍ରୀତମ ହିଁ ରୋଷେଇ କରି ଖାଇବାକୁ ଦେଇଥାନ୍ତି। ଯାହା ବଳେ ତାଙ୍କ ପେଟକୁ ଯାଏ।

୨ ଭଉଣୀ ଏବେ ସ୍କୁଲରେ ପଢୁଥିବା ବେଳେ ଦଶମ ପରେ ନିଜ ପାଠପଢ଼ାରେ ଡୋରି ବାନ୍ଧି ଦେଇଛନ୍ତି ଶ୍ରୀତମ। ଏମିତିକି ସେ ନିଜ ଦୁଇ ଭଉଣୀର ମୁଣ୍ଡ କୁଣ୍ଡାଇ ଦେବା ଠାରୁ ଆରମ୍ଭ କରି ସେମାନଙ୍କୁ ସ୍କୁଲ ପାଇଁ ମଧ୍ୟ ପ୍ରସ୍ତୁତ କରୁଛନ୍ତି। ନିଜେ ପଢ଼ି ନ ପାରିଲେ ବି ୨ ଭଉଣୀଙ୍କୁ କିନ୍ତୁ ପାଠ ପଢିବାକୁ ଉତ୍ସାହିତ କରୁଛନ୍ତି। ହେଲେ ଏବେ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ସରକାରୀ ସାହାଯ୍ୟ ଲୋଡିଛନ୍ତି ଶ୍ରୀତମ।

ଶ୍ରୀତମ କହିଛନ୍ତି, ବାପା ମରି ଯାଇଥିବା ବେଳେ ମା' କୁଆଡ଼େ ଚାଲି ଯାଇଛନ୍ତି। ମା' ଯିବାର ୫,୬ ବର୍ଷ ହେଲାଣି। ୨ ଭଉଣୀଙ୍କୁ ଧରି ବହୁ ଅସୁବିଧାରେ ରହିଛି। ଯାହା ରୋଜଗାର କରୁଛି ସେଥିରେ ଆମେ ଖାଇପିଇ ରହିଛୁ। କେତେବେଳେ ପେଟ ପୁରୁଛି ତ କେତେବେଳେ ଉପାସ ରହୁଛୁ। ବହୁ ଅସୁବିଧାରେ ଚଳୁଛୁ। ଭଉଣୀ ୨ ଜଣଙ୍କୁ ହଷ୍ଟେଲ କି ଆଶ୍ରମରେ ରଖିଦେଲେ ସେମାନେ ଭଲ ଶିକ୍ଷା ପାଇପାରନ୍ତେ, ମୁଁ ବି କାମ ପାଇଁ ବାହାରକୁ ଯାଇପାରନ୍ତି ବୋଲି କହିଛନ୍ତି ଶ୍ରୀତମ ।

ଆମ ଭାଇ ଆମର ସବୁକିଛି । ସେ ଆମକୁ ପୋଷୁଛି, ରୋଷେଇ ବି କରିକି ଦଉଛି। ସେ କାମକୁ ଯାଇ ଟଙ୍କା ଆଣିଲେ ଆମ ଚୁଲି ଜଳେ। ଆମେ ବହୁ କଷ୍ଟରେ ଅଛୁ ବୋଲି କହିଛନ୍ତି ୨ ନିରୀହ ଭଉଣୀ।

ଏନେଇ କନ୍ଧମାଳ ଜିଲ୍ଲା ଚାଇଲଡ ଲାଇନ୍ ଡାଇରେକ୍ଟର ରବି ପଣ୍ଡା କହିଛନ୍ତି, ଚାଇଲଡ ଲାଇନ୍ ଟିମ୍ ଯାଇ ଘଟଣାର ତଦନ୍ତ କରିବେ। ସେମାନେ ନିରାଶ୍ରୟ ଭାବେ ଥିବା ଖବର ପାଇଛି। ୨ ଭଉଣୀଙ୍କୁ ଫୁଲବାଣୀ ଶିଶୁ ମଙ୍ଗଳ କମିଟିରେ ହାଜର କରାଯିବ । ଏହାପରେ ସେମାନଙ୍କୁ ଶିଶୁ ପରିଚର୍ଯ୍ୟା ଅନୁଷ୍ଠାନରେ ଥଇଥାନ କରାଯିବାର ବ୍ୟବସ୍ଥା କରାଯିବ ।

● ଚାଲ ବୁଲିଯିବା



ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ଝାରସୁଗୁଡ଼ା ଜିଲ୍ଲାର ସ୍ଥାନ ସ୍ୱତନ୍ତ୍ର। ଏହି ଜିଲ୍ଲାରେ ରହିଛି ଅନେକ ପର୍ଯ୍ୟଟନ ସ୍ଥଳୀ। ସେଥିମଧ୍ୟରୁ କୋଇଲି ଘୋଘର ଜଳପ୍ରପାତ ଅନ୍ୟତମ। ଏଠାକାର ଘଞ୍ଚ ଅରଣ୍ୟ, ସବୁଜ ବୃକ୍ଷଲତା ତଥା ପାହାଡ଼ର ମନୋରମ ଦୃଶ୍ୟ ପର୍ଯ୍ୟଟକଙ୍କୁ ସର୍ବଦା ମୁଗ୍ଧ କରିଆସିଛି। ବିଶେଷ କରି ନଭେମ୍ବର, ଡିସେମ୍ବର, ଜାନୁଆରୀ ଓ ଫେବୃଆରୀ ମାସରେ ପ୍ରତିଦିନ ବହୁ ପର୍ଯ୍ୟଟକ, ସ୍କୁଲ୍-କଲେଜ୍ ଛାତ୍ରଛାତ୍ରୀ ପିକ୍ନିକ୍ କରିବା ପାଇଁ ଏଠାକୁ ଆସିଥା'ନ୍ତି। ଏଠାରେ ପାହାଡ଼ ଭିତରୁ ଝରିଆସୁଥିବା ନଦୀର କୁଳୁକୁଳୁ ନାଦ ସହିତ ଶୈବ ପୀଠ ମହେଶ୍ୱରନାଥ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥାଏ। ପ୍ରାକୃତିକ ସୁଷମାର ଅପୂର୍ବ ଭଣ୍ଡାରରେ ମଣ୍ଡିତ କୋଇଲି ଘୋଘର ଆଜି ପର୍ଯ୍ୟଟକଙ୍କ ପାଇଁ ଏକ ଅନନ୍ୟ ପିକ୍ନିକ୍ ସ୍ଥଳୀ ଭାବେ ସାରା ଓଡ଼ିଶାରେ ସୁପ୍ରସିଦ୍ଧ।

# ସୌନ୍ଦର୍ଯ୍ୟର ରାଣୀ 'କୋଇଲି ଘୋଘର'

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଅନ୍ତର୍ଗତ କୁଶମେଲ୍ ବାହାଲ୍ ଗାଁ ନିକଟରେ ଅବସ୍ଥିତ କୋଇଲି ଘୋଘର ଜଳପ୍ରପାତ। ସୁନ୍ଦରଗଡ଼ ଜିଲ୍ଲାର ହିମଗିରି ଅଞ୍ଚଳରେ ଅବସ୍ଥିତ ଐତିହାସିକ ଗଡ଼ସୂତା ପର୍ବତ ବକ୍ଷରୁ ସୃଷ୍ଟି ହୋଇ ବୋହି ଆସିଛି ଚିରସ୍ରୋତା ନଦୀଟିଏ। ଏହି ନଦୀର ନାମ ଅହିରାଜ। କେତେ ବାଧାବିଘ୍ନ, ଅଙ୍କାବଙ୍କା ରାସ୍ତା ଦେଇ ପାହାଡ଼, ପର୍ବତ ଓ ଜଙ୍ଗଲ ପାରି ହୋଇ 'ଛୁଇଁ ଖଞ୍ଜ' ଜଙ୍ଗଲ ଦେଇ ଅହିରାଜ ନଦୀ କୋଇଲି ଘୋଘରରେ ପାହାଡ଼ ଉପରୁ ଜୋର୍‌ରେ କଚାଡ଼ି ହୋଇ ପଡୁଛି। ଆଉ ଏଠାରେ ସୃଷ୍ଟି ଜଳାଶୟର ଶୀତଳ ଜଳରେ ପର୍ଯ୍ୟଟକମାନେ ଗାଧୋଇ ପିକ୍‌ନିକ୍‌ର ମଜା ନିଅନ୍ତି। ଏହାର ପାଣି ସ୍ୱଚ୍ଛ ଓ ନିର୍ମଳ। ଗଣ୍ଡର ଜଳରେ ଅଛନ୍ତି ଛୋଟ ବଡ଼ ପ୍ରଜାତିର କଡ଼ୋ ମାଛ, ଯାହା ପର୍ଯ୍ୟଟକମାନଙ୍କ ପାଇଁ ଅନ୍ୟତମ ଆକର୍ଷଣ। ପାଣି ଭିତରକୁ ଖାଦ୍ୟ ପଦାର୍ଥ ଫୋପାଡ଼ିଲେ ସେଗୁଡ଼ିକୁ ଖାଇବା ପାଇଁ ମାଛମାନେ ପାଣି ଉପରକୁ ଆସିଥା'ନ୍ତି। ସୂର୍ଯ୍ୟଙ୍କ ସୁନେଲୀ କିରଣ ଜଳ ପ୍ରପାତ ଉପରେ ପଡ଼ି ପ୍ରତିଫଳିତ ହୁଏ ଇନ୍ଦ୍ରଧନୁର ସପ୍ତରଂଗ। ଏସବୁ ଦୃଶ୍ୟ ଦର୍ଶକମାନଙ୍କ ପାଇଁ ଏକାନ୍ତ ହୃଦୟସ୍ପର୍ଶୀ। ନିକଟସ୍ଥ ଜଙ୍ଗଲରୁ କୁମ୍ଭାଟିଆ, ବଣି, କଜ୍ଜଳପାତି, ଶୁଆ ଓ କୋଇଲି ଆଦି ପକ୍ଷୀମାନଙ୍କର କୂଜନରେ କୋଇଲି ଘୋଘରର ପରିବେଶ ଶିହରଣ ସୃଷ୍ଟି କରେ। କୋଇଲିର କୁହୁକୁହୁ ସ୍ୱର ଓ ଜଳ ପ୍ରପାତର ଘୋଘୋ ଗୁରୁ ଗମ୍ଭୀର ଶବ୍ଦ ଯୋଗୁ ଏହାର ନାମ କୋଇଲି ଘୋଘର ହୋଇଥିବା ଏ ଅଞ୍ଚଳର ଲୋକମାନେ ମତ ଦିଅନ୍ତି। ପାହାଡ଼ର ଘଞ୍ଚ ଅରଣ୍ୟ ଭେଦ କରି ଅହିରାଜ ନଦୀ ମିଳିତ ହୋଇଛି ମହାନଦୀରେ।

ଭକ୍ତ ଚାହେଁ ସର୍ବଦା ଭଗବାନଙ୍କ ପାଖରେ ନିଜକୁ ସମର୍ପି ଦେବାକୁ। ତେଣୁ ଭକ୍ତ ଯେଉଁଠାକୁ ଗଲେ ଖୋଜେ ଏକ ମନ୍ଦିର। କୋଇଲି ଘୋଘରରେ ଅଛି ମହେଶ୍ୱରନାଥଙ୍କ ମନ୍ଦିର। ନଦୀର କୂଳକୁ ଲାଗି ପାହାଡ଼ରେ ରହିଛି ଏହି ମନ୍ଦିରଟି। ଝାରସୁଗୁଡ଼ା ଜିଲ୍ଲାର ଅଷ୍ଟଶମ୍ଭୁ ପୀଠ ମଧ୍ୟରେ ମହେଶ୍ୱରନାଥ ଅନ୍ୟତମ। ପାଣି ଭିତରେ ବୁଡ଼ି ରହିଛି ଶିବଲିଙ୍ଗ। ଏହା ବାହାରକୁ ଦେଖାଯାଏ ନାହିଁ। ଭକ୍ତମାନେ ପାଣି ଭିତରକୁ ହାତ ପଶାଇ ଏହାକୁ ଛୁଇଁବାକୁ ଚେଷ୍ଟା କରନ୍ତି। ଏହି ଶିବ ଲିଙ୍ଗକୁ ଛୁଇଁ ପାରିଲେ ପୁଣ୍ୟ ହୁଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ତେଣୁ ପର୍ଯ୍ୟଟକମାନଙ୍କ ଅନ୍ୟତମ ଆକର୍ଷଣର କେନ୍ଦ୍ର ବିନ୍ଦୁ ହେଉଛି ମହେଶ୍ୱରନାଥ ମନ୍ଦିର। ପ୍ରାୟ ୩୦୦ ବର୍ଷ



ପୂର୍ବେ ଏଠାରେ ଚଟାଣକୁ ପୂଜା କରାଯାଉଥିବା ଜନଶ୍ରୁତିରୁ ଜଣାପଡ଼େ। ଏ ଅଞ୍ଚଳର ଜନସାଧାରଣଙ୍କ ସହଯୋଗରେ ଏଠାରେ ନିର୍ମିତ ହୋଇଛି ବାବା ମହେଶ୍ୱରନାଥଙ୍କ ସଦୃଶ୍ୟ ମନ୍ଦିର। ଶ୍ରାବଣ ମାସ ସୋମବାର ଦିନ ଗୁଡ଼ିକରେ ଏଠାରେ ଶିବ ଭକ୍ତଙ୍କ ଭିଡ଼ ଲାଗି ରହେ। ବାବା ମହେଶ୍ୱର ନାଥ ମନ୍ଦିରରେ ପ୍ରତିବର୍ଷ ଶିବରାତ୍ରି ମହାସମାରୋହରେ ପାଳିତ ହୁଏ। ଏ ଅବସରରେ ବିରାଟ ମେଳା ବସେ। ଜିଲ୍ଲା ତଥା ଜିଲ୍ଲା ବାହାରୁ ଏପରି କି ପଡ଼ୋଶୀ ରାଜ୍ୟରୁ ବହୁ ଭକ୍ତ ଆସି କୋଇଲି ଘୋଘରରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ମହେଶ୍ୱରନାଥଙ୍କ ଦର୍ଶନ କରି ପା'ନ୍ତି ଅପାର ଆନନ୍ଦ ଓ ଶାନ୍ତି। ସୋହନ ସ୍ୱାମୀ ନାମକ ଜଣେ ସିଦ୍ଧ ସାଧକ ପ୍ରାୟ ୧୫୦ ବର୍ଷ ତଳେ ଏଠାର ଅବସ୍ଥାନ କରୁଥିଲେ। 'ଆତ୍ମଗୀତା' ନାମକ ଏକ ଗ୍ରନ୍ଥ ମଧ ରଚନା କରିଥିଲେ ସୋହନ ସ୍ୱାମୀ। ତାଙ୍କର ପୋଥିପତ୍ରକୁ ଏବେ ବି ପୂଜା କରାଯାଉଛି। ବର୍ତ୍ତମାନ ଏଠାରେ ଥିବା ଶାନ୍ତି କୁଟୀର ଆଶ୍ରମରେ ମଧ ସ୍ୱାମୀ ମୋହନ ବାବାଙ୍କ ଭକ୍ତ ବାବାମାନେ ରହୁଛନ୍ତି।

ଝାରସୁଗୁଡ଼ା ସହରଠାରୁ ୫୭ କିଲୋମିଟର ଦୂରରେ ଅବସ୍ଥିତ କୋଇଲି ଘୋଘର ଜଳପ୍ରପାତ। ଏଠାକୁ ଯିବାକୁ ହେଲେ ରାଜଧାନୀ ଭୁବନେଶ୍ୱରରୁ ଝାରସୁଗୁଡ଼ାକୁ ସଡ଼କ ଓ ରେଳପଥର ବ୍ୟବସ୍ଥା ରହିଛି। ସଡ଼କ ପଥରେ ଆସିବା ପାଇଁ ଇଚ୍ଛୁକ ପର୍ଯ୍ୟଟକମାନଙ୍କୁ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ସରକାରୀ ବସ୍‌ରେ ସିଧାସଳଖ ଝାରସୁଗୁଡ଼ାକୁ ଆସିବାକୁ ପଡ଼ିବ। ସେହିପରି ରେଳପଥରେ ଆସିବାକୁ ହେଲେ ଭୁବନେଶ୍ୱରର ରେଲୱେ ଷ୍ଟେସନ୍‌ରୁ ପୁରୀ ହାଓ୍ୱଡ଼ା ତପସ୍ୱିନୀ ଏକ୍ସପ୍ରେସ୍, ସାପ୍ତାହିକ ପୁରୀ-ଯୋଧପୁର ଏକ୍ସପ୍ରେସ୍ (ସପ୍ତାହରେ ଥରେ), ପୁରୀ ହରିଦ୍ୱାର ଉତ୍କଳ ଏକ୍ସପ୍ରେସ୍ ଓ ପୁରୀ ରାଉରକେଲା ପାସେଞ୍ଜର ଟ୍ରେନ୍‌ରେ ଯାତ୍ରୀମାନେ ଆସିପାରିବେ। କିନ୍ତୁ ଝାରସୁଗୁଡ଼ାରୁ କୋଇଲି ଘୋଘରକୁ କୌଣସି ସ୍ୱତନ୍ତ୍ର ବସ୍ ବା ଗାଡ଼ି ଯାଏ ନାହିଁ। ତେଣୁ ପର୍ଯ୍ୟଟକମାନେ ସ୍ୱତନ୍ତ୍ର ଗାଡ଼ି ବ୍ୟବସ୍ଥା କରି କୋଇଲି ଘୋଘର ଯାଇପାରିବେ।

# ଘରେ ପ୍ରସ୍ତୁତ କରନ୍ତୁ କାଠି ଚିକେନ

● ରୋଷଇ



ଆବଶ୍ୟକ ସାମଗ୍ରୀ: ବୋନଲେସ ଚିକେନ, ଦହି, ଲେମ୍ବୁରସ, ଲୁଣ, ଲଙ୍କାଗୁଣ୍ଡ, ଗରମ ମସଲା, ଅଦାରସୁଣ ବଟା, ହଳଦୀ ଗୁଣ୍ଡ, ରିଫାଇନ ତେଲ, ଶାଳପତ୍ର, ଆଲୁମିନିୟମ ଫଏଲ ଓ ଗୋଲ ମରିଚ ଗୁଣ୍ଡ

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବଜାରରୁ ବୋନଲେସ ଚିକେନ ଆଣି ଭଲ ଭାବେ ଧୋଇ ଏକ ପାତ୍ରରେ ରଖନ୍ତୁ। ସେଥିରେ ଦହି, ଲେମ୍ବୁରସ ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାଇ ଦିଅନ୍ତୁ। ୧୫ ମିନିଟ୍ ପରେ ସେଥିରେ ଲଙ୍କାଗୁଣ୍ଡ, ଗରମ ମସଲା, ଅଦାରସୁଣ ବଟା ଓ ହଳଦୀ ଗୁଣ୍ଡ ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ତା'ସହିତ କିଛି ରିଫାଇନ ତେଲ ଓ ଗୋଲମରିଚ ଗୁଣ୍ଡ ପକାଇ ଗୋଳାଇ ରଖନ୍ତୁ।

ଏହା ପରେ ବାଉଁଶ କାଠିରେ ମସଲା ଗୋଳା ଚିକେନକୁ ପୂରାଇ ତାକୁ ଶାଳପତ୍ରରେ ଗୁଡାଇ ଦିଅନ୍ତୁ। ଚିକେନ ଯେମିତି ଅଧିକ ନ ପୋଡ଼ିଯିବ ସେଥିପାଇଁ ତା'ଉପରେ ଆଲମୁନିୟମ ଫଏଲର କଭର ଦେଇ ଦିଅନ୍ତୁ। ଏହା ପରେ ଧିମା ଆଞ୍ଚରେ ଗ୍ୟାସ ଚୁଲା ଉପରେ ଛାଞ୍ଚ ଦ୍ୱାରା ଏହାକୁ ପୋଡ଼ନ୍ତୁ। ମଝିରେ ମଝିରେ ଏହାକୁ ଲେଉଟାଇ ଦିଅନ୍ତୁ। ୧୫ରୁ ୨୦ ମିନିଟ୍ ପରେ ଏହାକୁ ଗ୍ୟାସ ଚୁଲାରୁ ବାହାର କରି ଦିଅନ୍ତୁ। ପରେ ସେଥିରେ ରିଫାଇନ ତେଲ ମାରି ନିଆଁରେ ପୁଣି ଥରେ ପୋଡ଼ନ୍ତୁ। ପ୍ରସ୍ତୁତ ହୋଇଗଲା କାଠି ଚିକେନ।

● ଫ୍ୟାସନ୍



# ସୁନ୍ଦର ଓଠ ପାଇଁ ହଳଦୀ

ସୁନ୍ଦର ତ୍ୱଚା ସହ ସୁନ୍ଦର ଓଠ ସମସ୍ତଙ୍କୁ ଦରକାର। ସେଥିପାଇଁ ଆମେ ବହୁତ କିଛି କସ୍‌ମେଟିକ ଜିନିଷ ବଜାରରୁ ଆଣି ବ୍ୟବହାର କରିଥାଉ। କେତେ କ'ଣ ଲଗାଇଥାଉ। କିନ୍ତୁ ପ୍ରାକୃତିକ ଉପାୟରେ ମଧ୍ୟ ଓଠ ସୁନ୍ଦର ହୋଇପାରିବ। ରୋଷେଇ ଘରେ ପ୍ରତିଦିନ ବ୍ୟବହାରରେ ଲାଗୁଥିବା ହଳଦୀ ଓଠର ସୁନ୍ଦରତାକୁ ଦ୍ୱିଗୁଣିତ କରିପାରିବ।

ହଳଦୀରେ ଥିବା ଅନେକ ଔଷଧୀୟ ଗୁଣ ଶରୀରପାଇଁ ଯେତିକି ଉପକାରୀ ତ୍ୱଚା ପାଇଁ ମଧ୍ୟ ସେତିକି ଲଭାଦାୟୀ। ଏହା ଆମ ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ଏଥିରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ଆମ ତ୍ୱଚାକୁ ଅଧିକ ଲାଭ ପଞ୍ଚାଇଥାଏ। ସେଥିପାଇଁ କିଛି ନାଚୁରାଲ ବିୟୁଟି ପ୍ରଡକ୍ଟ ପାଇଁ ଏହାକୁ ବ୍ୟବହାର କରାଯାଏ।

ସାଧାରଣତଃ ଫେସପ୍ୟାକ୍, ହେୟାର ପ୍ୟାକ୍ ,ସ୍କର୍ବ ପାଇଁ ହଳଦୀକୁ ବିଶେଷ ରୂପେ ବ୍ୟବହାର କରାଯାଇଥାଏ। କେବଳ ସେତିକି ନୁହେଁ ଓଠର କଳାପଣ, ଓଠ ଫାଟିବା ସମସ୍ୟା ଦୂର କରିବା ପାଇଁ ମଧ ହଳଦୀ କାମରେ ଆସିଥାଏ।

ଶୀତ ଦିନ ରେ ଓଠ ଫାଟିବା ସହ ଆମ ଓଠ କଳା ପଡିଯାଇଥାଏ। ସେଥିପାଇଁ ହଳଦୀର ଲିପ ବାମ୍ ଏବଂ ସ୍କର୍ବ ଓଠ ପାଇଁ ବେଶ୍ ଲାଭଦାୟକ। ତେବେ ହଳଦୀ ଦ୍ୱାରା ଘରେ ବସି ଲିପ ବାମ୍ ଓ ସ୍କର୍ବ କିପରି ତିଆରି କରିପାରିବେ ଆସନ୍ତୁ ଜାଣିବା

**ଲିପ ବାମ୍ ତିଆରି କରିବାର ପ୍ରଣାଳୀ-** ୨ ଚାମଚ ପେଟ୍ରୋଲିଅମ ଜେଲି ବା ଦେଶୀ ଘିଅରେ ଗୋଟିଏ ଚାମଚ ଗ୍ଲିସେରିନ୍ ?, ୧ ଚାମଚ ମହୁ ସହ ଏଥିରେ କିଛି ଟି- ଟ୍ରି ଅୟଲ, ଏବଂ ଅଳ୍ପ କିଛି ହଳଦୀ ମିଶାଇ ୩ ଘଣ୍ଟା ଫ୍ରିଜରେ ରଖିଦିଅନ୍ତି। ଏହାପରେ ଏହି ପେଷ୍ଟକୁ ଆପଣ ଲିମ୍ ବାମ୍ ଭଳି ପ୍ରତିଦିନ ନିଜ ଓଠରେ ଲଗାଇପାରିବେ। ଶୀତ ଦିନେ ଏହି ଲିପ୍‌ବାମ୍‌କୁ ପ୍ରତିଦିନ ବ୍ୟବହାର କରିବା ଦ୍ୱାରା ଆପଣଙ୍କ ଓଠି ଫାଟିବା ସମସ୍ୟା ଦୂର ହୋଇଯିବ।

ଲିପ ସ୍କ୍ରବ ପ୍ରଣାଳୀ- ଏଥିପାଇଁ କିଛି ଚିନି, ଗ୍ରୀନ-ଟି' ପାଉଡର, ଯେକୌଣସି ତେଲ ଆପଣ ନେଇ ପାରିବେ, ୧ ଚାମଚ ଲେମ୍ବୁ ରସ ସହ ଅଳ୍ପ ହଳଦୀ ମିଶାଇ ଦିଅନ୍ତୁ। ଏହି ପେଷ୍ଟକୁ ଆପଣ ସ୍କ୍ରବ ଭାବେ ସପ୍ତାହରେ ୩ଥର ବ୍ୟବହାର କରିପାରିବେ। ଏହି ସ୍କ୍ରବ ଆପଣଙ୍କ ଓଠକୁ ନରମ ରଖିବାରେ ସାହାଯ୍ୟ କରିବ।

# ଭାରତୀୟଙ୍କୁ ହୃଦରୋଗ୍‌ର ଆଶଙ୍କା ବେଶୀ

● ସ୍ୱାସ୍ଥ୍ୟ



ଭାରତରେ ହୃଦ୍‌ରୋଗ ବଢ଼ିବାରେ ଲାଗିଛି । ଏପର୍ଯ୍ୟନ୍ତ ଧାରଣା ଥିଲା, ଧମନୀଗୁଡ଼ିକର ପରିଧି କମ୍ ହେବା ଯୋଗୁ ଲୋକେ କୋରୋନାରୀ ଆର୍ଟରୀ ଡିଜିଜ୍ (ଏକ ହୃଦ୍‌ରୋଗ)ର ଶିକାର ହୁଅନ୍ତି । କିନ୍ତୁ ଏକ ସଦ୍ୟ ଅଧ୍ୟୟନ ଏହାକୁ ଖଣ୍ଡନ କରିଛି । ଦିଲ୍ଲୀର ସାର ଗଙ୍ଗାରାମ ହସ୍‌ପିଟାଲର କାର୍ଡିଓଲୋଜି ଓ ରେଡିଓଲୋଜି ଡିପାର୍ଟମେଣ୍ଟର ରିସର୍ଚ୍ଚ ଅନୁସାରେ, ବ୍ୟକ୍ତି ଶରୀରର ପୃଷ୍ଠ କ୍ଷେତ୍ରଫଳ କମ୍ ହେବା ଯୋଗୁ ଏହା ହୋଇଥାଏ। କୋରୋନାରୀ ଆର୍ଟରୀ ଡିଜିଜ୍ (ସିଏଡି) ଏଭଳି ଏକ ହୃଦ୍‌ରୋଗ, ଯେଉଁଥିରେ ହୃତ୍ ?ପିଣ୍ଡର ଆବଶ୍ୟକ ଧମନୀ ଅଚଳ ହୋଇଯାଏ। ଏହାର ସାଧାରଣ କାରଣ ଧମନୀରେ ଚର୍ବି ଜମିବା । ଏହା ଦ୍ୱାରା ରକ୍ତ ପ୍ରବାହ ହ୍ରାସପାଏ, ଯାହା ଛାତିରେ ଯନ୍ତ୍ରଣାଠୁ ଆରମ୍ଭ କରି ହୃଦ୍‌ଘାତର କାରଣ ହୋଇପାରେ ।

ଜର୍ନାଲ ଅଫ୍ ଇଣ୍ଡିଆନ୍ କଲେଜ ଅଫ୍ କାର୍ଡିଓଲୋଜିରେ ପ୍ରକାଶିତ ଏହି ଅଧ୍ୟୟନରେ ୨୫୦ ଜଣଙ୍କୁ ସାମିଲ କରାଯାଇଥିଲା । ହସ୍‌ପିଟାଲର କାର୍ଡିଓଲୋଜି ବିଭାଗର ଚେୟାରମ୍ୟାନ୍ ଡା. ଜେପିଏସ୍ ସାହନୀ କହିଛନ୍ତି, ଅଧ୍ୟୟନରେ ସାମିଲ ଲୋକଙ୍କ ମଧ୍ୟରୁ ୫୧ ପ୍ରତିଶତଙ୍କୁ ଉଚ୍ଚ ରକ୍ତଚାପ ଏବଂ ୧୮ ପ୍ରତିଶତଙ୍କୁ ମଧୁମେହ ଥିଲା । ୪ ପ୍ରତିଶତ ଧୂମପାନରେ ଅଭ୍ୟସ୍ତ ଥିଲେ, ୨୮ ପ୍ରତିଶତଙ୍କୁ ଉଚ୍ଚ କୋଲେଷ୍ଟରଲ୍ ? ଓ ଚର୍ବି ସମସ୍ୟା ଥିଲା । ୨୬ ପ୍ରତିଶତଙ୍କ ପରିବାରରେ ହୃଦ୍‌ରୋଗର ଇତିହାସ ଥିଲା। ଗବେଷଣାରୁ ଜଣାପଡ଼ିଲା, ପୁରୁଷଙ୍କ ତୁଳନାରେ ମହିଳାଙ୍କ ରକ୍ତ ବାହିକାଗୁଡ଼ିକର ହାରାହାରି ପରିଧି ଖୁବ୍ କମ୍ ହୋଇଥାଏ ।

ତେବେ ବଡି ସର୍‌ଫେସ୍ ଏରିଆ (ବିଏସ୍‌ଏ) ବା ଶରୀର ପୃଷ୍ଠ କ୍ଷେତ୍ରଫଳ ଆଗରେ ଉଭୟଙ୍କ ଧମନୀଗୁଡ଼ିକର ପରିଧିର ମାନ ଗୁରୁତ୍ୱପୂର୍ଣ୍ଣ ହୋଇନଥାଏ । ସମଗ୍ର ବିଶ୍ୱର ବିଶେଷଜ୍ଞଙ୍କ କହିବା ଅନୁସାରେ, ଏସୀୟ ଲୋକ, ଖାସ୍ ?କରି ଭାରତୀୟଙ୍କ ଧମନୀ ଗୁଡ଼ିକର ପରିଧି କମ୍ ହେବା ଯୋଗୁ ଏଥିରେ ଚର୍ବି ଜମିବା ଆଶଙ୍କା ଅଧିକ । କିନ୍ତୁ ସଦ୍ୟ ଅଧ୍ୟୟନ ପ୍ରମାଣ କରୁଛି ଯେ ଭାରତୀୟଙ୍କ ଧମନୀ ଛୋଟ ନୁହେଁ । ଶରୀର ପୃଷ୍ଠର କ୍ଷେତ୍ରଫଳ କମ୍ ? ହେବା ଯୋଗୁ ସେମାନଙ୍କୁ ସିଏଡି ଆଶାଙ୍କା ଥାଏ ।

# ଆଖି ତଳେ ପଡୁଛି କି କଳା ଦାଗ୍ ?

ଆଖି ଚାରିପଟେ କଳାଦାଗ ସମସ୍ୟା ମହିଳାଙ୍କ ଏକ ମୁଖ୍ୟ ସମସ୍ୟା। ନିଦ ପୂରା ନ ହେବା, ମାନସିକ ଚିନ୍ତା, ବେଶୀ ସମୟ ଖରାରେ ବୁଲିବା, ଆଖିକୁ ହାଲିଆ ଲାଗୁଥିବା ଭଳି କାମ କରିବା, ଖାଦ୍ୟପେୟରେ ପୋଷକର ଅଭାବ ଯୋଗୁଁ ଆଖି ତଳେ କଳା ଦାଗ ହୋଇଥାଏ। ସାଇନୋସାଇଟିସ୍ (ବନ୍ଦ ନାକ ସମସ୍ୟା,ଆଲର୍ଜୀ ଏବଂ ଶ୍ୱାସ ରୋଗରେ ପୀଡ଼ିତ ଥିଲେ ଆଖିତଳେ କଳା ଦାଗ ହୋଇଥାଏ। ଏହା ବ୍ୟତୀତ ଡେଲିଭରି ପରେ ମହିଳାମାନଙ୍କର ଏହି ସମସ୍ୟା ଅଧିକ ଦେଖାଯାଇଥାଏ। ବଂଶଗତ କାରଣ ଯୋଗୁଁ ମଧ୍ୟ ଏପରି ହୋଇଥାଏ। ଏହିଭଳି ପରିସ୍ଥିତିରେ ଯଦି ସାମାନ୍ୟ କଳାଦାଗ ବି ହୋଇଥାଏ ତାହା ସ୍ପଷ୍ଟ ରୂପେ ଦେଖାଯାଏ। ଆଖିର ଆଖପାଖ ସ୍ଥାନ କୋମଳ ଏବଂ ସ୍ୱଚ୍ଛ ହୋଇଥାଏ। ଏଥିପାଇଁ ପ୍ରଦୂଷଣ ଏବଂ ଖରା ସଂସ୍ପର୍ଶରେ ଆସିବା ଦ୍ୱାରା ଆଖି ତଳେ ସବୁଠୁ ପ୍ରଥମେ ରଙ୍ଗ ପରିବର୍ତ୍ତନ ହୋଇ କଳା ପଡ଼ିଥାଏ।

**କ'ଣ କଲେ ଦୂର ହୋଇଥାଏ ?**

- ପ୍ରତିଦିନ ଅତି କମରେ ଆଠ ଘଣ୍ଟା ବିଶ୍ରାମ କରନ୍ତୁ।
- ଦିନରେ ଘରୁ ବାହାରିବା ବେଳେ ସନଗ୍ଲାସ୍ ପିନ୍ଧିବାକୁ ଭୁଲନ୍ତୁ ନାହିଁ।
- ଯଦି ଆଖି ଚାରିପଟେ କଳାଦାଗ ଦେଖାଯାଏ ତେବେ କଞ୍ଚାଆଳୁ ଏବଂ କାକୁଡ଼ିକୁ ଲଗାନ୍ତୁ।
- ଦିନକୁ ଅତି କମରେ ଦୁଇ ତିନିଥର ତ୍ୱଚାରେ ମଇଶ୍ଚରାଇଜର ଲଗାନ୍ତୁ। ଭିଟାମିନ୍ ସି, କେ ଏବଂ ଇ ଯୁକ୍ତ ନାଇଟ୍ କ୍ରିମ୍ ବ୍ୟବହାର କରନ୍ତୁ।
- ଦିନକୁ ଅତି କମରେ ଆଠରୁ ଦଶ ଗ୍ଲାସ୍ ପାଣି ପିଅନ୍ତୁ।
- ନିଜ ଖାଦ୍ୟରେ ଫଳ, ବା ଫଳ ରସ, ଲସି ଏବଂ ଲେମ୍ବୁ ପାଣି ପିଅନ୍ତୁ।
- ଚିନ୍ତାମୁକ୍ତ ରୁହନ୍ତୁ।

# ତ୍ୱଚା କୁଞ୍ଚନ ଦୂର କରିବ ନଡିଆ ତେଲ

ନୂଆଦିଲ୍ଲୀ: ସାଧାରଣତଃ ବୟସ ବଢ଼ିବା ସହ ଧୀରେ ଧୀରେ ସୌନ୍ଦର୍ଯ୍ୟ ମଧ ହ୍ରାସ ପାଇଥାଏ । ବିଶେଷ କରି ଏହାର ପ୍ରଭାବ ମୁଖ୍ୟତଃ ମୁହଁରେ ପ୍ରଥମେ ଦେଖାଯାଇଥାଏ । ଆଖି ତଳ କଳା ପଡିବା, ଚର୍ମ କୁଞ୍ଚନ ବା ରିଙ୍କଲ୍ସ ହେବା ଭଳି ସମସ୍ୟା ଆସିଥାଏ । ଏହି ସମସ୍ୟାକୁ ଦୂର କରିବା ପାଇଁ ଅନେକ ଲୋକେ ଡାକ୍ତରଙ୍କ ସହାୟତା ନେଇଥାନ୍ତି । ତେବେ କମ୍ ଖର୍ଚ୍ଚରେ ମଧ ଘରୋଇ ଉପଚାରରେ ଏହି ସମସ୍ୟାରୁ ମୁକ୍ତି ମିଳିପାରିବ ।



- ଗୋଟିଏ ଚାମଚ ଦହି ସହ ଗୋଟିଏ ଚାମଚ ମହୁ ମିଶାନ୍ତୁ । ଏଥିରେ କିଛି ବୁନ୍ଦା ଗୋଲାପ ଜଳ ପକାଇ ଏକ ମିଶ୍ରଣ ତିଆରି କରନ୍ତୁ । ଏହାକୁ ୨୦ ମିନିଟ ଯାଏଁ ମୁହଁରେ ଲଗାଇ ରଖନ୍ତୁ । ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏହା ଦ୍ୱାରା ମୁହଁରୁ ରିଙ୍କଲ୍ସ ଦୂର ହେବା ସହ ତ୍ୱଚା ସଫା ହୋଇଯାଇଥାଏ ।
- ଗୋଟିଏ ଚାମଚ ନଡିଆ ତେଲରେ ଗୋଟିଏ ଚୁଟକି ହଳଦି ପାଉଡର ମିଶାନ୍ତୁ । ଏହି ମିଶ୍ରଣକୁ ରିଙ୍କଲ୍ସ ହୋଇଥିବା ସ୍ଥାନରେ ଲଗାଇ ୨୦ ମିନିଟ୍ ପର୍ଯ୍ୟନ୍ତ ଛାଡି ଦିଅନ୍ତୁ । ଏହାପରେ ଧୋଇ ଦିଅନ୍ତୁ ।
- ରାତିରେ ଶୋଇବା ପୂର୍ବରୁ ନଡିଆ ତେଲରେ ମୁହଁର ମାଲିସ କରନ୍ତୁ । ସକାଳୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ଏହାଦ୍ୱାରା ତ୍ୱଚା ହାଇଡ୍ରେଟ ହେବା ସହ ରିଙ୍କଲ୍ସ ଦୂର ହୋଇଥାଏ ।
- ଏଲୋବେରା ଜେଲ, ଦହି ଏବଂ କାକୁଡି ରସକୁ ଏକାଠି ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ । ଏହି ମିଶ୍ରଣକୁ ମୁହଁରେ ଲଗାଇ ୨୦ ମିନିଟ ଯାଏଁ ମାଲିସ କରି ଧୋଇ ଦିଅନ୍ତୁ ।
- ଦହିରେ କାକୁଡି ରସ ମିଶାଇ ୨୦ ମିନିଟ ପର୍ଯ୍ୟନ୍ତ ମୁହଁରେ ଏହି ପେଷ୍ଟକୁ ଲଗାଇ ରଖନ୍ତୁ। ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ସପ୍ତାହ ଭିତରେ ୨ ରୁ ୩ ଥର ଏହି ଉପାୟକୁ କରନ୍ତୁ । ଏହାଦ୍ୱାରା ତ୍ୱଚାର ଉଜ୍ଜ୍ୱଳତା ବଢ଼ିବା ସହ ମୁହଁରେ ପଡିଥିବା କୁଞ୍ଚନ ବା ରିଙ୍କଲ୍ସ ମଧ ଧୀରେ ଧୀରେ କମିଯିବ ।

# ବିଶ୍ୱ ଜନସଂଖ୍ୟା: ୨୦୨୩ରେ ଚାଇନାକୁ ପାର କରିବ ଭାରତ

ନୂଆଦିଲ୍ଲୀ: ବିଶ୍ୱଜନସଂଖ୍ୟା ଆଜି ଅର୍ଥାତ ୨୦୨୨ ମସିହା ନଭେମ୍ବର ୧୫ରେ ୮୦୦ କୋଟି ପାର କରିଛି। ୧୯୭୪ରେ ବିଶ୍ୱର ଜନସଂଖ୍ୟା ୪ ବିଲିୟନ ଅର୍ଥାତ ୪୦୦ କୋଟି ଛୁଇଁଥିଲା। ୪୮ ବର୍ଷ ମଧ୍ୟରେ ବିଶ୍ୱର ଜନସଂଖ୍ୟା ୨ ଗୁଣ ବଢ଼ିଛି। ସେହିପରି ସବୁଠାରୁ ଦ୍ରୁତଗତିରେ ବିଶ୍ୱର ଜନସଂଖ୍ୟା ୧୦୦ କୋଟି ଅତିକ୍ରମ କରିଛି। ବିଶ୍ୱ ଜନସଂଖ୍ୟା ୧୦୦ କୋଟି ବଢ଼ିବା ପାଇଁ ଏଥର ମାତ୍ର ୧୧ ବର୍ଷ ସମୟ ଲାଗିଛି। ୨୦୧୧ ମସିହା ଅକ୍ଟୋବର ମାସରେ ବିଶ୍ୱ ଜନସଂଖ୍ୟା ୭୦୦ କୋଟିର ମାର୍କ ପାର କରିଥିଲା। ମିଳିତ ଜାତିସଂଘ ପକ୍ଷରୁ ଏହି ସୂଚନା ଦିଆଯାଇଛି।

ଜାତିସଂଘ ପପୁଲେସନ ଫଣ୍ଡ କହିଛି, ମାନବୀୟ ସଫଳତାର ପରିପ୍ରକାଶ ହେଉଛି ଜନସଂଖ୍ୟା ଅଭିବୃଦ୍ଧିର ଗୋଟିଏ ଉଦାହରଣ। ଏହି ମାନବୀୟ ସଫଳତା ମଧ୍ୟରେ ଦାରିଦ୍ର୍ୟ ଦୂରିକରଣ, ଲିଙ୍ଗଗତ ବୈଷମ୍ୟ ହ୍ରାସ, ଆଧୁନିକ ସ୍ୱାସ୍ଥ୍ୟ ସେବା ଓ ଶିକ୍ଷାର ପରିସୀମା ବୃଦ୍ଧି ଇତ୍ୟାଦି ରହିଛି।

୧୯ତମ ଶତାବ୍ଦୀରେ ବିଶ୍ୱରେ ମାତ୍ର ୧.୬ ବିଲିୟନ ଲୋକ ରହିଥିଲେ। ଏହାପରେ ଜନସଂଖ୍ୟା ପ୍ରାୟ ୫ ଗୁଣ ବଢ଼ିଛି। ଆକଳନ ଅନୁସାରେ, ବିଶ୍ୱ ଜନସଂଖ୍ୟା ୯୦୦ କୋଟି ଛୁଇଁବାକୁ ଆଉ ୧୫ ବର୍ଷ ସମୟ ଲାଗିବ। ସେହିପରି ୯୦୦ କୋଟିରୁ ୧୦୦୦ କୋଟିରେ ପହଞ୍ଚିବା ପାଇଁ ସମସ୍ତଙ୍କୁ ଆଉ ୨୧ ବର୍ଷ ଅପେକ୍ଷା କରିବାକୁ ପଡ଼ିବ।

ଏକବିଂଶ ଶତାବ୍ଦୀର ଶେଷ ବେଳକୁ ବିଶ୍ୱ ଜନସଂଖ୍ୟା ୧୦.୪୩ ବିଲିୟନ ସ୍ତରରେ ପହଞ୍ଚି ଯାଇଥିବ। ଏହାପରେ ଧୀରେଧୀରେ ଏହା ହ୍ରାସ ପାଇବା ଆରମ୍ଭ ହେବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ୧୮୦୫ରେ ବିଶ୍ୱର ଜନସଂଖ୍ୟା ୧୦୦ କୋଟି ଥିଲା। ଏହାର ୧୨୦ ବର୍ଷ ପରେ ଅର୍ଥା ୧୯୨୫ରେ ଏହା ୨୦୦



କୋଟି, ୧୯୬୦ରେ ୩୦୦ କୋଟି, ୧୯୭୫ରେ ୪୦୦ କୋଟି, ୧୯୮୭ରେ ୫୦୦ କୋଟି, ୧୯୯୯ରେ ୬୦୦ କୋଟି, ୨୦୧୧ରେ ୭୦୦ କୋଟି ଓ ୨୦୨୨ରେ ଏହା ୮୦୦ କୋଟି ଛୁଇଁଛି। ୨୦୩୭ ବେଳରୁ ଏହା ୯୦୦ କୋଟି ଓ ୨୦୫୮ ବେଳକୁ ବିଶ୍ୱର ଜନସଂଖ୍ୟା ୧୦୦୦ କୋଟି ଛୁଇଁବ।

ଅନ୍ୟପକ୍ଷରେ ଆସନ୍ତା ୨୦୨୩ ବେଳକୁ ଭାରତ ଜନସଂଖ୍ୟା ମାମଲାରେ ଚାଇନାକୁ ଟପି ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଏବେ ଚାଇନା ଓ ଭାରତର ଜନସଂଖ୍ୟା ବିଶ୍ୱରେ ସର୍ବାଧିକ। ଜତିସଂଘର ଆକଳନ ଅନୁଯାୟୀ, ଆସନ୍ତା ଗୋଟିଏ ବର୍ଷ ପରେ ଭାରତର ଜନସଂଖ୍ୟା ଚାଇନାକୁ ଅତିକ୍ରମ କରିଯିବ। ବର୍ତ୍ତମାନର ଚାଇନାର ଜନସଂଖ୍ୟା ୧୪୪ ବିଲିୟନ ଥିବା ବେଳେ ଭାରତର ଜନସଂଖ୍ୟା ୧୩୮ ବିଲିୟନ ରହିଛି।

ଆମେରିକାର ଜନସଂଖ୍ୟା ୩୩୧ ମିଲିୟନ, ଇଣ୍ଡୋନେସିଆର ୨୭୩.୫୨ ମିଲିୟନ, ପାକିସ୍ତାନର ୨୨୦.୮୯ ମିଲିୟନ, ବ୍ରାଜିଲର ୨୧୨.୫୬ ମିଲିୟନ, ନାଇଜେରିଆର ୨୦୬.୧୪ ମିଲିୟନ, ବାଂଲାଦେଶର ୧୬୪.୬୯ ମିଲିୟନ, ରୁଷର ୧୪୫.୯୩ ମିଲିୟନ ଓ ମେକ୍ସିକୋର ଜନସଂଖ୍ୟା ୧୨୮.୯୩ ମିଲିୟନ ରହିଛି। ଚଳିତ ବର୍ଷ ଠାରୁ ଚାଇନାର ଜନସଂଖ୍ୟା ହ୍ରାସ ପାଇବା ଆରମ୍ଭ କରିଛି। ଏହାର ଅର୍ଥ ଆଗକୁ ମଧ୍ୟ ବେଜିଂ ଜନସଂଖ୍ୟା ତଳକୁ ଖସିବ। କିନ୍ତୁ ଭାରତର ଜନସଂଖ୍ୟା ୨୦୬୪ ଯାଏ ତଳ ମୁହାଁ ହେବାର କୌଣସି ସମ୍ଭାବନା ନାହିଁ। ବିକଶିତ ଦେଶଗୁଡ଼ିକ ଅପେକ୍ଷା ବିକାଶୀଳ ରାଷ୍ଟ୍ର ଗୁଡ଼ିର ଜନସଂଖ୍ୟା ଅଧିକ ବେଗରେ ବୃଦ୍ଧି ପାଉଥିବା ଜାତିସଂଘ କହିଛି।

## ଆଗାମୀ ଶତାବ୍ଦୀରେ କୀଟପତଙ୍ଗ ବିଲୁପ୍ତ ହୋଇଯିବେ

ନୂଆଦିଲ୍ଲୀ: ଜଳବାୟୁ ପରିବର୍ତ୍ତନ ଯୋଗୁ ମଣିଷ ବହୁ କ୍ଷତିର ସମ୍ମୁଖୀନ ହେଉଥିବାବେଳେ ଏକ ନୂତନ ଅଧ୍ୟୟନ ବଳରେ ଚକିତ କଲା ଭଳି ତଥ୍ୟ ସାମ୍ନାକୁ ଆସିଛି। ପାଗ ପରିବର୍ତ୍ତନ ଯୋଗୁ ଆଗାମୀ ଶତାବ୍ଦୀରେ ଅଧିକାଂଶ କୀଟପତଙ୍ଗ ବିଲୁପ୍ତ ହୋଇଯିବେ। ପୃଥିବୀର ପ୍ରାୟ ୬୫ ପ୍ରତିଶତ କୀଟପତଙ୍ଗଙ୍କ



ଆଉ ସତ୍ତା ରହିବନି। ଏ ବିଷୟରେ ସବିଶେଷ ବିବରଣୀ ଜଳବାୟୁ ପରିବର୍ତ୍ତନ ପତ୍ରିକାରେ ପ୍ରକାଶ ପାଇଛି। ଯେଉଁଥିରେ କୁହାଯାଇଛି ଯେ, ତାପଜ ଚାପ ଯୋଗୁ ପରିବର୍ତ୍ତନ ହେଉଥିବା ଜଳବାୟୁ ପଶୁ ବଂଶ ଉପରେ ଘୋର ପ୍ରଭାବ ପକାଇପାରେ। ଜଳବାୟୁ ପରିବର୍ତ୍ତନ ଦ୍ୱାରା କୀଟ ସଂଖ୍ୟା କିପରି ପ୍ରଭାବିତ ହୁଏ ତାହା ଜାଣିବା ପାଇଁ ଏକ ମଡେଲିଂ ଉପକରଣ ଆବଶ୍ୟକ ଥିଲା। ଯାହା ଆମେ ପ୍ରସ୍ତୁତ କରିପାରିଛୁ ବୋଲି ନାସାର ଜଣେ ବୈଜ୍ଞାନିକ କହିଛନ୍ତି।

ଆସନ୍ତା ଶତାବ୍ଦୀରେ ଦ୍ରୁତ ଜଳବାୟୁ ପରିବର୍ତ୍ତନ ଯୋଗୁ କୀଟପତଙ୍ଗଙ୍କ ଜୀବନ ପ୍ରତି କେତେ ମାରାତ୍ମକ ହେବ ତାହା ମଧ୍ୟ ପରୀକ୍ଷା ନୀରୀକ୍ଷା କରାଯାଥିଲା। ଅଧ୍ୟୟନରୁ ଜଣାପଡ଼ିଛି। ୩୮ ଟି କୀଟପତଙ୍ଗ ପ୍ରଜାତି ମଧ୍ୟରୁ ୨୫ ଟି ବିଲୁପ୍ତ ହେବା ଆଶଙ୍କା ରହିଛି। । ବିଶେଷକରି ସ୍ଥାନୀୟ ପରିବେଶରେ ପାଗର ନାଟକୀୟ ପରିବର୍ତ୍ତନ ହେତୁ ଏହି ସମସ୍ୟା ଉପୁଜିପାରେ। ସେହିପରି ଜଳବାୟୁ ପରିବର୍ତ୍ତନ ଯୋଗୁ ପୃଥିବୀରେ ଜୈବ ବିବିଧତା କିଭଳି ପ୍ରଭାବିତ ହେବ ସେନେଇ ମଧ୍ୟ ଗବେଷଣା କରାଯାଇଥିଲା। ତେବେ ମାନବ ସ୍ୱାସ୍ଥ୍ୟ, ଖାଦ୍ୟ ନିରାପତ୍ତା, ବିଶୁଦ୍ଧ ବାୟୁ ଏବଂ ଜୈବ ବିବିଧତାକୁ ବଞ୍ଚାଇବାକୁ ପଡ଼ିବ ବୋଲି ଯେ କହିଛନ୍ତି। ବୈଜ୍ଞାନିକ ବିଶ୍ଳେଷଣରୁ ଜଣାପଡିଛି ଯେ ତାପମାତ୍ରାରେ ଅତ୍ୟଧିକ ହେତୁ ଆଗାମୀ ୫୦ରୁ ୧୦୦ବର୍ଷ ମଧ୍ୟରେ ଅଧିକାଂଶ କୀଟପିତଙ୍ଗଗ ବିଲୁପ୍ତ ହୋଇପାରନ୍ତି। ଏହି କୀଟସଂଖ୍ୟା ଉଭାନ ହୋଇଗଲେ ପୃଥିବୀର ପ୍ରକୃତିର ସନ୍ତୁଳନକୁ ବଦଳାଇପାରେ।

ଅସହ୍ୟ ହେଲା କରଜ ବୋଝ

## ବିଷ ପିଇଦେଲେ ପରିବାରର ୬ ସଦସ୍ୟ

ପାଟନା: ଅସହ୍ୟ ହେଲା କରଜ ବୋଝ । ବାଟରେ ଘାଟରେ ଧମକାଇଲେ ଲୋକେ। କରଜ ତୁରନ୍ତ ନ ଶୁଝିଲେ ପରିଣାମ ଭୟଙ୍କର ହେବ ବୋଲି କହିଲେ। କିଛି ଦିନର ମହଲତ ପାଇଁ ଗୁହାରୀ ବି କାମ ଦେଲାନି। କରଜ ବୋଝ ତଳେ ଚାପି ହୋଇ ଯାଇଥିବା ପରିବାର ସଦସ୍ୟ ଶେଷରେ ଚରମ ନିଷ୍ପତ୍ତି ନେଲେ। ଏକସଙ୍ଗେ ବାପମା'ଙ୍କ ସମେତ ୪ ପୁଅଝିଅ ବିଷ ପିଇଦେଲେ। ସେମାନଙ୍କ ମଧ୍ୟରୁ ବାପାମା', ୨ ଝିଅ ଓ ଜଣେ ପୁଅଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଝିଅଙ୍କ ଅବସ୍ଥା ଗୁରୁତର ରହିଛି। ଏପରି ହୃଦୟ ବିଦାରକ ଘଟଣା ବିହାରର ନବାଦା ନଗର ଥାନା ଅଧୀନ ନ୍ୟୁ ଏରିଆ ଅଞ୍ଚଳରେ ହୋଇଛି।

ମୃତକମାନେ ହେଲେ ଘରର ମୁଖିଆ କେଦାର ଲାଲ ଗୁପ୍ତା, ପତ୍ନୀ ଅନିତା କୁମାରୀ, ପୁଅ ପ୍ରିନ୍ସ କୁମାର, ଝିଅ ଶବନମ କୁମାରୀ ଓ ଗୁଡ଼ିଆ କୁମାରୀ । କେଦାର



ଲାଲଙ୍କ ଆଉ ଜଣେ ଝିଅ ସାକ୍ଷୀଙ୍କ ଅବସ୍ଥା ଗମ୍ଭୀର ଥିବାରୁ ତାଙ୍କୁ ପାଟନା ମେଡିକାଲରେ ଭର୍ତ୍ତି କରାଯାଇଛି।

କେଦାର ଲାଲଙ୍କର ବିଜୟ ବଜାରରେ ଏକ ଫଳ ଦୋକାନ ରହିଛି। ହେଲେ ପରିବାର ଚଳାଇବା ପାଇଁ ଏହି ରୋଜଗାର ଯଥେଷ୍ଟ ନ ହେବାରୁ ସେ ବହୁ ଲୋକଙ୍କଠାରୁ ପ୍ରବଳ ଧାରକରଜ କରି ଦେଇଥିଲେ। ଟଙ୍କା ଫେରାଇବା ପାଇଁ ତାଙ୍କ ପରେ ପ୍ରବଳ ଚାପ ପଡୁଥିଲା। ତୁରନ୍ତ ଧାର ଟଙ୍କା ନ ଫେରାଇଲେ, ପରିସ୍ଥିତି ଭୟାବହ ହେବ ବୋଲି ଚେତାବନୀ ବି ମିଳୁଥିଲା।

ଏନେଇ କେଦାର ଲାଲ ନିଜ ପରିବାର ଲୋକଙ୍କୁ ଜଣାଇବା ପରେ ସମସ୍ତେ ଏକ ସଙ୍ଗେ ଜୀବନ ହାରିବାକୁ ନିଷ୍ପତ୍ତି ନେଇଥିଲେ। ଏହାପରେ ସମସ୍ତେ ଏକ ସଙ୍ଗେ ବିଷ ପିଇଦେଲେ। ପୁଲିସ୍ ପହଞ୍ଚି ତୁରନ୍ତ ସମସ୍ତଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲା। ସେଠାରେ ଜଣକ ପରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ କେବଳ ସାକ୍ଷୀ ଜୀବିତ ଅଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ପାଟଣା ମେଡିକାଲରେ ଭର୍ତ୍ତି କରାଯାଇଛି।

ବିଷ ପିଇବା ପରେ ଗୁରୁତର ଥିବା କେଦାରଲାଲଙ୍କୁ ପୁଲିସ୍ ପଚରାଉଚରା କରିବାରୁ ମୋ' ମୁଣ୍ଡ ଉପରେ ୧୦-୧୨ ଲକ୍ଷ ଟଙ୍କାର କରଜ ରହିଛି। ଯାହାକୁ ଶୁଝି ନ ପାରିବାରୁ ଆମେ ସମସ୍ତେ ଏକମତ ହୋଇ ବିଷ ପିଇଛୁ ବୋଲି କହିଛନ୍ତି।

ବିଷ ପିଇବା ପୂର୍ବରୁ କେଦାର ଲାଲଙ୍କ ପୁଅ ପ୍ରିନ୍ସ ଏକ ଭିଡିଓ କରିଥିଲେ। ଏଥିରେ ସେ କହିଛନ୍ତି, କିଛି ଲୋକଙ୍କ ନିକଟରୁ ବାପା ଧାରକରଜ କରିଥିବା ବେଳେ ସେମାନେ ଏବେ ଧମକ ଦେଉଛନ୍ତି। ଟଙ୍କା ଫେରସ୍ତ କରିବାକୁ ଆମେ ସେମାନଙ୍କୁ କିଛି ସମୟ ମହଲତ ମାଗିଥିଲୁ। କିନ୍ତୁ ସେମାନେ ରାଜି ହେଲେନି, ଆମକୁ ବାରମ୍ବାର ଧମକ ଦେଉଥିବାରୁ ଆମେ ଏହି ବାଟ ବାଛି ନେଉଛୁ । ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ କାହାକୁ ଗିରଫ କରିନି।

## ଆମେରିକାରେ ଇତିହାସ ରଚିଲେ ଭାରତୀୟ ବଂଶୋଦ୍ଭବ ନବୀଲା

ୱାଶିଂଟନ: ଆମେରିକାରେ ଇତିହାସ ରଚିଛନ୍ତି ଆଉ ଜଣେ ଭାରତୀୟ ବଂଶୋଦ୍ଭବ। ୨୩ ବର୍ଷୀୟ ନବୀଲା ସୟିଦ ସର୍ବକିନଷ୍ଠ ସଦସ୍ୟ ଭାବେ ଇଲିନୋଇସ୍ ସାଧାରଣ ମହାସଭାକୁ ନିର୍ବାଚିତ ହୋଇଛନ୍ତି। ସେ ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଜିତି ଏପରି ରେକର୍ଡ କରିଛନ୍ତି।

ଡେମୋକ୍ରାଟ ପାର୍ଟି ପକ୍ଷରୁ ପ୍ରାର୍ଥୀ ହୋଇଥିବା ଭାରତୀୟ ବଂଶୋଦ୍ଭବ ନବୀଲା ରିପବ୍ଲିକାନର କ୍ରିସ୍ ବୋସଙ୍କୁ ପରାସ୍ତ କରିଛନ୍ତି। ଇଲିନୋଇସ୍ ଷ୍ଟେଟ ଅଫ ରିପ୍ରେଜନଟେଟିଭସର ୫୧ତମ ଜିଲ୍ଲା ନିର୍ବାଚନରେ ନବୀଲାଙ୍କୁ ୫୨.୩% ଭୋଟ ମିଳିଛି।

ଏହି ଐତିହାସିକ ବିଜୟ ପରେ ନବୀଲା ସୋଶାଲ ମିଡିଆରେ ନିଜର ଖୁସିକୁ ପ୍ରକାଶ କରିଛନ୍ତି। ସେ ଟ୍ୱିଟ କରି କହିଛନ୍ତି, "ମୋ ନାଁ ନବୀଲା ସୟିଦ। ମୁଁ ଜଣେ ୨୩ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ଆମେରିକା ନାଗରିକ। ଆମେ ବର୍ତ୍ତମାନ ରିପବ୍ଲିକାନ ଦ୍ୱାରା ପରିଚାଳିତ ଗୋଟିଏ ସହରରେ ନିର୍ବାଚନ ଜିତିଛୁ। ଏଥିସହ ଜାନୁଆରୀ ମାସରେ ମୁଁ ଇଲିନୋଇସ୍ ସାଧାରଣ ମହାସଭାର ସର୍ବ କନିଷ୍ଠ ସଦସ୍ୟ ହେବି।" ଆଉ ଗୋଟିଏ ଟ୍ୱିଟର ଜବାବରେ ନବୀଲା କହିଛନ୍ତି, "ଆଗାମୀ ଦିନ ପାଇଁ ମୋ ପାଖକୁ ଶୁଭେଚ୍ଛା ପଠାଉଥିବା ସମସ୍ତଙ୍କୁ ଧନ୍ୟବାଦ। ଆମ ପାଖରେ ଗୋଟିଏ ଅଦ୍ଭୂତ ଟିମ୍ ରହିଥିଲା, ଯେଉଁମାନଙ୍କ ପାଇଁ ଆଜି ଏହି ବିଜୟ ସମ୍ଭବ ହୋଇଛି।"



ନବୀଲା ଇନଷ୍ଟାଗ୍ରାମରେ ମଧ୍ୟ ନିଜ ରାଜନୀତିକ ଯାତ୍ରା ସମ୍ପର୍କରେ ସମସ୍ତଙ୍କୁ ସୂଚନା ଦେଇଛନ୍ତି। ନିଜ ମିଶନ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, "ଯେତେବେଳେ ମୁଁ ରାଜ୍ୟ ପ୍ରତିନିଧି ଭାବେ ଘୋଷଣା କଲି ସେତେବେଳେ ମୁଁ ଲୋକଙ୍କ ସହ ସିଧାସଳଖ କଥାବାର୍ତ୍ତା କରିବାକୁ ଗୋଟିଏ ମିଶନ ଆରମ୍ଭ କରିଥିଲି। ଗୋଟିଏ ଭଲ ଗଣତନ୍ତ୍ର ପାଇଁ ଲୋକମାନଙ୍କୁ ସେମାନଙ୍କ ପ୍ରତିନିଧି ବାଛିବା କାମରେ ବଳିଷ୍ଠ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲି। ଆମେ ଲୋକଙ୍କ ସହ ସିଧାସଳଖ କଥାବାର୍ତ୍ତା କରିବାକୁ ଯୋଗୁ ଆଜି ବିଜୟ ମିଳିଛି। ଏହି ଜିଲ୍ଲାର ପ୍ରତିଟି ଦ୍ୱାର ବାଡ଼େଇ ମୁଁ ଲୋକଙ୍କୁ ଭେଟିଛି। ଆସନ୍ତାକାଲି ମୁଁ ପୁଣି ସେମାନଙ୍କ କବାଟ ବାଡ଼େଇ ସେମାନେ ମୋ ଉପରେ ରଖିଥିବା ବିଶ୍ୱାସ ପାଇଁ ଧନ୍ୟବାଦ ଦେବି। ମୁଁ କାମ କରିବାକୁ ଏବେ ସଂପୂର୍ଣ୍ଣ ପ୍ରସ୍ତୁତ ରହିଛି।" ବିଜୟ ପରେ ନବୀଲାଙ୍କୁ ଅନେକ ଲୋକ ଶୁଭେଚ୍ଛା ଜଣାଇବା ଆରମ୍ଭ କରିଛନ୍ତି।

## ପ୍ରତିବର୍ଷ ୩,୦୦୦ ଭାରତୀୟ ଯୁବ ଗବେଷକଙ୍କୁ ଭିସା ଦେବ ବ୍ରିଟେନ

ନୂଆଦିଲ୍ଲୀ: ପ୍ରତିବର୍ଷ ୩,୦୦୦ ଭାରତୀୟ ଯୁବ ଗବେଷକଙ୍କୁ ଭିସା ଯୋଗାଇ ଦେବ ବ୍ରିଟେନ୍। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏମିତି କିଛି ପ୍ରତିଶ୍ରୁତି ଦେଇଛନ୍ତି ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ। ବାଲିରେ ଜି-୨୦ ଶିଖର ସମ୍ମିଳନୀ ଅବସରରେ ଉଭୟଙ୍କ ମଧ୍ୟରେ ଭେଟଘାଟ ହେବା ପରେ ଏହି ତଥ୍ୟ ଆସିଛି। ଏହି ସ୍କିମରେ ବ୍ରିଟେନରୁ ଭିସା ସୁବିଧା ପାଇବାରେ ଭାରତ ହେବ ପ୍ରଥମ ଦେଶ। ୟୁକେ-ଭାରତ ମଧ୍ୟରେ ପ୍ରବାସୀ ସମ୍ପର୍କକୁ ମଜଭୁତ କରିବା ଉଦ୍ଦେଶ୍ୟରେ ଏହି ନିଷ୍ପତ୍ତି ନିଆଯାଇଥିବା ବ୍ରିଟିସ ସରକାର କହିଛନ୍ତି। ଗତବର୍ଷ ହୋଇଥିବା ୟୁକେ-ଇଣ୍ଡିଆ ମାଇଗ୍ରେସନ୍ ଏବଂ ମୋବିଲିଟି ପାର୍ଟନରସିପ୍ ରାଜିନାମାର ମହତ୍ୱ ଉପରେ ଗୁରୁତ୍ୱାରୋପ କରି ବ୍ରିଟିସ୍ ? ସରକାର କହିଛନ୍ତି, ଏହି ଯୋଜନାରୁ ଲାଭ ପାଇବାରେ ଭାରତ ହେଉଛି ପ୍ରଥମ 'ଭିସା-ନ୍ୟାସନାଲ୍' ଦେଶ। 'ଜି୨୦ ଶିଖର ସମ୍ମିଳନୀରେ ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ୍ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବାର କିଛି ସମୟ ପରେ ଡାଉନିଙ୍ଗ୍ ଷ୍ଟ୍ରିଟ୍‌ରେ ଉପରୋକ୍ତ ଘୋଷଣା କରାଯାଇଛି। ଇଣ୍ଡୋନେସିଆରେ ଆରମ୍ଭ ହୋଇଥିବା ଜି-୨୦ ଶିଖର ସମ୍ମିଳନୀରେ ଭାଗ ନେଇଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ତେବେ ଏହି ସମ୍ମିଳନୀ ପ୍ରଥମ ଦିନରେ ପ୍ରଥମଥର ପାଇଁ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ ଓ ମୋଦିଙ୍କ ଭେଟ୍‌ଘାଟ ହୋଇଛି। ଭାରତୀୟ ବଂଶୋଦ୍ଭବ ଋଷି ସୁନକ ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ ହେବା ପରେ ତାଙ୍କ ସହ ଏହା ହେଉଛି ମୋଦିଙ୍କ ପ୍ରଥମ ସାକ୍ଷାତ। ଏହି ଭେଟ୍‌ଘାଟ ବେଳେ ଦୁହେଁ ବେଶ୍ କିଛି ସମୟ ଧରି ଆଲୋଚନା କରିଥିଲେ।

## କୁକୁର କାମୁଡ଼ିଲେ ଦେବାକୁ ପଡ଼ିବ ୧୦ ହଜାର ଟଙ୍କା

ନୂଆଦିଲ୍ଲୀ: ଗତ କିଛି ଦିନ ହେବ କୁକୁର କାମୁଡିବା ଘଟଣା ବଢ଼ିବାରେ ଲାଗିଛି। ବିଶେଷ କରି ପୋଷା କୁକୁର କାମୁଡାରେ ଅନେକ ଗୁରୁତର ହୋଇଥିବା ବେଳେ ଅନେକ ଜୀବନ ମଧ୍ୟ ଯାଇଛି। ଏହାକୁ ଦୃଷ୍ଟିରେ ରଖି ଏବେ ଜାରି କରାଯାଇଛି କଡା କଟକଣା।

ଏଣିକି କୌଣସି ବ୍ୟକ୍ତିଙ୍କୁ ପୋଷା କୁକୁର କାମୁଡିଲେ ତା' ମାଲିକଙ୍କୁ ଦେବାକୁ ପଡିବ ମୋଟା ଅଙ୍କର ଜରିମାନା। କୁକୁର ମାଲିକଙ୍କୁ ଉକ୍ତ ବ୍ୟକ୍ତିଙ୍କୁ ୧୦ ହଜାର



ଟଙ୍କା ଦେବାକୁ ପଡିବ ବୋଲି ନଏଡା କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି।

ସୂଚନାନୁସାରେ, ଯଦି କୌଣସି ପୋଷା କୁକୁର ଅଥବା ବିଲେଇ କାହାକୁ ଆକ୍ରମଣ କରେ ତା'ର ମାଲିକଙ୍କ ଉପରେ ୧୦,୦୦୦ ଟଙ୍କା ଜରିମାନା ପଡିବ ଏବଂ ଆହତଙ୍କ ଚିକିତ୍ସା ଖର୍ଚ୍ଚ ମଧ୍ୟ ସେ ବହନ କରିବେ। ୨୦୨୩ ମାର୍ଚ୍ଚ ପହିଲାରୁ ଏହି ନିୟମ ଲାଗୁ ହେବ।

ବୁଲା କୁକୁରଙ୍କ ଦେ ?ରାମ୍ତ୍ୟ ଏବଂ ପୋଷା କୁକୁରଙ୍କ ଆକ୍ରମଣ ପ୍ରସଙ୍ଗରେ ଆଲୋଚନା କରିବା ଲାଗି ଶନିବାର ନଏଡା କର୍ତ୍ତୃପକ୍ଷ ବୋର୍ଡ ମିଟିଙ୍ଗ୍ ଡକାଇଥିଲେ। ଏହି ବୈଠକ ଶେଷ ହେବା ଜାରି କରିଥିବା ଆଦେଶ ଅନୁସାରେ, ୨୦୨୩ ମାର୍ଚ୍ଚ ୧ ତାରିଖରୁ ଯଦି ପୋଷା କୁକୁର କି, ବିଲେଇ ଯୋଗୁଁ କେ ?ଣସି ଅପ୍ରୀତିକର ଘଟଣା ଘଟେ, ତେବେ ତା'ର ମାଲିକଙ୍କ ଉପରେ ଅର୍ଥଦଣ୍ଡ ପଡ଼ିବ।

'ପ୍ରାଣୀ ମଙ୍ଗଳ ବୋର୍ଡ' ନିୟମ ଅନୁସାରେ, ନୀତି ନିର୍ଦ୍ଧାରଣ କରିବା ଲାଗି ଏହି ବେ ?ଠକରେ ନଏଡ଼ା କର୍ତ୍ତୃପକ୍ଷ ସବିଶେଷ ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ସେହିପରି, ୨୦୨୩ ମାର୍ଚ୍ଚ ସୁଦ୍ଧା 'ନଏଡା ଅଥରିଟି ପେଟ୍ ରେଜିଷ୍ଟ୍ରେସନ୍ ଆପ୍' ଜରିଆରେ ପୋଷା କୁକୁର ଓ ବିରାଡ଼ିମାନଙ୍କର ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଛି। ପୋଷାଜନ୍ତୁଙ୍କୁ ପଞ୍ଜୀକରଣ ନ କଲେ ବି ଜରିମାନା ପଡ଼ିବ।

ଏହାଛଡ଼ା, କୁକୁରମାନଙ୍କୁ ଜଳାତ୍ତ ଙ୍କ-ନିରୋଧୀ ଟିକା ଦେବା ମଧ୍ୟ ବାଧ୍ୟତାମୂଳକ କରାଯାଇଛି। ଏହାକୁ ଉଲ୍ଲଂଘନ କଲେ ୨୦୨୩ ମାର୍ଚ୍ଚ ପହିଲାରୁ ମାସକୁ ୨୦୦୦ ଟଙ୍କା ଲେଖାଏଁ ଜରିମାନା ପଡ଼ିବ।

## ଚାଇନା ଦୋମୁହାଁ ନୀତି ଆପଣାଉଛି: ସେନାମୁଖ୍ୟ

ନୂଆଦିଲ୍ଲୀ: ଭାରତ-ଚାଇନା ସୀମାନ୍ତରେ ଚୀନ ସେନା ପକ୍ଷରୁ କରାଯାଇନି ସୈନ୍ୟ ଅପସାରଣ । ଚାଇନା ଯାହା କହୁଛି ତାହା କରୁନାହିଁ। ବାରମ୍ବାର ସୀମାରେ ଚାଇନା ସେନା ତାର ସୈନ୍ୟଙ୍କୁ ଅପସାରଣ କଥା କହୁଥିବାବେଳେ ପ୍ରକୃତ ତଥ୍ୟ କିନ୍ତୁ ଭିନ୍ନ। ସୈନ୍ୟ ଅପସାରଣ ବଦଳରେ ସୈନ୍ୟଙ୍କୁ ଅନ୍ୟତ୍ର କିପରି କମ ସମୟରେ ସ୍ଥାନାନ୍ତର କରିହେବ ଏହାକୁ ନେଇ ଭିତ୍ତିଭୂମି ମଜଭୁତ କରୁଛି ଚୀନର ପିପୁଲସ୍ ଲିବେସେସନ ଆର୍ମି ଚଖଇ ବର୍ତ୍ତମାନ ଭାରତ-ଚୀନ ସୀମାନ୍ତରେ ସ୍ଥିତି ନିୟନ୍ତ୍ରଣାଧିନ । କିନ୍ତୁ ଅପ୍ରତ୍ୟାଶିତ ବୋଲି କହିଛନ୍ତି ଭାରତୀୟ ସେନାମୁଖ୍ୟ ଜେନେରେଲ ମନୋଜ ପାଣ୍ଡେ। ଏକ କାର୍ଯ୍ୟକ୍ରମରେ ଯୋଗ ଦେବା



ଅବସରରରେ ଚାଇନା ପ୍ରସଙ୍ଗରେ ଏହା କହିଛନ୍ତି ଭାରତୀୟ ସ୍ଥଳସେନା ମୁଖ୍ୟ।

ଚାଇନା ଦୋମୁହାଁ ନୀତି ଆପଣାଉଥିବା କହିଛନ୍ତି ସେନାମୁଖ୍ୟ ଜେନେରାଲ ମନୋଜ ପାଣ୍ଡେ । ଚାଇନା କଣ କୁହେ ଏବଂ ପରବର୍ତ୍ତୀ ସମୟରେ କଣ କରେ ଏହା ସମ୍ପୂର୍ଣ୍ଣ ଭିନ୍ନ । ଏହା ଚାଇନାର ଧୋକାବାଜି ବୋଲି କହିଛନ୍ତି ସ୍ଥଳସେନା ମୁଖ୍ୟ ମନୋଜ ପାଣ୍ଡେ । ଚାଇନା କଣ କରୁଛି ଏବଂ କଣ ସବୁ ପ୍ରତିଶ୍ରୁତି ଦେଉଛି ସେଥିପ୍ରତି ଅଧିକ ଗୁରୁତ୍ୱ ନଦେଇ ସେମାନେ କଣ କରୁଛନ୍ତି ସେଥିପ୍ରତି ସତର୍କ ଦୃଷ୍ଟି ରଖିବାକୁ ପଡିବ । ଦୁଇ ଦେଶ ମଧ୍ୟରେ ସ୍ଥିତିରେ ସୁଧାର ଆଣିବାକୁ ଭାରତ କୂଟନୈତିକ, ରାଜନୈତିକ ଏବଂ ସାମରିକ ସ୍ତରରେ ଆଲୋଚନା ଜାରି ରଖିଛି। ପୂର୍ବ ଲଦାଖ ଅଂଚଳରେ ଦୁଇ ଦେଶର ସୈନ୍ୟଙ୍କ ମଧ୍ୟରେ ଲାଗି ରହିଥିବା ଉତ୍ତେଜନାକୁ କମ କରିବାକୁ ପ୍ରୟାସ ଜାରି ରହିଛି। ଏହା ସତ୍ତ୍ୱେ ମଧ୍ୟ ଚାଇନାର ପିଏଲ୍ଏ ବାରମ୍ବାର ଭାରତୀୟ ସୀମା ମଧ୍ୟକୁ ପ୍ରବେଶ କରିବାକୁ ଉଦ୍ୟମ କରୁଛି ବୋଲି କହିଛନ୍ତି ସେନାମୁଖ୍ୟ ମନୋଜ ପାଣ୍ଡେ।

ପ୍ରତିରକ୍ଷା ବିଶେଷଜ୍ଞ ମଧ୍ୟ ଚାଇନାର ଦୋମୁହାଁ ନୀତିକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି । ଭାରତକୁ ସର୍ବଦା ସତର୍କ ରହିବାକୁ ପଡ଼ିବ। ସୀମାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ପଡ଼ିବ । ଚାଇନା ଉପରେ ଜମାରୁ ବିଶ୍ୱାସ କରାଯାଇ ପାରିବ ନାହିଁ । ଟିକେ ଢିଲା ଦେଲେ ଚାଇନା କେତେବେଳେ ମଧ୍ୟ ଆମକୁ ପଛକୁ ଠେଲିଦେଇପାରେ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି ପ୍ରତିରକ୍ଷା ବିଶେଷଜ୍ଞ । ଏଥିଲାଗି ସୀମାରେ ଆହୁରି ଶକ୍ତି ବଢ଼ାଇବା ଜରୁରୀ ବୋଲି ପ୍ରତିରକ୍ଷା ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି।

## ସଂ ପା ଦ କୀ ୟ

## ବିଜ୍ଞାନ ରହୁ ବିଶ୍ୱାସ ବି ରହୁ !

ଅନେକ ଜାଗାରେ ଏବେ ଗୋଟିଏ ଚର୍ଚ୍ଚା କିଏ ହେତୁବାଦୀ ତ କିଏ ପରମ୍ପରାରେ ବିଶ୍ୱାସ ରଖୁଥିବା ଲୋକ। ଗତକିଛି ଦିନ ହେବ ବିଜ୍ଞାନ ଓ ପରମ୍ପରା ମଧ୍ୟରେ ସତେ ଯେମିତି ଲଢ଼େଇର ଏକ ବାତାବରଣ ସୃଷ୍ଟି ହୋଇଛି। ଆଧ୍ୟାତ୍ମିକ ବିଜ୍ଞାନରୁ ବିଜ୍ଞାନର ସୃଷ୍ଟି। ଯଥା ପୁଷ୍ପକ ବିମାନ, ଶବ୍ଦଭେଦୀ ବାଣ ଆଦି ଆମ ପାଖରେ ଅନେକ ଉଦାହରଣ ଅଛି। ପରବର୍ତ୍ତୀ ପର୍ଯ୍ୟାୟରେ ହୁଏତ ତାରି ଆଧାରରେ ଉଡ଼ାଜାହାଜ ଓ ସ୍କଡ୍ ମିଜାଇଲ୍‌ର ଉଦ୍ଭାବନ ବୋଲି ବିବେଚନା କରାଯାଇଥାଏ। ହେତୁବାଦୀମାନେ ସମ୍ପୂର୍ଣ୍ଣ ବିଜ୍ଞାନ ଉପରେ ଆସ୍ଥା ରଖିବା କିଛି ଅଯୁକ୍ତିକର କଥା ନୁହେଁ। କିନ୍ତୁ ସେମାନେ ଏକ ନିର୍ଦ୍ଦିଷ୍ଟ ଦିନ ବିଜ୍ଞାନ ଆଲୋଚନା କରି ଖାଦ୍ୟବଣ୍ଟନ କରି ସାମ୍ବାଦିକ ବନ୍ଧୁମାନଙ୍କ ନିକଟରେ ପ୍ରଦର୍ଶିତ କରିବା କେତେ ଦୂର ଠିକ୍ ସେକଥା ବିଚାରଯୋଗ୍ୟ। ବିଜ୍ଞାନର ଅଗ୍ରଗତି ଏବେର ସମ୍ପୂର୍ଣ୍ଣ ବ୍ୟସ୍ତବହୁଳ ଜୀବନକୁ ସରସ ସୁନ୍ଦର କରିବାରେ ଅନେକ ଜାଗାରେ ଉତ୍ସାହଜନକ ଓ ଅନିର୍ବାର୍ଯ୍ୟ। ଯେପରି ଔଷଧ, ଡାକ୍ତରଖାନାରେ ଆଧୁନିକ ଯନ୍ତ୍ରପାତି, ଶିକ୍ଷା କ୍ଷେତ୍ରରେ ଇଣ୍ଟରନେଟ୍‌ର ବ୍ୟବହାର ଇତ୍ୟାଦି ଏହାର ଗୋଟିଏ ଗୋଟିଏ ଛୋଟ ଉଦାହଣ ମାତ୍ର। ବିଜ୍ଞାନର ଅଗ୍ରଗତି ଏତେ ହେଲାଣି ଯେ ବିଶ୍ୱର କୋଣ ଅନୁକୋଣର ଖବର ନିମିଷେକ ମାତ୍ରେ ଲୋକଙ୍କ ପାଖରେ ପହଞ୍ଚିପାରୁଛି। ଏବେକାର ପିଲା ତ ଘରୁ ବାହାରି ନିଜର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ କିଣିବାର ଆବଶ୍ୟକତା ମନେକରୁ ନାହିଁ। କାରଣ ଘରେ ବସି ଇ-ମାର୍କେଟିଂଗ୍ ଜରିଆରେ ସେ ସବୁ ଉପଲବ୍ଧ କରିପାରୁଛି। ଏପରି ସମୟରେ ଅନେକ ପିଲା ମଧ୍ୟ ଏକୁଟିଆ ହୋଇ ମାନସିକ ଅସନ୍ତୁଳନତା ମଧ୍ୟରେ ଗତିକରୁଛନ୍ତି। ବିଜ୍ଞାନର ଅଗ୍ରଗତି ଆମକୁ ଅନେକ କ୍ଷେତ୍ରରେ ଆଗକୁ ବଢ଼ି ଅନ୍ଧବିଶ୍ୱାସଠାରୁ ଦୂରରେ ରହିବାର ବାଟ ଦେଖାଉଥିବାବେଳେ ପରୋକ୍ଷରେ ଏକ ନୂଆ ବାତାବରଣ ସୃଷ୍ଟି କରୁଛି।

ଅତୀତରେ ମଣିଷର ଜୀବନକୁ ସରସ ସୁନ୍ଦର କରି ଗଢ଼ି ତୋଳିବାକୁ ଅନେକ ପର୍ବପର୍ବାଣୀ, ରୀତିନୀତି ଓ ପରମ୍ପରାର ସୃଷ୍ଟି କରାଯାଇଥିଲା। ଯାହା ପରବର୍ତ୍ତୀ ସମୟରେ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀର ହାତବାରିସୀରେ ପରିଣତ ହେଲା। ତେଣୁ ତାରି ଭିତରୁ ବିଜ୍ଞାନ ସହ ସଂଯୁକ୍ତ ଆଧ୍ୟାତ୍ମିକତାକୁ ଏକାଠି ଚଳାଇବାର କାର୍ଯ୍ୟକ୍ରମ ହୋଇପାରିଲା ନାହିଁ। ପୁରାତନ ଆଧ୍ୟାତ୍ମିକତା ବିଜ୍ଞାନରେ ମନ୍ଦିର, ପୂଜାପାର୍ବଣ ଆଦିର ସୃଷ୍ଟି ହୋଇଛି। ମନ୍ଦିରରେ ଯାଇ ମାନସିକ କଲେ ବା ମୁଣ୍ଡିଆ ମାରିଲେ କାହାର ମନୋସ୍କାମନା ପୂରଣ ହେବ ସେ କଥା ମୁଁ କହୁନାହିଁ। କିନ୍ତୁ ମଣିଷ ସମାଜକୁ ଶୃଙ୍ଖଳିତ କରି ତା'ଠାରେ ନମନୀୟତାର ଉଦ୍ରେକ କରିବାର ମଧ୍ୟ ଏହା ଏକ ମାଧ୍ୟମ। ସବୁ ପର୍ବପର୍ବାଣି ମଣିଷ ମଣିଷ ମଧ୍ୟରେ ଭାଇଚାରାର ବୀଜବପନ କରି ସାମାଜିକ ଜୀବନକୁ ମଧୁମୟ କରିବା ସହ ଅନେକ ଆଶାର ଆଲୋକ ମଧ୍ୟ ପ୍ରଦର୍ଶନ କରିଥାଏ।

ସବୁ ମଣିଷ ତା'ର ନିଜସ୍ୱ ଚିନ୍ତାଧାରାକୁ ନେଇ ବଞ୍ଚିବା ନିହାତି ଆବଶ୍ୟକ। ଧର୍ମ ନାଁରେ ଅନ୍ଧବିଶ୍ୱାସକୁ ପ୍ରୋତ୍ସାହନ ଦେବାଟା ଯେତିକି ଭୁଲ ବିଜ୍ଞାନ ନାଁରେ ଅନ୍ୟର ଚିନ୍ତାଧାରାକୁ କୁଠାରଘାତ କରିବା ମଧ୍ୟ ସେତିକି ଭୁଲ। ସମୟର ଚକ୍ରରେ ସବୁ କିଛିର ଅଗ୍ରଗତି ସାଙ୍ଗରେ ମାନସିକତାର ମଧ୍ୟ ଅଗ୍ରଗତି ହେବା ନିହାତି ଜରୁରୀ। ଆଧ୍ୟାତ୍ମିକତା ମଣିଷର ଅନ୍ତରାତ୍ମାକୁ ଶାନ୍ତି, ନମ୍ର ଓ କମନୀୟ କରୁଥିବା ବେଳେ ବିଜ୍ଞାନ ଆମ ଜୀବନକୁ ସହଜ ଓ ବୋଧଗମ୍ୟ କରିବାରେ ବହୁତ ବଡ଼ ଭୂମିକା ଗ୍ରହଣ କରିଛି। ଏହି ପରିପ୍ରେକ୍ଷୀରେ କେହି କାହାର ଅନୁପୂରକ ନ ହୋଇ ପରିପୂରକ ହେଲେ ତାହା ଆମକୁ ଆହୁରି ନୂଆ ଜୀବନ ଜୀଇଁବାରେ ସାହାଯ୍ୟ କରିବ।

ସଂପାଦକୀୟ ପୃଷ୍ଠା ପାଇଁ ଲେଖା ଦେବାକୁ ଚାହୁଁଥିଲେ
ଆମ ଠିକଣାରେ
Sector-1/163 HIG Dupled, Niladri Vihar,
Po- Sailashree Vihar, Bhubaneswar - 751021
E-mail: odishasanket@gmail.com

# ଧର୍ମ ବନାମ ବିଜ୍ଞାନର ଲଢ଼େଇରେ ଖଗୌଳିକ ଘଟଣା

**ରୁଦ୍ର ପ୍ରସନ୍ନ ରଥ**

“ ଶ୍ରେଷ୍ଠ ବୈଜ୍ଞାନିକ ଗବେଷଣା ପରମାଣୁ ବିଜ୍ଞାନ ମଣିଷର ଦାରିଦ୍ର୍ୟ ଦୂର କରିପାରିନାହିଁ କିମ୍ବା ସବୁ ଧର୍ମମାନେ ମିଶିକରି ବି ପୃଥିବୀରେ ଯୁଦ୍ଧକୁ ବନ୍ଦ କରିପାରନାହାନ୍ତି। ଧର୍ମର ଧ୍ୱଜାଧାରୀମାନେ ଯେପରି ଲୋକଙ୍କୁ ଶୋଷଣ କରି ନିଜର ବ୍ୟାଙ୍କ ବାଲାନ୍ସ ବୃଦ୍ଧି କରି ଚାଲିଛନ୍ତି ସେହିପରି ବୈଜ୍ଞାନିକ ଶକ୍ତିର ଅଧିକାରୀ ସୁପରପାୱାରମାନେ ପ୍ରାକୃତିକ ସମ୍ପଦକୁ ଲୁଟି ନିଜର ସାମ୍ରାଜ୍ୟକୁ ଶକ୍ତିଶାଳୀ କରି ଚାଲିଛନ୍ତି। ରୋଗରେ ପଡ଼ିଥିବା ଧାର୍ମିକ ଲୋକଟିଏ ବିଜ୍ଞାନର ଔଷଧରେ ହିଁ ଯନ୍ତ୍ରଣାରୁ ମୁକ୍ତିର ବାଟ ଖୋଜୁଛି। ସେହିପରି ବୈଜ୍ଞାନିକଟିଏ ଚରମ ବିଫଳତାକୁ ସାମ୍ନା ନକରିପାରି ଧର୍ମର ଆଶ୍ରାରେ ଆଶ୍ରିତ ହୋଇଯାଇଛି। ଯିଏ ବିଜ୍ଞାନ ଜାଣିଛି ସେ ସ୍ୱତଃ ପ୍ରବୃତ ଭାବେ ଧର୍ମ ବିଷୟରେ ଜାଣିବାକୁ ଆଗ୍ରହୀ। ଯିଏ ଧର୍ମ ଜାଣିଛି ବୋଲି କହୁଛି ସେ ମୋବାଇଲରେ ବିଜ୍ଞାନର ଜୟଯାତ୍ରା ଦେଖୁଛି। ବିଜ୍ଞାନ ଧର୍ମକୁ ଏବଂ ଧର୍ମ ବିଜ୍ଞାନକୁ ଆହ୍ୱାନ କରି ଯୁଦ୍ଧଂ ଦେହି ଡାକରା ଦେବାର ଆବଶ୍ୟକତା ନାହିଁ।

ଗତ କିଛି ସପ୍ତାହ ମଧ୍ୟରେ ପୃଥିବୀରେ ସୂର୍ଯ୍ୟ ପରାଗ ଏବଂ ଚନ୍ଦ୍ର ଗ୍ରହଣ ପରି ଦୁଇଟ ଖଗୌଳିକ ଘଟଣା ପଛକୁ ପଛ ହୋଇ ପଡ଼ିଛି। ପ୍ରତିବର୍ଷ ଗୋଟିଏ ଦୁଇଟି କରି ଏପରି ଖଗୌଳିକ ଘଟଣା ଘଟିବାରେ କିଛି ନୂଆକଥା ନଥାଏ। ଏହି ସମୟରେ କଣ ଖାଇବା ଉଚିତ୍ କଣ କରିବା ଉଚିତ୍ ନୁହେଁ ତାକୁ ନେଇ ଜ୍ୟୋତିଷ ଶାସ୍ତ୍ର ବିଶେଷଜ୍ଞମାନେ ନିଜ ଆଡୁ ଲୋକଙ୍କ ପାଇଁ ମାର୍ଗଦର୍ଶିକା ଜାରୀ କରିଥାଆନ୍ତି। କିଏ ମାନେ ଆଉ କିଏ ମାନେ ନାହିଁ। ଏହା ଭିତରେ ଗ୍ରହଣ ଛାଡ଼ି ଯାଇଥାଏ। ଲୋକ ଧୁଆଧୁଇ ହୋଇ ଘରକୁ ଧୋଇ ପୋଛି ସଫା କରି ପୁଣି କାମରେ ଲାଗି ଯାଆନ୍ତି। ପୁଣି ଗୋଟିଏ ଗ୍ରହଣ ନଆସିବାଯାଏ ଆଉ ଗ୍ରହଣର ଚର୍ଚ୍ଚା ହିଁ ନଥାଏ।

ଏଥର କିନ୍ତୁ ପରିସ୍ଥିତି ଭିନ୍ନ। ଏଥର ଗ୍ରହଣ ସବୁ ଭିନ୍ନ ଭିନ୍ନ କାରଣ ପାଇଁ ଚର୍ଚ୍ଚାରେ ରହିଛି। ହିନ୍ଦୁ ସମାଜରେ ସଂସ୍କାର ଆଣିବାକୁ ଚେଷ୍ଟା କରୁଥିବା ହେତୁବାଦୀ ସମାଜ ଏଥର ସୂର୍ଯ୍ୟ ପରାଗ ଏବଂ ଚନ୍ଦ୍ର ଗ୍ରହଣରେ ଲୋକଙ୍କୁ ବିରିୟାନୀ ଖୁଆଇ ଚର୍ଚ୍ଚାକୁ ଆସିଛି। ଗ୍ରହଣ ସମୟରେ ପାକତ୍ୟାଗ ବୋଲି ହିନ୍ଦୁ ସମାଜ କାହିଁ କେଉଁ କାଳରୁ ମାନି ଆସିଥିବା ବେଳେ ଏହି ପାକତ୍ୟାଗର ଯଥାର୍ଥତା ଏବଂ ଏହି ପାକତ୍ୟାଗ ନୀତିର ବୈଜ୍ଞାନିକ ପ୍ରମାଣ ଦେଖାଇବାକୁ ହେତୁବାଦୀମାନେ ଆହ୍ୱାନ ଦେଇଛନ୍ତି। ହେତୁବାଦୀଙ୍କ ଯୁକ୍ତି, ଧର୍ମ ନାମରେ ଆମେ କୁସଂସ୍କାରକୁ ପ୍ରଶ୍ରୟ ଦେବା ଉଚିତ୍ ନୁହେଁ। ଯାହା ବିଜ୍ଞାନ ସମ୍ମତ ନୁହେଁ, ଯାହା ବୈଜ୍ଞାନିକମାନେ ପ୍ରମାଣ କରିପାରିନାହାନ୍ତି ତାକୁ ମାନିନେବା ଏକ ପ୍ରଗତିଶୀଳ ସମାଜ ପାଇଁ ଶୁଭ ଲକ୍ଷଣ ନୁହେଁ। ଆମେ ଏହି ସବୁ ନୀତି ନିୟମ ଯାହା ବୈଜ୍ଞାନିକ ଚିନ୍ତାଧାର ଉପରେ ପର୍ଯ୍ୟବେଶିତ ନୁହେଁ ତାକୁ ହଟାଇଦେବା ଉପରେ ଜୋର ଦେବା କଥା। ଏପରି ହେଲେ ହିଁ ଧର୍ମକୁ ଅଧିକ ଲୋକାଭିମୁଖୀ କରିହେବ।

ହେତୁବାଦୀଙ୍କର ଏହି କଥା ଅନେକ ହିନ୍ଦୁ ଧର୍ମାବଲମ୍ବୀମାନଙ୍କୁ ରଗାଇ ଦେଇଛି। ସେମାନେ ହେତୁବାଦୀମାନଙ୍କ ବିରୋଧରେ ଯୁଦ୍ଧଂ ଦେହି ଡାକରା ଦେଇଛନ୍ତି। ହେତୁବାଦୀମାନଙ୍କର ପରାଗ ସମୟରେ ଚିକେନ ବିରିୟାନୀ ଖାଇବା ହିନ୍ଦୁଧର୍ମ ଉପରେ ସିଧାସଳଖ ଆକ୍ରମଣ ବୋଲି ସେମାନେ ମତ ଦେଉଛନ୍ତି। କିଛି ତ ହେତୁବାଦୀମାନଙ୍କର କାର୍ଯ୍ୟ ବିପକ୍ଷରେ ଆଇନଗତ ପଦକ୍ଷେପ ନେବାକୁ ବାହାରିଲେଣି। ଆଉ କିଛି ସେମାନଙ୍କୁ ସାମନାରେ ବିରୋଧ କରିବେ ବୋଲି ଜଗି ବସିଛନ୍ତି। ଯାହା ଲାଗୁଛି ଆଗକୁ ପ୍ରତି ପରାଗରେ ହେତୁବାଦୀ ଏବଂ କେତୁବାଦୀ (ବିଭିନ୍ନ ଗଣମାଧ୍ୟମରେ ଧର୍ମର ସପକ୍ଷବାଦୀଙ୍କ ପାଇଁ ବ୍ୟବହୃତ ହେଉଥିବା ଶବ୍ଦ) ଏ ଲଢ଼େଇ ବେଶ ଆଗକୁ ଯିବ। ବିଭିନ୍ନ ଉପାୟ ପ୍ରୟୋଗକରି ସେମାନେ ଏହି ସମୟ ମଧ୍ୟରେ ପରସ୍ପର ବିରୋଧରେ ବୟାନବାଜୀ କରି ଲୋକସମର୍ଥନ ଗୋଟାଇବାକୁ ଚେଷ୍ଟା କରିବେ।

ଏବେ ଏ ପ୍ରସଙ୍ଗକୁ ନେଇ ଲୋକ ଦୁଇଭାଗରେ ବିଭକ୍ତ ହୋଇଯାଇଛନ୍ତି। ଦଳେ ହେତୁବାଦୀଙ୍କ ସମର୍ଥନରେ ଆଉ ଦଳେ ହେତୁବାଦୀଙ୍କ ବିରୋଧରେ। ଲୋକ ଚିନ୍ତା କରୁଛନ୍ତି ଯେ କିଏ ଠିକ୍ କହୁଛି ଆଉ କିଏ ଭୁଲ କରୁଛି। ମୋଟ ଉପରେ ହେତୁବାଦୀଙ୍କ ଏହି ଆଚରଣ ଧାର୍ମୀକ ବିଧିବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ଏବଂ ଧର୍ମର ଧ୍ୱଜାଧାରୀଙ୍କୁ ଲୋକ ଖୋଲାଖୋଲି ପ୍ରଶ୍ନ କରିବାକୁ ସୁଯୋଗ ଦେଉଛି। ମୋଟାମୋଟି କହିବାକୁ ଗଲେ ପୃଥିବୀ ପାଇଁ ସେମିତି କିଛି ବିଶେଷ ଆଖିଦୃଶିଆ ଭୌଗୋଳିକ ପ୍ରଭାବ ପକାଉନଥିବା ଏହି ଖଗୌଳିକ ଘଟଣା ସବୁ ଏବେ ବେଶ୍ କିଛି ଦିନ ହେଲା ଓଡ଼ିଶାରେ ଆଲୋଚନାର ପ୍ରସଙ୍ଗ ହୋଇ ରହିଛି।

ଭାରତରେ ଧର୍ମୀୟ ବ୍ୟବସ୍ଥା ବେଶ୍ ପୁରୁଣା ଏବଂ ଏହା ବିବିଧ ମଧ୍ୟ। ବିଭିନ୍ନ ଧର୍ମ ଏବଂ ଦର୍ଶନ ବ୍ୟବସ୍ଥାର ନିଜସ୍ୱ ବହି, ଠାକୁର, ପତାକା ଏବଂ ପୂଜା ବ୍ୟବସ୍ଥା ରହିଛି। ଏହା ସାଧାରଣତଃ ବହୁ ବର୍ଷରୁ ପ୍ରଚଳିତ ଏବଂ ବିଶ୍ୱାସ ଉପରେ ଆଧାରିତ। ଭାରତର ହିନ୍ଦୁ ଧର୍ମାବଲମ୍ବୀମାନେ ପ୍ରକୃତିକୁ ଦେବତା ମାନନ୍ତି ଏବଂ ଏହାର ବିଭିନ୍ନ ସ୍ୱରୁପକୁ ପୂଜା କରନ୍ତି। ବିଶ୍ୱାସେ ମିଳଇ ହରି ତର୍କେ ବହୁ ଦୂର କିମ୍ବା ଯାହା ମନ ଯେଡ଼େ ତାହା ପ୍ରଭୂ ସେଡ଼େ ବୋଲି ହିନ୍ଦୁ ଧର୍ମ କେବେଠୁ ମାନି ନେଇଛି। ଯେହେତୁ ଭକ୍ତ ଏବଂ ଭଗବାନ ମଧ୍ୟରେ ବିଶ୍ୱାସ ହିଁ ସେତୁର କାମ କରି ଆସିଛି ତେଣୁ ଭକ୍ତ ଜଣଙ୍କ କେବେ ହେଲେ କୌଣସି ଧାର୍ମିକ ବ୍ୟବସ୍ଥା ଭିତରେ ସେ ବୈଜ୍ଞାନିକ ପ୍ରମାଣ ଖୋଜିବାକୁ କେବେ ବି ଚେଷ୍ଟା କରିନାହିଁ। ସେ ଚନ୍ଦ୍ରଗ୍ରହଣ ଦିନ ପାକତ୍ୟାଗ କରି ଉପାସ ରହିଛି ସତ, ହେଲେ ଏଥିରୁ କିଛି ଦେହକୁ ଉପକାର ମିଳିବ ଭାବି ନୁହେଁ ବରଂ ଏହା ସେ କାଳ କାଳରୁ ହେଉଥିବାର ଦେଖି ସେ କରି ଆସିଛି। ପ୍ରକୃତରେ କହିବାକୁ ଗଲେ ଆମ ଧର୍ମୀୟ ବ୍ୟବସ୍ଥାରେ ଏତେ ପ୍ରକାରର ନୀତି କାନ୍ତି, କରଣୀୟ, ଅକରଣୀୟ ବ୍ୟବସ୍ଥା ଅଛି ଯେ ସେସବୁକୁ ଅବୈଜ୍ଞାନିକ ବୋଲି ତୁରନ୍ତ ପ୍ରମାଣ କରିବା କଷ୍ଟ। ବରଂ ଆମର ପୂଜା ପଦ୍ଧତି ଏବଂ କର୍ମକାଣ୍ଡକୁ ନେଇ ଗଭୀର ଅଧ୍ୟୟନ କରୁଥିବା ଅନେକ ପାଶ୍ଚାତ୍ୟ ବୈଜ୍ଞାନିକ ଭାରତୀୟ କର୍ମକାଣ୍ଡ ପଦ୍ଧତି ର ପ୍ରଶଂସା କରିଛନ୍ତି। ଯଦିଓ ଏହା ଆମ ଦେଶର ଅନେକଙ୍କର ହଜମ ହୋଇନାହିଁ।

ତେବେ ଏକଥା ନୁହେଁ ଯେ ଭାରତର ଧର୍ମୀୟ ବିଧି ବ୍ୟବସ୍ଥାରେ ସବୁ କିଛି ଗୋଲାପୀ ଗୋଲାପୀ ଚିତ୍ର ଭରି ରହିଛି। ଧର୍ମ ବ୍ୟବସ୍ଥାରେ ଅନେକ ଭଗବାନ ଏବଂ ଭକ୍ତ ମଧ୍ୟରେ ଦଲାଲୀ କରି ବେଶ୍ ମୋଟା ମୁନାଫା କମାଉଛନ୍ତି। କେଉଁଠି ପଚାଶ ଟଙ୍କା ଦକ୍ଷିଣାରେ ରାସ୍ତାକଡ଼ରେ ବସିଥିବା ହାତ ଦେଖୁଥିବା ଜ୍ୟୋତିଷ ଶନିଗ୍ରହର ପ୍ରଭାବ ଆପଣଙ୍କ ଜୀବନରୁ ଦୂରେଇ ଦେବ ବୋଲି ଡିଣ୍ଡିମ ପିଟୁଛି ତ ଆଉ କେଉଁଠି ନିଶାର୍ଦ୍ଧ ରାତିରେ ନରବଳୀ ଦେଇ ମଣିଷକୁ କୋଟିପତି କରିଦେବାର ସ୍ୱପ୍ନ ଦେଖାଇ ଗୁଣିଆ ଜଣଙ୍କ ବିଚରା ଭକ୍ତର ସର୍ବସ୍ୱ ଲୁଟ୍ କରୁଛି। କେବଳ ହିନ୍ଦୁ ଧର୍ମ ନୁହେଁ, ଭାରତର ଅନ୍ୟ ଦୁଇ ବଡ଼ ଧର୍ମ ମୁସଲିମ୍ ଏବଂ ଖ୍ରୀଷ୍ଟିୟାନ ଧର୍ମରେ ମଧ୍ୟ ଏପରି ଉଦାହରଣ ବିରଳ ନୁହେଁ, ଯେଉଁଠି ଭକ୍ତଜଣଙ୍କ ପୂଜକ, ପାଦ୍ରୀ କିମ୍ବା ମୌଲବୀଙ୍କୁ ଭରସା କରି ନିଜର ସର୍ବସ୍ୱ ହରାଇଛି। ଲୋକଙ୍କୁ ଧର୍ମନାମରେ ଭୟଭୀତ କରାଇ ଲୁଣ୍ଠନ କରିବାର ଏହି କଳା ଯୋଗୁଁ ଧର୍ମ ବି ବିଖଣ୍ଡିତ ହୋଇଛି। ଲୋକ ନୂଆ ଧର୍ମକୁ ଯାଇ ନୂଆ ପ୍ରଭୂ ଖୋଜିଛନ୍ତି। ନୂଆ ନ ପାଇଲେ ନୂଆକରି ଈଶ୍ୱର ବି ତିଆରି କରିଛନ୍ତି। ବିଜ୍ଞାନକୁ ସମର୍ଥନ କରି ଧର୍ମକୁ ବିରୋଧ କରିବାକୁ ଯାଇ ନିଜ ଅଜଣାତରେ ଆଉ ଗୋଟିଏ ଗୋଷ୍ଠୀ ଏବଂ ଆଉ ଗୋଟିଏ ଧର୍ମ ତିଆରି ହୋଇ ଯାଇଛି।

ତେବେ ହେତୁବାଦୀଙ୍କ ପରି ସଚେତନଶୀଳ ମଣିଷଙ୍କର ଯୁଗେ ଯୁଗେ ଆବଶ୍ୟକତା ବି ରହିଛି। କାହାକୁ ବିନା ପ୍ରଶ୍ନରେ ଗ୍ରହଣ କରିଦେବା ଆଦୌ ଆବଶ୍ୟକ ନୁହେଁ। ଯଦି ସମାଜରେ ପ୍ରଚଳିତ ବିଧି ବ୍ୟବସ୍ଥାକୁ ପ୍ରଶ୍ନ କରାନଯିବ ତେବେ ସମାଜ ସଂସ୍କାର ହୋଇ ପାରିବ ନାହିଁ। ରାଜା ରାମମୋହନ ରାୟ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ଆଦି ଯଦି ତତ୍କାଳୀନ ସମାଜରେ ପ୍ରଚଳିତ ବିଧି ବ୍ୟବସ୍ଥାକୁ ପ୍ରଶ୍ନ କରିନଥାନ୍ତେ ତେବେ ହୁଏତ ବାଲ୍ୟ ବିବାହ, ସତୀଦାହ ପ୍ରଥା ଏବେ ବି ଥାଆନ୍ତା। ବିଧବା ବିବାହ ବ୍ୟବସ୍ଥା ପ୍ରଚଳିତ ହୋଇ ପାରିନଥାନ୍ତା। ଏପରି ସ୍ଥିତିରେ ହିନ୍ଦୁ ସମାଜ ଆହୁରି ଅଧିକ ରକ୍ଷଣଶୀଳ ଏବଂ ପଛୁଆ ବୋଲି ମନେ ହେଉଥାଆନ୍ତା। ସହିଷ୍ଣୁ ଏବଂ ବିଶାଳ ହୃଦୟଧାରୀ ବୋଲି ଆଜି ଯେଉଁ ପରିଚୟ ହିନ୍ଦୁର ଅଛି ସେ ପରିଚୟ ମଳିଛିଆ ଦିଶିଥାନ୍ତା।

ତେବେ ଶେଷରେ ଏତିକି କୁହାଯାଇ ପାରିବ ଯେ ବିଜ୍ଞାନ ଏବଂ ଧର୍ମ ଭିତରେ ଏ ଯେଉଁ ବିବାଦ ଚାଲିଛି ତାହାର ଅନ୍ତ ନାହିଁ। ବିଜ୍ଞାନ ଏବଂ ଧର୍ମ ଉଭୟ ଏକ ସମୟରେ ପୃଥିବୀକୁ ଆସିଛନ୍ତି ଏବଂ ଉଭୟଙ୍କ ଆବଶ୍ୟକତା ମଧ୍ୟ ଅଲଗା ଅଲଗା। ଉଭୟଙ୍କ ମଧ୍ୟରେ ପ୍ରତିଯୋଗୀତାର ଆବଶ୍ୟକ ବି ନାହିଁ। ଆଧୁନିକ ବିଜ୍ଞାନର ପ୍ରଚାର ପ୍ରସାର ହେବାର ବହୁ ଆଗରୁ ଧର୍ମ ତାହାର ଶାଖା ପ୍ରଶାଖା ବଢାଇ ଚାଲିଥିଲା। ଆଉ ଏବେ ବିଜ୍ଞାନର ବ୍ୟାପକ ପ୍ରଚାର ପ୍ରସାର ମଣିଷ ଭିତରେ ଧର୍ମୀୟ ଭାବନାକୁ ଧୀରେ ଧୀରେ କମାଇ ଦେଉଛି ବୋଲି କୁହାଯାଉଛି। ଶ୍ରେଷ୍ଠ ବୈଜ୍ଞାନିକ ଗବେଷଣା ପରମାଣୁ ବିଜ୍ଞାନ ମଣିଷର ଦାରିଦ୍ର୍ୟ ଦୂର କରିପାରିନାହିଁ କିମ୍ବା ସବୁ ଧର୍ମମାନେ ମିଶିକରି ବି ପୃଥିବୀରେ ଯୁଦ୍ଧକୁ ବନ୍ଦ କରିପାରନାହାନ୍ତି। ଧର୍ମର ଧ୍ୱଜାଧାରୀମାନେ ଯେପରି ଲୋକଙ୍କୁ ଶୋଷଣ କରି ନିଜର ବ୍ୟାଙ୍କ ବାଲାନ୍ସ ବୃଦ୍ଧି କରି ଚାଲିଛନ୍ତି ସେହିପରି ବୈଜ୍ଞାନିକ ଶକ୍ତିର ଅଧିକାରୀ ସୁପରପାୱାରମାନେ ପ୍ରାକୃତିକ ସମ୍ପଦକୁ ଲୁଟି ନିଜର ସାମ୍ରାଜ୍ୟକୁ ଶକ୍ତିଶାଳୀ କରି ଚାଲିଛନ୍ତି। ରୋଗରେ ପଡ଼ିଥିବା ଧାର୍ମିକ ଲୋକଟିଏ ବିଜ୍ଞାନର ଔଷଧରେ ହିଁ ଯନ୍ତ୍ରଣାରୁ ମୁକ୍ତିର ବାଟ ଖୋଜୁଛି। ସେହିପରି ବୈଜ୍ଞାନିକଟିଏ ଚରମ ବିଫଳତାକୁ ସାମ୍ନା ନକରିପାରି ଧର୍ମର ଆଶ୍ରାରେ ଆଶ୍ରିତ ହୋଇଯାଇଛି। ଯିଏ ବିଜ୍ଞାନ ଜାଣିଛି ସେ ସ୍ୱତଃ ପ୍ରବୃତ ଭାବେ ଧର୍ମ ବିଷୟରେ ଜାଣିବାକୁ ଆଗ୍ରହୀ। ଯିଏ ଧର୍ମ ଜାଣିଛି ବୋଲି କହୁଛି ସେ ମୋବାଇଲରେ ବିଜ୍ଞାନର ଜୟଯାତ୍ରା ଦେଖୁଛି। ବିଜ୍ଞାନ ଧର୍ମକୁ ଏବଂ ଧର୍ମ ବିଜ୍ଞାନକୁ ଆହ୍ୱାନ କରି ଯୁଦ୍ଧଂ ଦେହି ଡାକରା ଦେବାର ଆବଶ୍ୟକତା ନାହିଁ।

ଶେଷରେ ପୁଣି ହେତୁବାଦୀଙ୍କ ପାଖକୁ ଫେରିବା। ଧର୍ମୀୟ ସଂସ୍କାର ପାଇଁ କୌଣସି ଅନୁଷ୍ଠାନ ଆଗକୁ ଆସିବା ବେଶ୍ ଭଲ କଥା। ତେବେ ଏହି ସଂସ୍କାର କରିବାକୁ ହେଲେ ଆପଣ ଲୋକଙ୍କ ସହିତ ଆଲୋଚନା କରି ସେମାନଙ୍କୁ ବୁଝାଇବା ଆବଶ୍ୟକ। ମନେ ରଖିବା କଥା ଯେ ସମସ୍ତେ ପ୍ରଥମରୁ ହିଁ ପରିବର୍ତ୍ତନକୁ ବିରୋଧ କରିଥାଆନ୍ତି। ତେବେ ଯେତେବେଳେ ପରିବର୍ତ୍ତନ ଲୋକଙ୍କର ଆବଶ୍ୟକତା ଅନୁଯାୟୀ ହୁଏ ଏବଂ ଏଥିରେ ଥିବା ଲାଭ ସେମାନଙ୍କୁ ଦେଖାଇ ଦିଆଯାଇଥାଏ ସେତେବେଳେ ଲୋକ ହିଁ ଏହି ପରିବର୍ନ୍ତ ପ୍ରକ୍ରିୟାରେ ସାମିଲ ହେବାକୁ ଆଗଭର ହୋଇ ଥାଆନ୍ତି। ମାତ୍ର ଧର୍ମୀୟ ସଂସ୍କାର ନାମରେ ଯଦି ଲୋକଙ୍କୁ ବିରକ୍ତ କରି ସେମାନଙ୍କ ମନରେ ନିଜ ପାଇଁ ବିଦ୍ୱେଷ ସୃଷ୍ଟି କରିଦିଆଯାଏ ତେବେ ଆପଣ ଖୁବ୍ ଶୀଘ୍ର ଏଥିରୁ ବିରତ ହେବାକୁ ବାଧ୍ୟ ହୁଅନ୍ତି। ସଂସ୍କାର ଆଣିବା ପାଇଁ ଜନ ସଚେତନତା ସୃଷ୍ଟି କରିବା ପାଇଁ ଅନେକ ବାଟ ଅଛି ତେବେ ଏଥିରେ ସଫଳ ହେବାକୁ ହେଲେ ଆପଣଙ୍କୁ ଲୋକପ୍ରିୟ ଏବଂ ସହଜ ହେବାକୁ ପଡ଼ିବ। ନିଜର କଥାକୁ ପ୍ରମାଣ କରିବା ପାଇଁ ଆପଣଙ୍କୁ ବିଚାର ବାଂଟିବାର ଆବଶ୍ୟକତା ଅଛି ବିରିୟାନୀ ବାଂଟିବାର ନୁହେଁ ବୋଲି ହେତୁବାଦୀମାନେ ବୁଝିବା ଆବଶ୍ୟକ। ଏପରି ହେଲେ ହିଁ ସେମାନେ ସଂସ୍କାର ଆଣି ପାରିବେ।

**ଧବଳଗିରି, ଯାଜପୁର ରୋଡ**

# ଅଣନିଶ୍ୱାସୀ ଶିକ୍ଷକ, ଦରପାଠୁଆ ଛାତ୍ର



**ପ୍ରଣତି ପାତ୍ର**

“ ଗୋଟିଏ ସାଧାରଣ ଦୃଶ୍ୟ ଯାହା ଆଜିକାଲି ଅଧିକାଂଶ ବିଦ୍ୟାଳୟରେ ଦେଖିବାକୁ ମିଳୁଛି, ତାହା ହେଉଛି ହଠାତ୍ କୌଣସି ତଥ୍ୟ ଜରୁରୀକାଳୀନ ଭିତ୍ତିରେ ଦେବା ପାଇଁ ଉପରିସ୍ଥ କର୍ମକର୍ତ୍ତାଙ୍କ ନିକଟରୁ ନିର୍ଦ୍ଦେଶ ଆସିଲେ, ସମ୍ପୃକ୍ତ ଶିକ୍ଷକ ପିଲାଙ୍କ ପାଠପଢ଼ା ବନ୍ଦ କରି ଅନ୍ୟ ଶିକ୍ଷକଙ୍କ ସହାୟତାରେ ତଥ୍ୟ ସଂକଳନ କାମରେ ଲାଗିପଡ଼ନ୍ତି।

ରବିବାର ଦିନ ପରିବା ବଜାରରେ ସରିତା ସହିତ ଦେଖା ହୋଇଗଲା। ସେ ଟିକିଏ ବ୍ୟସ୍ତ ଜଣାପଡୁଥାଏ। ତାକୁ ମୋ ଘର ଆଡ଼େ ଆସିବା ପାଇଁ ଡାକିଲି। ସେ ଆମ ଘରଠାରୁ ଅଳ୍ପ ଦୂରରେ ରହୁଥିଲେ ମଧ୍ୟ ମାସମାସ ଧରି ସରିତା ସହିତ ଦେଖା ହୁଏ ନାହିଁ। ହଠାତ୍ ସରିତାର ମୋବାଇଲ ବାଜି ଉଠିଲା। କଥାବାର୍ତ୍ତାରୁ ବୁଝିପାରିଲି ତା'ର ଉପରିସ୍ଥ କର୍ମକର୍ତ୍ତା ତାକୁ ଗୋଟିଏ କାମ ପାଇଁ ତାଗିଦ୍ କରୁଥାନ୍ତି। ସରିତା ଫୋନ୍ ରଖିଲା ପରେ ପଚାରିଲି- 'ଛୁଟି ଦିନରେ ମଧ୍ୟ କାମ ରହେ କି ?'

ସରିତା ଉତ୍ତର ଦେଲା- 'ପୂର୍ବରୁ ଏମିତି ନଥିଲା। କରୋନା ପରଠାରୁ ଆମ ଶିକ୍ଷା ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଆସିଯାଇଛି। ଆଜି କାଲି ଆମର ଆଉ ଛୁଟି ଦିନ ବୋଲି କିଛି ନାହିଁ। ସ୍କୁଲ ସମୟ ମଧ୍ୟରେ ସମସ୍ତ କାମ ସରୁନାହିଁ। ତେଣୁ ଘରେ ଆସି ଅନେକ କାମ କରିବାକୁ ପଡୁଛି।'

ମୁଁ କିଛି ବୁଝିପାରୁ ନଥାଏ। ପଚାରିଲି- 'କ'ଣ ଏତେ କାମ ସବୁ ରହୁଛି। ଆଜିକାଲି ପରା ବିଦ୍ୟାଳୟର ରୂପାନ୍ତରଣ ଚାଲିଛି ?' ସରିତା କହିଲା- 'ହଁ ସେ ସବୁ ତ ଚାଲିଛି କିନ୍ତୁ ଶିକ୍ଷକମାନଙ୍କ ଯାହା ମୌଳିକ କର୍ତ୍ତବ୍ୟ, ତାହା କରିବା ପାଇଁ ଆମର ସମୟର ଘୋର ଅଭାବ। ଏପଟେ ପିଲାମାନଙ୍କୁ ଭଲ ଭାବରେ ପଢ଼ାଇବାକୁ ଚାହୁଁଛି। ସେପଟେ ନାନା ପ୍ରକାର ତଥ୍ୟ ଦେବା ପାଇଁ ଉପରିସ୍ଥ କର୍ମକର୍ତ୍ତାଙ୍କ ଠାରୁ ଘନ ଘନ ଫୋନ ଆସୁଛି। ବିଦ୍ୟାଳୟର ଦାୟିତ୍ୱ ସାରି କିମ୍ବା ଛୁଟି ଦିନରେ ତୁମେ ବଜାରରେ ଥାଅ କିମ୍ବା ହସ୍ପିଟାଲରେ ଥାଅ, ଫୋନ୍ ଆସିଲେ ଅଳ୍ପ ସମୟ ମଧ୍ୟରେ ତୁମେ ତଥ୍ୟ ପାଇବା ପାଇଁ ବାଧ୍ୟ। ଏହି ତଥ୍ୟ ଭିତ୍ତିକ ଶିକ୍ଷା ବ୍ୟବସ୍ଥା ଯୋଗୁଁ ପିଲାମାନଙ୍କ ଅନେକ କ୍ଷତି ଘଟୁଛି ଏବଂ ନିଷ୍ଠାପର ଶିକ୍ଷକମାନେ ମାନସିକ ଚାପରେ ରହୁଛନ୍ତି।

କରୋନାର ପ୍ରାଦୁର୍ଭାବ ସମୟରେ ଅନେକ ମାସ ପର୍ଯ୍ୟନ୍ତ ବିଦ୍ୟାଳୟ ଗୁଡ଼ିକ ବନ୍ଦ ଥିଲା। ଏ ସମୟରେ ପିଲାମାନେ ବିଦ୍ୟାଳୟକୁ ଆସୁ ନଥିଲେ। ସେମାନଙ୍କ ଘୋର ଶୈକ୍ଷିକ କ୍ଷତି ଘଟିଲା। ଏହି ଶୈକ୍ଷିକ କ୍ଷତିକୁ ଭରଣା କରିବା ନିମନ୍ତେ କରାଯାଇଥିବା ବିଭିନ୍ନ ବ୍ୟବସ୍ଥା ଅନ୍ତରାଳରେ ବିଦ୍ୟାଳୟ ଗୁଡ଼ିକରେ କ'ଣ ସବୁ ଘଟୁଛି, ଏହା ଆଲୋଚନା ସାପେକ୍ଷ। ଏପରି ବ୍ୟବସ୍ଥା ଦ୍ୱାରା ଛାତ୍ର ସମାଜ ଲାଭାନ୍ୱିତ ହେଉଛନ୍ତି ନା କ୍ଷତିଗ୍ରସ୍ତ ହେଉଛନ୍ତି ଏହା ଜଣାପଡ଼ିବ, ଯେତେବେଳେ ଆମେ କୌଣସି ବିଦ୍ୟାଳୟର ଶିକ୍ଷା ପରିବେଶକୁ ଗଭୀର ଭାବରେ ଅନୁଧ୍ୟାନ କରିବା।

ପାଠ ପଢ଼ାଇବା ବ୍ୟତୀତ ଶିକ୍ଷକମାନେ ଅନେକ ଗୁଡ଼ିଏ କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି। ଜନଗଣନା, ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟଠାରୁ ଆରମ୍ଭ କରି ସର୍ବଶିକ୍ଷା ଅଭିଯାନର ଅନୁଦାନରେ ବିଭିନ୍ନ ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମ ଯଥା, ଶ୍ରେଣୀଗୃହ, ପାଇଖାନା, ପିଇବା ପାଣି ବ୍ୟବସ୍ଥା ଇତ୍ୟାଦି କାମରେ ଶିକ୍ଷକମାନେ ନିୟୋଜିତ ହେଉଛନ୍ତି। ମଧ୍ୟାହ୍ନ ଭୋଜନର ତଦାରଖ, ଛାତ୍ରାବାସର ତଦାରଖ, ଶିଶୁ ଦିବସ, ଗୁରୁଦିବସ, ଗଣତନ୍ତ୍ର ଦିବସ ପରି ଗୁରୁତ୍ୱପୂର୍ଣ୍ଣ ଦିବସ ଗୁଡ଼ିକର ଆୟୋଜନ, ବାର୍ଷିକ ଉତ୍ସବ, ସୁରଭି, ସର୍ଗୀଫୁଲ, ବିଜ୍ଞାନ ମେଳା, ସ୍ଥାନୀୟ ମହୋତ୍ସବ, ଖେଳକୁଦ ପ୍ରତିଯୋଗିତା ଇତ୍ୟାଦିରେ ଶିକ୍ଷକମାନେ ନିୟୋଜିତ ହେଉଛନ୍ତି। ଏତଦ୍‌ବ୍ୟତୀତ ସରକାରଙ୍କ ଠାରୁ ଆସୁଥିବା ବିଭିନ୍ନ ଅନୁଦାନର ବିବରଣୀ ରଖିବା, ସର୍ଭେ କରି ଅନେକ ପ୍ରକାର ରେଜିଷ୍ଟାର ଓ ରେକର୍ଡକୁ ପ୍ରତିଦିନ ରକ୍ଷା କରିବା ଇତ୍ୟାଦି। ଏହା ଛଡ଼ା ବିଭିନ୍ନ ବିଷୟ ଉପରେ ରିପୋର୍ଟ ପ୍ରସ୍ତୁତ କରାଯାଏ ଯଥା- ସ୍ୱାସ୍ଥ୍ୟ, ପ୍ରତିଦିନ ବିଦ୍ୟାର୍ଥୀ ଉପସ୍ଥାନ, ୟୁନିଫର୍ମ ବଣ୍ଟନ, ପରିମଳ ବ୍ୟବସ୍ଥା, ସମ୍ପର୍କିତ ତଥ୍ୟ, ଡି-ୱାର୍ମି, ସ୍ୟାନିଟାରି ପ୍ୟାଡ୍, ଆଇରନ ବଟିକା ବଣ୍ଟନର ହିସାବ ଇତ୍ୟାଦି।

ଶିକ୍ଷାର ସ୍ତର ତଦାରଖ କରିବା ପାଇଁ ହେଉଥିବା ସୂଚନାର ଆଦାନ ପ୍ରଦାନ ପ୍ରକ୍ରିୟାରେ ଶିକ୍ଷକମାନେ ଅଣନିଃଶ୍ୱାସୀ ହେଉଛନ୍ତି ଏବଂ ଛାତ୍ରଛାତ୍ରୀ ଦରପାଠୁଆ ରହିଯାଉଛନ୍ତି। ସୂଚନାର ସ୍ରୋତ ବିଦ୍ୟାର୍ଥୀର ଜ୍ଞାନ ଭଣ୍ଡାର ଦିଗରେ ପ୍ରବାହିତ ହେବା ପରିବର୍ତ୍ତେ ସରକାରୀ ନଥିପତ୍ରକୁ ସମୃଦ୍ଧ କରୁଛି।

ଏଠାରେ ଏକ ବିପରୀତ ଧର୍ମୀ ପରିସ୍ଥିତି ବିଷୟରେ ଦୃଷ୍ଟି ଆକର୍ଷଣ କରିବା ଆବଶ୍ୟକ। ଏପଟେ କେତୋଟି ବିଦ୍ୟାଳୟରେ ଭିତ୍ତିଭୂମି ଗୁଡ଼ିକ ଜାତୀୟମାନର ନିର୍ମାଣ କରାଯାଇଛି। ବିଦ୍ୟାଳୟର କାନ୍ଥବାଡ଼ରେ ସୁନ୍ଦର ରଙ୍ଗ ଚିତ୍ର, ନାନା ପ୍ରକାର ଆସବାବପତ୍ର, ସ୍ମାର୍ଟ କ୍ଲାସରୁମ, ଲାଇବ୍ରେରୀ ବ୍ୟବସ୍ଥା ଇତ୍ୟାଦି ରହୁଛି। ଏପଟେ ପିଲାମାନଙ୍କ ପାଠପଢ଼ାରେ ନିମ୍ନତମ ମାନ ନାହିଁ। ନବମଶ୍ରେଣୀର ଛାତ୍ରଟି ଅତି ସରଳ ପ୍ରଶ୍ନର ଉତ୍ତର ଦେବାକୁ ଅକ୍ଷମ। ତେଣୁ 'ବହୁ ଆଡମ୍ବର ଲଘୁ କ୍ରିୟା' ରୀତିରେ ଶିକ୍ଷାର ମୁଖ୍ୟ ଲକ୍ଷ୍ୟ ଠାରୁ ସମସ୍ତ କାର୍ଯ୍ୟକ୍ରମ ବିଚ୍ୟୁତ ହୋଇଥିବା ପରି ମନେ ହୁଏ।

ଅପରପକ୍ଷେ ଏମିତି ଅନେକ ବିଦ୍ୟାଳୟ ରହିଛି ଯେଉଁଠାରେ କମ୍ପ୍ୟୁଟରଟିଏ ନାହିଁ। କୌଣସି ତଥ୍ୟକୁ ସଂକଳନ କରିବା ପାଇଁ ନିର୍ଦ୍ଦେଶ ଆସିଲେ, ହାତରେ ଲେଖି କାଗଜଟି ସ୍ଥାନୀୟ ବ୍ଲକରେ ଅଧିକାରୀଙ୍କୁ ଦେବାକୁ ପଡ଼େ। ସୂଚନାଟି ଥରେ ପଠାଇ ସାରିଲେ ମଧ୍ୟ ପୁନର୍ବାର ଦେବା ପାଇଁ କୁହାଯାଏ। ଉପରିସ୍ଥ କର୍ମକର୍ତ୍ତାଙ୍କ ସ୍ତରରେ ତଥ୍ୟ ଗୁଡ଼ିକୁ ସଠିକ ଭାବେ ସଂରକ୍ଷଣ ନ ରଖିବା ଯୋଗୁଁ ଗୋଟିଏ ତଥ୍ୟକୁ ବାରମ୍ବାର ପଠାହୁଏ।

ଗୋଟିଏ ସାଧାରଣ ଦୃଶ୍ୟ ଯାହା ଆଜିକାଲି ଅଧିକାଂଶ ବିଦ୍ୟାଳୟରେ ଦେଖିବାକୁ ମିଳୁଛି, ତାହା ହେଉଛି ହଠାତ୍ କୌଣସି ତଥ୍ୟ ଜରୁରୀକାଳୀନ ଭିତ୍ତିରେ ଦେବା ପାଇଁ ଉପରିସ୍ଥ କର୍ମକର୍ତ୍ତାଙ୍କ ନିକଟରୁ ନିର୍ଦ୍ଦେଶ ଆସିଲେ, ସମ୍ପୃକ୍ତ ଶିକ୍ଷକ ପିଲାଙ୍କ ପାଠପଢ଼ା ବନ୍ଦ କରି ଅନ୍ୟ ଶିକ୍ଷକଙ୍କ ସହାୟତାରେ ତଥ୍ୟ ସଂକଳନ କାମରେ ଲାଗିପଡ଼ନ୍ତି। ଛାତ୍ର ହେଉଛି ଶିକ୍ଷା ବ୍ୟବସ୍ଥାର କେନ୍ଦ୍ରବିନ୍ଦୁ। ପାଠ ପଢ଼ାଇବା ପାଇଁ ଶିକ୍ଷକର ଅନୁପସ୍ଥିତି ଯୋଗୁଁ ପିଲାମାନେ ନିଜେ ନିଜେ କିଛି ଲେଖାପଢ଼ା କରନ୍ତି। ସ୍ଥଳ ବିଶେଷରେ ବିଦ୍ୟାଳୟର ଉଚ୍ଚ ଶ୍ରେଣୀରେ ପଢୁଥିବା ବଡ଼ ପିଲାମାନଙ୍କୁ ଛୋଟ ପିଲାମାନଙ୍କୁ ପଢ଼ାଇବା ଦାୟିତ୍ୱ ଦିଆଯାଏ। ଏ ସବୁ ଦୃଷ୍ଟାନ୍ତରୁ ଆଉ ଗୋଟିଏ କଥା ସ୍ପଷ୍ଟ ଜଣାପଡୁଛି। ଶିକ୍ଷକମାନଙ୍କ କର୍ତ୍ତବ୍ୟପରାୟଣତା ଓ ନିଷ୍ଠା ଉପରେ ବିଶ୍ୱାସର କମି ଯାଉଛି କି ? ମଧ୍ୟାହ୍ନ ଭୋଜନରେ ପ୍ରତିଦିନ କେତେ ଜଣ ପିଲା ଖାଇଲେ, ଏହି ତଥ୍ୟ ମାଗିବା ପଛରେ ଉଦ୍ଦେଶ୍ୟ କ'ଣ ? ବିଦ୍ୟାଳୟ ଭିତରେ ହେଉଥିବା ଗତିବିଧି ଉପରେ ଗଣମାଧ୍ୟମର ନଜର ରହିଥାଏ। କୌଣସି ବିଦ୍ୟାଳୟରେ ଘଟୁଥିବା ନକରାତ୍ମକ ଘଟଣା ଯୋଗୁଁ ସମସ୍ତ ଶିକ୍ଷାନୁଷ୍ଠାନମାନଙ୍କୁ ଏହି ତଥ୍ୟ ଭିତ୍ତିକ ତଦାରକ ଅର୍ନ୍ତଭୂକ୍ତ କରାଯାଉଛି। ଏ ସବୁ ବ୍ୟବସ୍ଥା ଯୋଗୁଁ ସୀମିତ ମାତ୍ରାରେ ଅନୁଷ୍ଠାନ ମାନଙ୍କରେ ସ୍ୱଚ୍ଛତା ଅଣାଯାଇପାରିବ। କିନ୍ତୁ କମ୍ପ୍ୟୁଟର୍ ଡାଟା ଏଣ୍ଟ୍ରି ଅପରେଟ୍‌ର, ଜ୍ଞାନ କୌଶଳର ଅଭାବ, ନେଟୱାର୍କର ଅସୁବିଧା ଇତ୍ୟାଦି ସର୍ବନିମ୍ନ ଭିତ୍ତିଭୂମି ବିନା ଏ ସବୁ ତଦାରଖ ବ୍ୟବସ୍ଥା ଫଳଦାୟୀ ନୁହେଁ।

ପୂର୍ବରୁ ବିଦ୍ୟାଳୟ ପରିସରରେ ଭିତ୍ତିଭୂମି ବିକାଶ ନିମନ୍ତେ ସିମେଣ୍ଟ ବାଲି ଯୋଗାଡ଼ କରିବା ପାଇଁ ଶିକ୍ଷକମାନେ ଶ୍ରେଣୀରୁ ଅନୁପସ୍ଥିତ ରହୁଥିଲେ। ଏବେ ତଥ୍ୟ ସଂକଳନ ନିମନ୍ତେ ଶ୍ରେଣୀରୁ ଅନୁପସ୍ଥିତ ରହୁଛନ୍ତି। ଏଥିରେ କ୍ଷତି କେବଳ ଛାତ୍ର ସମାଜର ଘଟୁଛି। ଉପରିସ୍ଥ କର୍ମକର୍ତ୍ତାଙ୍କ ନାଲିଆଖି ଆଗରେ ଭୟଭୀତ ଶିକ୍ଷକବୃନ୍ଦ କୌଣସି ପରିସ୍ଥିତିରେ କର୍ତ୍ତବ୍ୟ ଖିଲାପକାରୀ ହେବାକୁ ଚାହାନ୍ତି ନାହିଁ। ତେଣୁ ଶିକ୍ଷାଦାନ ଓ ତଥ୍ୟପ୍ରଦାନ ଭିତରେ ଏକ ସନ୍ତୁଳନ ବଜାୟ ରଖିବା ସମ୍ଭବ ହେଉନାହିଁ। ତଥ୍ୟ ପଠାଇବା ଉଦ୍ଦେଶ୍ୟ ହେଉଛି ଶିକ୍ଷାର ମାନରେ ଉନ୍ନତି ଆଣିବା କିନ୍ତୁ ଯେତେ ସମୟ ଶିକ୍ଷକମାନେ ପିଲାଙ୍କ ପାଠପଢ଼ା ସମୟକୁ ଅନ୍ୟ କାମରେ ନିୟୋଜିତ କରିବେ, ଫଳସ୍ୱରୂପ ଛାତ୍ରଙ୍କର ହିଁ କ୍ଷତି ଘଟିବ।

ମୋ- ୯୪୩୭୧୩୪୮୮୮



# ୧୦ ବର୍ଷ ହେଲା ଘର ବାରଣ୍ଡାରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର



କୋଇଡ଼ା: ୧୦ ବର୍ଷ ତଳେ ଭାଙ୍ଗି ଯାଇଥିଲା ଅଙ୍ଗନବାଡ଼ି କେନ୍ଦ୍ର ଗୃହ। ବାସ୍, ତା'ପରଠୁ ଅଙ୍ଗନବାଡ଼ି ହେଲ୍‌ପରଙ୍କ ଘର ବାରଣ୍ଡାରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର। ୧୦ ବର୍ଷ ବିତି ଯାଇଥିଲେ ବି ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ନୂଆ ଘରଟିଏ ହୋଇପାରିନାହିଁ। ଏହି ଚିତ୍ର ଆସିଛି ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ବ୍ଲକ ଯଲଡ଼ି ଗାଁରୁ।

ବଡ଼ ଅବ୍ୟବସ୍ଥା ମଧ୍ୟରେ ଚାଲିଛି ଯଲଡ଼ି ଗାଁର ଅଙ୍ଗନବାଡ଼ି କେନ୍ଦ୍ର। ପ୍ରଥମ ଓ ପ୍ରମୁଖ ସମସ୍ୟା ହେଉଛି, ଏହାର ନିଜସ୍ୱ ଗୃହ ନାହିଁ। ପ୍ରାୟ ୨୦ ଶିଶୁଙ୍କୁ ନେଇ ଅଙ୍ଗନବାଡ଼ି ହେଲ୍‌ପର ଗାୟତ୍ରୀ ଦେହୁରୀଙ୍କ ମାଟି ଖପର ଘରର ଅଣଓସାରିଆ ବାରଣ୍ଡାରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର। ଖରା,ବର୍ଷା ଓ ଶୀତରେ ଏହି ବରଣ୍ଡାରେ ବସି ପିଲାଏ ପାଠ ପଢ଼ନ୍ତି ଓ ଖାଦ୍ୟ ଖାଆନ୍ତି। ଖରା ଓ ଶୀତ ଦିନେ କୌଣସି ମତେ ଏସବୁ କାର୍ଯ୍ୟ ହେଉଥିଲେ ମଧ୍ୟ ବର୍ଷା ଦିନେ ଭାରି କଷ୍ଟ ହୁଏ। ବର୍ଷା ହେଲେ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ହୋଇଯାଏ। ପିଲାଏ ଆସନ୍ତି ନାହିଁ।

ଦ୍ୱିତୀୟ ସମସ୍ୟା ହେଉଛି, ଏହି ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଜଣେ ଅଙ୍ଗନବାଡ଼ି ଦିଦି ନିଯୁକ୍ତ ହୋଇଥିଲେ ହେଁ, ସେ ସବୁ ଦିନେ ଆସନ୍ତି ନାହିଁ। ସେ ୧୦/୧୫ ଦିନରେ ଥରେ ଆସନ୍ତି ବୋଲି ଅଭିଯୋଗ ହୋଇଛି। ସେ ଅନୁପସ୍ଥିତ ରହୁଥିବା ଯୋଗୁ ଅଙ୍ଗନବାଡ଼ି ହେଲ୍‌ପର ଗାୟତ୍ରୀ ଦେହୁରୀ ସବୁ ବୁଝାବୁଝି କରନ୍ତି। ସେ ପିଲାଙ୍କୁ ପାଠ ପଢ଼ାଇବା ସହିତ ସେମାନଙ୍କ ପାଇଁ ଖାଇବା ବ୍ୟବସ୍ଥା କରନ୍ତି।

ଅଙ୍ଗାବନାଡ଼ି କେନ୍ଦ୍ର ପାଇଁ ସ୍ୱତନ୍ତ୍ର ଘରଟିଏ ନଥିବାରୁ ଏଠାକୁ ଆସୁଥିବା ପିଲାମାନେ ଅନ୍ୟ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକରେ ପିଲାଙ୍କୁ ବିଭିନ୍ନ କଥା ଶିଖାଇବା ପାଇଁ ବିଭିନ୍ନ ପ୍ରକାର ଚିତ୍ର ବା ଛବିର ସାହାଯ୍ୟ ନିଆଯାଏ। ଫଳରେ ପିଲାଙ୍କ ମଧ୍ୟରେ ଶିଖିବା ପାଇଁ ଆଗ୍ରହ ପ୍ରକାଶ ପାଏ। ସ୍ୱତନ୍ତ୍ର ଘରଟିଏ ନଥିବାରୁ ତଥା ଅଙ୍ଗନବାଡ଼ି ଦିଦି ନିତି ଦିନ ଆସୁନଥିବାରୁ ଖେଳ ଖେଳରେ ବା ଗୀତନାଚ କରି ପିଲାଙ୍କୁ ଯେମିତି ଶିକ୍ଷା ଦିଆଯିବା କଥା, ତାହା ବି ହୋଇପାରୁ ନାହିଁ।

ଅଙ୍ଗନବାଡ଼ି ହେଲ୍‌ପର ଗାୟତ୍ରୀ ଦେହୁରୀ କହିଛନ୍ତି, କେତେ ଦିନ ଆଉ ଏମିତି ଚାଲିବ? ଆମ ଘର ବରଣ୍ଡାରେ ଏମିତି ଅଙ୍ଗନବାଡ଼ି କେନ୍ଦ୍ର ଚାଲିବାକୁ ଆମ ପରିବାର ଲୋକେ ବିରୋଧ କରୁଛନ୍ତି। ସେମାନେ କହୁଛନ୍ତି, କେତେବେଳେ କ'ଣ ଅଘଟଣ ଘଟିଲେ କିଏ ଦାୟୀ ରହିବ? ସେତେବେଳେ ସରକାର କିଛି ବୁଝିବେ କି? ସେଥିପାଇଁ ମୁଁ ବି ଚାହୁଁନି ଯେ ଆମ ଘରେ ଅଙ୍ଗନବାଡ଼ି କେନ୍ଦ୍ର ଚାଲୁ। ତେଣୁ ସରକାର ଯେତେ ଶୀଘ୍ର ହୋଇପାରିବ ଆମ ଗାଁରେ ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଘରଟିଏ ତିଆରି କରି ଦିଅନ୍ତୁ।

ଗ୍ରାମବାସୀ ବି ଏ ସଂପର୍କରେ ବିଭିନ୍ନ ସମୟରେ ପ୍ରଶାସନ ନିକଟରେ ଗୁହାରୀ କରିଛନ୍ତି। କିନ୍ତୁ କିଛି ଫଳପ୍ରଦ ହୋଇନାହିଁ। ଅନ୍ୟପକ୍ଷରେ କୋଇଡ଼ା ସିଡିପିଓ କହିଛନ୍ତି ଯେ ଆସନ୍ତା ବର୍ଷ ବର୍ଷା ଋତୁ ପୂର୍ବରୁ ଯଲଡ଼ି ଗାଁରେ ଅଙ୍ଗନବାଡ଼ି କେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟ ହୋଇଯିବ। ତେବେ ପିଲାଏ ବାରଣ୍ଡାରେ ବସି ପଢୁଥିବା କଥାକୁ ସେ ସ୍ୱୀକାର କରି ନାହାନ୍ତି।

ସିଡିପିଓ କହିଛନ୍ତି, ପୂର୍ବରୁ ଥିବା ଅଙ୍ଗନବାଡ଼ି କେନ୍ଦ୍ର ଗୃହଟି ନଷ୍ଟ ହୋଇଗଲା ପରେ ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ଅଙ୍ଗନବାଡ଼ି ହେଲ୍‌ପରଙ୍କ ଘରେ ପାଠପଢ଼ା ଚାଲିଛି। ତାଙ୍କ ଘର ଭିତରେ ହିଁ ପାଠପଢ଼ା ଚାଲେ। ଶୀତ ଦିନ ହୋଇଥିବାରୁ ଥଣ୍ଡା ଲାଗୁଥିବାରୁ ପିଲାଏ କେତେବେଳେ କେମିତି ବାହାରେ ଆସି ବୁଲାବୁଲି କରୁଛନ୍ତି ବା ଖେଳୁଛନ୍ତି। ବର୍ଷା ଦିନ ପୂର୍ବରୁ ସେଠାରେ ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଗୃହ ନିର୍ମାଣ ହୋଇଯିବ।

ସିଡିପିଓ ତ ବେଶ୍ ସହଜରେ କହି ଦେଲେ ଆଗାମୀ ବର୍ଷା ଦିନ ପୂର୍ବରୁ ନୂଆ ଘର ହୋଇଯିବ। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ୧୦ ବର୍ଷ ହେଲା କେମିତି ଜଣେ ଅଙ୍ଗନବାଡ଼ି ହେଲ୍‌ପରଙ୍କ ଘରେ ଅଙ୍ଗନବାଡ଼ି କେନ୍ଦ୍ର ଚଳାଇବାକୁ ଦିଆଯାଇଛି ଅନୁମତି। ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଘରଟିଏ କରିବା ପାଇଁ କାହିଁକି ଏତେ ବର୍ଷ ଲାଗୁଛି? ୧୦ ବର୍ଷ କିଛି କମ୍ ସମୟ ନୁହେଁ। ଏହା ସରକାର ଓ ପ୍ରଶାସନର କାର୍ଯ୍ୟଶୈଳୀ ଓ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଆଗପଛ ହୋଇଚାଲିଗଲେ ବାପା-ମାଆ

# ବଡ଼ ଭଉଣୀ ମୁଣ୍ଡରେ ୩ ଭାଇ ଓ ଭଉଣୀଙ୍କ ବୋଝ



ଭଞ୍ଜନଗର: ଆଗ ପଛ ହୋଇ ଚାଲିଗଲେ ବାପା-ମାଆ। ଅନାଥ ହୋଇଗଲେ ଚାରି ଭାଇ ଓ ଭଉଣୀ। ମୁଣ୍ଡ ଉପରୁ ଉଠିଗଲା ମାଆର ପଣତ ଓ ବାପାଙ୍କ ହାତ। ଯେଉଁ ବୟସ ପାଠ ପଢ଼ିବା ଓ ଖେଳିବା କଥା, ବାପାମାଆଙ୍କ ମୃତ୍ୟୁ ପରେ ସେହି ବୟସରେ ବଡ଼ ଭଉଣୀ ମୁଣ୍ଡାଇଛନ୍ତି ୩ ଭାଇ ଭଉଣୀଙ୍କ ବୋଝ। ଖାଲି ଭାଇ ଓ ଭଉଣୀ ନୁହଁନ୍ତି, ବୃଦ୍ଧ ଆଜା ଆଈଙ୍କ ମୁହଁରେ ଦାନା ମଧ୍ୟ ଯୋଗାଉଛନ୍ତି। ସେ ହେଉଛନ୍ତି ରୁବିନା ନାୟକ।

ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ବ୍ଲକ ଚଢ଼ିଆପଲ୍ଲୀ ପଞ୍ଚାୟତ କୁମୁଣ୍ଡି ଗାଁର ପୁନିଆ ନାୟକ। ପରିବାର କହିଲେ ପତ୍ନୀ ସୁଷମା, ବଡ଼ ଝିଅ ରୁବିନାଙ୍କୁ ମିଶାଇ ୪ ପୁଅ ଓ ଝିଅ। ପୁନିଆ କାମଦାମ କରି ଯାହା ଉପାର୍ଜନ କରନ୍ତି, ସେଥିରେ ଦୁଃଖେ ସୁଖେ ଚଳୁଥିଲା ପରିବାର। ତେଲଲୁଣର ସଂସାର ଭିତରେ ଅଭାବ ସତ୍ତ୍ୱେ ୪ ପିଲାଙ୍କୁ ପାଠ ପଢ଼ାଉଥିଲେ ପୁନିଆ। ତେବେ ୨୦୧୭ ମସିହାରେ ହଠାତ୍ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ହେଲେ ପୁନିଆ। ଡାକ୍ତରଙ୍କୁ ଦେଖାଇଲେ ମଧ୍ୟ ଭଲ ହେଲା ନାହିଁ। ଶେଷରେ ଆଖି ବୁଜିଦେଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ପରିବାରର ବୋଝ ପଡ଼ିଲା ପତ୍ନୀ ସୁଷମାଙ୍କ ଉପରେ। ଗାଁରେ କାମଦାମ କରି ୪ ପିଲାଙ୍କ ମୁହଁରେ ଦାନା ଯୋଗାଉଥିଲେ। ଯେନତେନ ଚଳି ଯାଉଥିଲା ପୂରା ପରିବାର। ହଠାତ୍ କାହାର ନଜର ଲାଗିଲା ଏହି ଅସହାୟ ପରିବାର ଉପରେ। ଦୀପାବଳିର ସେହି ରାତିରେ ଯେତେବେଳେ ଆକାଶରେ ଫୁଟୁଥିଲା ବାଣ, ସେତେବେଳେ ଯନ୍ତ୍ରଣାରେ ଜର୍ଜରୀତ ହୋଇଥିଲେ ସୁଷମା। ମାଆର ଏପରି ଯନ୍ତ୍ରଣା ଦେଖି ଅସହାୟ ହୋଇ ପଡ଼ିଥିଲେ ୪ ଭାଇ ଭଉଣୀ। ମାଟ୍ରିକ୍ ପାସ କରିଥିବା ଝିଅ ରୁବିନା ମାଆକୁ ଭଞ୍ଜନଗର ମେଡ଼ିକାଲ୍‌ ? ନେଇ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଆଗେ ବାପା... ପରେ ମାଆ...। ଆଗପଛ ହୋଇ ଚାଲିଗଲେ ଅଫେରା ପଥରେ। ଆଉ ଅସହାୟ ଅବସ୍ଥାରେ ପଛରେ ଛାଡ଼ିଗଲେ ୪ ପୁଅ ଓ ଝିଅଙ୍କୁ। ସେମାନଙ୍କ ବୟସ କେତେବା ହେବ? ବଡ଼ଝିଅ ରୁବିନା ଏଥର ମାଟ୍ରିକ୍ ପାସ୍ କରିଥିବାରୁ ୧୫ କି ୧୬ ହେବ। ତା' ତଳକୁ ୩ ଭାଇ ଓ ଭଉଣୀ। ସାହି ଓ ଭାଇଙ୍କ ସହାୟତାରେ ମାଆଙ୍କ ଶବସଂସ୍କାର କରାଇଲେ ରୁବିନା। ହେଲେ ଶୁଦ୍ଧିକ୍ରିୟା କେମିତି କରିବେ? ପାଖରେ ଆଦୌ ଟଙ୍କା ନାହିଁ। ରୁବିନାଙ୍କ ଏପରି ସମୟରେ କିନ୍ତୁ ହାତଛଡ଼ା କରିନାହାନ୍ତି ଗାଁ ଲୋକେ। ସମସ୍ତେ ଆଗେଇ ଆସିଛନ୍ତି। ସମସ୍ତଙ୍କ ସହଯୋଗରେ ରୁବିନା ମାଆଙ୍କ ଦଶାହ କାର୍ଯ୍ୟ କରିଦେଲେ। ମାଆଙ୍କ ସବୁ କର୍ମକାଣ୍ଡ ସରିଗଲା।

ମାଆ ମରିବାକୁ ୧୪ ଦିନ ବିତିଲାଣି। ରୁବିନାଙ୍କ ଆଖି ଆଗରେ ସେ ପୁରୁଣା ଦିନଗୁଡ଼ାକୁ ଜଳଜଳ ହୋଇ ଦେଖାଯାଉଛି। ସ୍କୁଲରୁ ଫେରି ମାଆ ବୋଲି ଡାକି ଦେଲେ, ଜୁଆଡ଼େ ଥାଉନା କାହିଁକି ମାଆ ଧାଇଁ ଆସୁଥିଲେ। ଆଉ ଭାତ କଂସା ବାଢ଼ି ଥୋଇ ଦେଉଥିଲେ। ଯାହା ହେଉନା କାହିଁକି ଖାଇଦେଉଥିଲା ରୁବିନା। ହେଲେ ଆଜି ମାଆ ନାହାନ୍ତି କି ବାପା ନାହାନ୍ତି। ପୂରାପୂରି ଏକୁଟିଆ ଓ ଅସହାୟ ରୁବିନା। ମୁଣ୍ଡ ଉପରେ ଛୋଟଛୋଟ ୩ ଭାଇ ଓ ଭଉଣୀଙ୍କ ବୋଝ।

ମାଟ୍ରିକ୍ ପାସ୍ କରିଥିବା ରୁବିନା ଆଉ ଆଗକୁ ପଢ଼ିଲେ ନାହିଁ। ପାଠ ପଢ଼ାରେ ଡୋରି ବାନ୍ଧି ନିଜ ଭାଇ ଓ ଭଉଣୀଙ୍କୁ ଧରି ଅଜା ଏବଂ ଆଈଙ୍କ ଘରକୁ ଚାଲି ଗଲେ। ସାନ ଭାଇ ଭଉଣୀଙ୍କୁ ଅଜାଆଈଙ୍କ ପାଖରେ ଛାଡ଼ି ଗାଁରେ ଏ ଘର ସେ ଘରେ ପାଇଟି କଲେ। ସେଥିରୁ ଯାହା ପାଇଲେ, ସେଥିରେ ବୃଦ୍ଧ ଅଜାଆଈ ଓ ୩ ଭାଇ ଭଉଣୀଙ୍କ ମୁହଁରେ ଦାନା ଦେଉଛନ୍ତି ରୁବିନା। ସରକାରୀ ସହାୟତା କହିଲେ ପାଞ୍ଚ କିଲୋ ଚାଉଳ। ତା'ଛଡ଼ା ଅନ୍ୟ କିଛି ସହାୟତା ମିଳୁନି। ଘରେ କିଛି ବୋଲି କିଛି ନାହିଁ। ତେଣୁ ଅନାଥ ଚାରି ଭାଇ ଭଉଣୀଙ୍କୁ ସରକାରୀ ସେବାଶ୍ରମରେ ଥଇଥାନ କରିବାକୁ ସ୍ଥାନୀୟ ଲୋକେ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। ଅନ୍ୟପଟେ ଏହି ଘଟଣା ସମ୍ପର୍କରେ ପ୍ରଶାସନ ଅବଗତ ରହିଛି। ସେମାନଙ୍କ ଖାଇବା ପିଇବାଠୁ ଆରମ୍ଭ କରି ପାଠ ପଢିବା ଯାଏଁ ସବୁଥିରେ ପ୍ରଶାସନ ପକ୍ଷରୁ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି କହିଛନ୍ତି ଭଞ୍ଜନଗର ଉପଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ।

# ଭଙ୍ଗାଗଢ଼ାରେ ଯାଉଛି ସମୟ, ପାଠପଢ଼ାକୁ ନଜର ନାହିଁ



ଯାଜପୁର: ସମସ୍ୟାର ପାହାଡ଼ ଭିତରେ ଦବି ରହିଛି ଯାଜପୁର ଜିଲ୍ଲାର ସର୍ବପୁରାତନ ନରସିଂହ ଚୌଧୁରୀ ମହାବିଦ୍ୟାଳୟ, ଯାହା ଏନ୍‌ସି କଲେଜ ନାଁରେ ସାରା ରାଜ୍ୟରେ ବେଶ୍ ପରିଚିତ। ଏହା ଏବେ କେବଳ ଭଙ୍ଗାଗଢ଼ା ମଧ୍ୟରେ ଚାଲିଛି। କଲେଜକୁ ନୂଆ ରୂପ ଦେବାକୁ ଜାରି ରହିଛି ଏହି ପ୍ରକ୍ରିୟା, ଯାହା ବର୍ଷ ବର୍ଷ ଧରି ସରୁ ନାହିଁ। କଲେଜ ଗଢୁ ଗଢୁ ପିଲାଙ୍କ ଭବିଷ୍ୟତ ଗଢ଼ିବାକୁ କର୍ତ୍ତୃପକ୍ଷ ଭୁଲି ଯାଇଥିବା ଅଭିଯୋଗ ହେଉଛି।

ଏନ୍‌ସି କଲେଜ ତା'ର ପୂର୍ବ ଗୌରବ ହରାଇ ସାରିଛି। ୧୯୪୬ ମସିହାରେ ପ୍ରତିଷ୍ଠିତ ଏହି କଲେଜ ଜିଲ୍ଲାର ପ୍ରଥମ ଉଚ୍ଚ ଶିକ୍ଷାନୁଷ୍ଠାନ ହୋଇଥିଲେ ବି ୟୁଜିସିର ଅନୁଦାନ ଅର୍ଥ ପରିଚାଳନାରେ ତ୍ରୁଟି କାରଣରୁ ୨୦୧୩ ମସିହାରୁ ଏହା ଅଟୋନମସ ମାନ୍ୟତା ହରାଇ ସାରିଛି। ବହୁ ଚେଷ୍ଟା ପରେ ବି ଦୀର୍ଘ ୯ ବର୍ଷ ହେଲା ଆଉ ଏହି କଲେଜକୁ ଅଟୋନମସ ମାନ୍ୟତା ମିଳୁନାହିଁ।

କଲେଜର ଭିତ୍ତିଭୂମିକୁ ବ୍ୟବସ୍ଥିତ କରିବା ପାଇଁ ଏବେ ଏଠାରେ ଭଙ୍ଗାଗଢ଼ା କାମ ଚାଲିଛି। କିନ୍ତୁ ଲାଗୁଛି ସେଗୁଡ଼ିକ ବି ବ୍ୟବସ୍ଥିତ ଢଙ୍ଗରେ ହେଉନାହିଁ। ଏଠାରେ ନବନିର୍ମିତ ବିଜ୍ଞାନ ବ୍ଲକ ସମ୍ପୂର୍ଣ୍ଣ ଭାବେ ପିଲାଙ୍କ କାମରେ ଲାଗି ପାରୁନି। ସାଇନ୍ସ ଲାବ୍ରୋଟୋରି ଓ ଅଡିଟୋରିୟମର ନିର୍ମାଣ କାର୍ଯ୍ୟ ଚାଲିଛି। ପିଲାଙ୍କ ଲାଗି ସାଇକେଲ ଷ୍ଟାଣ୍ଡଟିଏ ନଥିବା ବେଳେ ପିଇବା ଲାଗି ପାନୀୟ ଜଳ ବ୍ୟବସ୍ଥା ଅଚଳ ରହିଛି। ଶୌଚାଳୟ ସୁବିଧାରୁ ପିଲା ବଞ୍ଚିତ ରହିଥିବା ବେଳେ ଏ ସମସ୍ୟା ଅପେକ୍ଷା ମରାମତି ଓ ନୂତନ ଅଟ୍ଟାଳିକା ନିର୍ମାଣ ଲାଗି ଠିକାଦାରିକୁ ଗୁରୁତ୍ୱ ଦିଆଯାଉଥିବା ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି।

୨୦୨୦ ମସିହାରୁ ଛାତ୍ରୀ ନିବାସ ନିର୍ମାଣ ହୋଇଛି। କରୋନା ସମୟରେ ଏହାକୁ ଅସ୍ଥାୟୀ କୋଭିଡ କେୟାର ସେଣ୍ଟର କରାଯାଇଥିଲା। ଆଉ ତା'ପରଠୁ ଏହାକୁ କଲେଜ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇ ନାହିଁ। ଫଳରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ତଥା ଜିଲ୍ଲା ବାହାରୁ ଏଠାରେ ନାମ ଲେଖାଉଥିବା ଛାତ୍ରୀଙ୍କୁ ରହିବାରେ ଅସୁବିଧା ହେଉଛନ୍ତି। ସେମାନେ ହଷ୍ଟେଲରେ ରହିପାରୁ ନାହାନ୍ତି। ଅନ୍ୟପକ୍ଷରେ ଆସନ୍ତା କିଛି ମାସ ଭିତରେ ଏହି ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି କହିଛନ୍ତି କଲେଜ ଅଧ୍ୟକ୍ଷ।

ଏନ୍‌ସି କଲେଜରେ ଯୁକ୍ତ ତିନି ବିଜ୍ଞାନର ଚାହିଦା ଥିଲେ ବି ପୂର୍ବରୁ ରହିଥିବା ୧୪୪ ସିଟ ସଂଖ୍ୟାରେ ଏଯାଏ କୌଣସି ବୃଦ୍ଧି ହୋଇନି। ସେହିପରି ଗଣିତ ଓ ଇତିହାସ ଛଡ଼ା ଅନ୍ୟ କୌଣସି ବିଷୟରେ ପିଜି ପାଠ୍ୟକ୍ରମ ନାହିଁ। କଲେଜ ଅଧ୍ୟକ୍ଷ କହିଛନ୍ତି, ଅଟୋନମସ ମାନ୍ୟତା ଲାଗି ଉଦ୍ୟମ ଜାରି ରହିଛି। ଯେଉଁ ନିର୍ମାଣ କାର୍ଯ୍ୟ ଚାଲୁଛି, ତାହା ଆଗାମୀ ଶିକ୍ଷା ବର୍ଷ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ଆଶା ରହିଛି। ବାକି ଯାହା ସମସ୍ୟା ରହିଛି, ସେ ସଂପର୍କରେ ସରକାରଙ୍କୁ ଅବଗତ କରାଇଛୁ।

ପୁରାତନ ଶିକ୍ଷାନୁଷ୍ଠାନର ଉନ୍ନତିକରଣ ଆଳରେ ବ୍ୟବସାୟୀକରଣ ମନୋବୃତ୍ତି ପରିବର୍ତ୍ତେ ଶିକ୍ଷାର ମାନ ଓ ଭିତ୍ତିଭୂମିକୁ ସୁଦୃଢ଼ କରାଗଲେ ବହୁ ଗରିବ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତ ଗଢିବାର ସୁଯୋଗ ମିଳିପାରନ୍ତା ବୋଲି ଆଲୋଚନା ହେଉଛି।

# ମେଡିକାଲ ପୂରା ଚକାଚକ, ସବୁ ବିଭାଗରେ ତାଲା




ଭଞ୍ଜନଗର: ମେଡିକାଲ ଦେଖିବାକୁ ଚକାଚକ। ବହାର ଯେମିତି ସାଜସଜ୍ଜା, ଭିତର ମଧ୍ୟ ତାହାଠାରୁ ଅଧିକ ସୁନ୍ଦର। ସବୁ ପ୍ରକାର ଯନ୍ତ୍ରପାତି ମଧ୍ୟ ଖଞ୍ଜା ହୋଇ ରହିଛି। ସବୁ ବିଭାଗର ସ୍ୱତନ୍ତ୍ର କୋଠରୀ ରହିଛି। ଫଳକ ବି ଲାଗିଛି। ହେଲେ ସବୁ କୋଠରୀରେ ଝୁଲୁଛି ତାଲା। କୋଠରୀ ବାହାରେ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ରୋଗୀ। ସେମାନଙ୍କ ଦୁଃଖ ଶୁଣିବାକୁ କେହିନାହିଁ। ଆଖି ବୁଜି ଦେଇଛନ୍ତି ସିଡିଏମ୍‌ଓ। ଦାୟିତ୍ୱ ହୁଡୁଥିବା ସରକାର ବି ଚୁପ୍। ଗଞ୍ଜାମ ବେଲଗୁଣ୍ଠା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏଭଳି ଚିତ୍ର ନଜର ଆସିଛି। ଏହି ମେଡିକାଲ ମହାକାଳ ଫଳ ଭଳି ଉପରୁ ସୁନ୍ଦର ଦିଶୁଥିବା ବେଳେ ଭିତର କିନ୍ତୁ ପୂରା ଫମ୍ପା।

ଏଠାରେ ଜଣେ ମାତ୍ର ସହକାରୀ ଡାକ୍ତରରେ ଚାଲିଛି ଡାକ୍ତରଖାନା। ଏହି ସରକାରୀ ଡାକ୍ତର ଜଣେ ମହିଳା। ଓଭର ଟାଇମ୍ ସାଙ୍ଗକୁ ଏମ୍‌ରଜେନ୍ସି ସମୟରେ ତାଙ୍କୁ ନିୟୋଜିତ କରାଯାଉଥିବାରୁ ସେ ବି ସରକାରୀ ଖାମଖିଆଲି ମନୋଭାବକୁ ନେଇ ବିରକ୍ତ ହୋଇପଡ଼ିଲେଣି। ୧୧ ଜଣଙ୍କ ଡାକ୍ତରଙ୍କ ସ୍ଥାନରେ ଏକାକୀ ତାଙ୍କୁ ସବୁ କାମ ଲଦି ଦିଆଯାଉଥିବା ସମ୍ପର୍କରେ ସେ ସିଡିଏମ୍‌ଙ୍କୁ ବାରମ୍ବାର ଜଣାଇଛନ୍ତି। ଆବଶ୍ୟକ ଡାକ୍ତର ନିୟୋଜିତ କରିବାକୁ ଚିଠି କରିଛନ୍ତି। ହେଲେ ନା ତାଙ୍କ କଥା ସ୍ୱାସ୍ଥ୍ୟ ବିଭାଗ ଶୁଣୁଛି, ନା ଲୋକଙ୍କ ଅଭିଯୋଗକୁ ସରକାର ଶୁଣୁଛନ୍ତି। ଫଳରେ ଏହାକୁ ନେଇ ଥିବା ଅସନ୍ତୋଷ ଚରମ ସୀମାରେ ପହଞ୍ଚିଲାଣି।

ଏହି ଡାକ୍ତରଖାନା ଉପରେ ୬୦ରୁ ଅଧିକ ଗାଁର ୪୦ ହଜାର ଲୋକ ନିର୍ଭର କରନ୍ତି। ପ୍ରତିଦିନ ଏଠାକୁ ଶହଶହ ରୋଗୀ ଚିକିତ୍ସା ଆଶା ନେଇ ଆସିଥାନ୍ତି। ହେଲେ ଆବଶ୍ୟକ ଚିକିତ୍ସା ନ ପାଇ ନିରାଶରେ ଘରକୁ ଫେରି ଯାଆନ୍ତି, ନଚେତ୍ ଭଞ୍ଜନଗର କିମ୍ବା ବ୍ରହ୍ମପୁରରେ ଥିବା ଡାକ୍ତରଖାନା ଯିବାକୁ ବାଧ୍ୟ ହୋଇଥାନ୍ତି। ଭେଷଜ, ସ୍ତ୍ରୀ ଓ ପ୍ରସୂତୀ, ସର୍ଜରି, ଶିଶୁ ଓ ଚକ୍ଷୁ ବିଭାଗରେ ଜଣେ ବି ବିଶେଷଜ୍ଞ ଡାକ୍ତର ନାହାନ୍ତି। ସବୁ ବିଶେଷଜ୍ଞ ପଦବୀ ଖାଲି ପଡ଼ିଛି। ଏଠାକୁ ଆସୁଥିବା ରୋଗୀ ଉପଯୁକ୍ତ ସେବା ନ ପାଇ ବାଧ୍ୟ ହୋଇ ଔଷଧ ଦୋକାନୀର ପରାମର୍ଶରେ ଔଷଧ ନେଉଥିବା ସେମାନଙ୍କ ଠାରୁ ଜଣାପଡ଼ିଛି।

ଚିକିତ୍ସା ପାଇଁ ଆସିଥିବା ରୋଗୀଙ୍କ ସମ୍ପର୍କୀୟ ଜିତେନ୍ଦ୍ର ମହାପାତ୍ର ଓ ଭଗବାନ ସେଠୀ କହିଛନ୍ତି, ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ମାଗଣାରେ ଯୋଗାଇବା ପାଇଁ ସରକାର ଅନେକ ଯୋଜନା କରିଥିବା ଡିଣ୍ଡିମ ପିଟୁଛନ୍ତି। ନିରାମୟ, ନିଦାନ ଭଳି ବିଭିନ୍ନ ଯୋଜନା ମାଧ୍ୟମରେ ସରକାରୀ ପାଣ୍ଠିରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି ସତ। ହେଲେ ଏଠାରେ ଏହା ରୋଗୀଙ୍କ କାମରେ ଆସୁନି। ଡାକ୍ତର ନ ଥିବାରୁ ରୋଗୀ ଛଟପଟ ହୋଇ ଦୂରଦୂରାନ୍ତ ଡାକ୍ତରଖାନା ଯାଉଛନ୍ତି ଓ ଶୋଷଣର ଶିକାର ହେଉଛନ୍ତି। ସବୁ ଠାରୁ ବେଶୀ ହିନସ୍ତା ହେଉଛନ୍ତି ଗରିବ ଶ୍ରେଣୀର ରୋଗୀ। ଦୂରଦୂରାନ୍ତ ଡାକ୍ତରଖାନାକୁ ଯାଇ ନ ପାରି ଘରେ ପଡ଼ିପଡ଼ି ସେମାନଙ୍କ ଜୀବନ ଯାଉଛି। ଅଧିକାଂଶ ସ୍ଥଳରେ ଡାକ୍ତର ନ ଥିବାରୁ ରୋଗୀ ଔଷଧ ଦୋକାନୀ ପରାମର୍ଶ ମୁତାବକ ଔଷଧ ଖାଉଛନ୍ତି। ଯାହା ଅଧିକାଂଶ ସ୍ଥଳରେ ରୋଗୀଙ୍କ ପାଇଁ କାଳ ହେଉଛି। ସେହିପରି ଦୁର୍ଘଟଣା ଗୁରୁତର ରୋଗୀଙ୍କୁ ଏଠାରେ ଜରୁରୀକାଳୀନ ଚିକିତ୍ସା ମିଳୁ ନ ଥିବାରୁ ଭଞ୍ଜନଗର ଓ ବ୍ରହ୍ମପୁରରେ ପହଞ୍ଚିବା ବେଳକୁ ଅନେକ ଜୀବନ ହରାଉଛନ୍ତି।

ଗାୟତ୍ରୀ ଡାକୁଆ କହିଛନ୍ତି, ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରାଇବାର ସମସ୍ତ ସୁବିଧା ଓ ଯନ୍ତ୍ରପାତି ଥାଇ ମଧ୍ୟ ଡାକ୍ତର ନ ଥିବାରୁ ଶତାଧିକ ଗର୍ଭବତୀ ବେଲଗୁଣ୍ଠା ଠାରୁ ବହୁ ଦୂର ବ୍ରହ୍ମପୁରରେ ଥିବା ସରକାରୀ କିମ୍ବା ବେସରକାରୀ ଡାକ୍ତରଖାନା ଯାଉଛନ୍ତି। ଏହା ସେମାନଙ୍କୁ ଯେତିକି ଯନ୍ତ୍ରଣା ଦେଉଛି, ସେତିକି ଜୀବନପ୍ରତି ବିପଦ ମଧ୍ୟ ସୃଷ୍ଟି କରୁଛନ୍ତି। ଗର୍ଭବତୀମାନେ ଏଥିଯୋଗୁ ଖର୍ଚ୍ଚାନ୍ତ ମଧ୍ୟ ହେଉଛନ୍ତି। ଗର୍ଭ ରହିବା ପରେ ନିୟମିତ ଚିକିତ୍ସା ନିମନ୍ତେ ସେମାନଙ୍କୁ ବ୍ରହ୍ମପୁର ଓ ଭଞ୍ଜନଗର ଯିବା କଷ୍ଟକର ହୋଇପଡ଼ିଛି। ତାଙ୍କ ଝିଅ ମଧ୍ୟ ଏଭଳି ସମସ୍ୟାରେ ଘାଣ୍ଟି ହେଉଛନ୍ତି।

ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସବିତା ବେହେରା କହିଛନ୍ତି ଯେ, ଆବଶ୍ୟକ ଡାକ୍ତର ନ ଥିବା ଯୋଗୁ ରୋଗୀମାନେ ଓ ନିୟୋଜିତ ଡାକ୍ତର- ଉଭୟ ସମସ୍ୟା ଭୋଗୁଛନ୍ତି। ରୋଗୀମାନେ ଅଧିକାଂଶ ସମୟରେ ଉପଯୁକ୍ତ ଚିକିତ୍ସା ସେବା ପାଉନାହାନ୍ତି। ଓପିଡିରେ ଏବେ ମାସେ ହେବ ଆୟୁଷ ଡାକ୍ତରମାନେ କାମଚଳା ନିମନ୍ତେ ନିୟୋଜିତ ହୋଇଛନ୍ତି। ହେଲେ ସେମାନେ କୌଣସି ଗୁରୁତର ରୋଗୀ ଆସିଲେ ଚିକିତ୍ସା କରିପାରୁନାହାନ୍ତି। ମୋଟ ୧୧ ଡାକ୍ତର ପଦବୀର ମଧ୍ୟରୁ ବିଶେଷଜ୍ଞ ପଦବୀ ୩ଟି। ୮ଟି ହେଉଛି ସରକାରୀ ସର୍ଜନ ଡାକ୍ତର ପଦବୀ। ଏହି ୮ ପଦବୀରୁ ମଧ୍ୟରୁ ଗୋଟିଏ ପଦବୀରେ ପୂରଣ ହୋଇଛି। ସେ ଏହି ପଦବୀରେ ରହିବା ସହ ମେଡିକାଲ ଅଫିସ୍‌ର ଦାୟିତ୍ୱ ମଧ୍ୟ ତୁଲାଉଛନ୍ତି। ଦିନରାତି ସବୁ ବେଳେ ତାଙ୍କୁ ହିଁ କାମ ଚଳାଇବାକୁ ପଡୁଛି। ଅତି କମ୍‌ରେ ଜଣେ ଏମ୍‌ବିବିଏସ୍ ଡାକ୍ତରଙ୍କୁ ଡେପୁଟେସନରେ ଦେବା ପାଇଁ ସେ ସିଡିଏମ୍‌ଓଙ୍କୁ ଚିଠି କରି ଜଣାଇଛନ୍ତି। ହେଲେ ସିଡିଏମ୍‌ଓ କୌଣସି କଥା ବୁଝିନାହାନ୍ତି। ତେଣୁ ଆଉ ଥରେ ଚିଠି କରି ତାଙ୍କୁ ଏହି ସମସ୍ୟା ବିଷୟରେ ଜଣାଇବୁ ବୋଲି ସେ କହିଛନ୍ତି।

# ବାଜିରେ ଲାଗିଛି ୭୦ ଛାତ୍ରଛାତ୍ରୀଙ୍କ ଜୀବନ

କୋଣାର୍କ: "ଶ୍ରେଣୀରେ ବସି ପାଠପଢୁଛୁ ସତ, ହେଲେ ଡର ଲାଗୁଛି। ସଦାବେଳେ ଆଶଙ୍କା- ସ୍କୁଲ ଭୁଶୁଡ଼ି ଯିବନି ତ ?" ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଶିଶୁଅ ପଂଚାୟତ ଉଦୟକଣି ମା' ବାଟୁଲେଇ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି କଥା କହିଛନ୍ତି।

ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ ନା ଏହି ସ୍କୁଲର ପୁରୁଣା କୋଠାର ଉନ୍ନତିକରଣ କରାଯାଉଛି, ନା ନୂଆ ସ୍କୁଲ କୋଠା ନିର୍ମାଣ ନିମନ୍ତେ ଦୃଷ୍ଟି ଦିଆଯାଉଛି। ପିଲାମାନଙ୍କୁ ଏବେ ଅସ୍ଥାୟୀ ଭାବେ ଏକ ବାତ୍ୟା ଆଶ୍ରୟସ୍ଥଳ କୋଠାରେ ପାଠ ପଢ଼ାଇବାର ବ୍ୟବସ୍ଥା ହୋଇଛି। ତେବେ ତାହା ମଧ୍ୟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଫଳରେ ଏହାକୁ ନେଇ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କ ଅଭିଯୋଗ ଏଠାରେ ବାଜିରେ ଲାଗିଛି ୭୦ ଛାତ୍ରଛାତ୍ରୀଙ୍କ ଜୀବନ।

ଶିଶୁଅ ପଂଚାୟତ ଅସ୍ତରଙ୍ଗ ବ୍ଲକର ଏକ ବିଛିନ୍ନାଂଚଳ ଭାବେ ପରିଚିତ। ଏହି ପଞ୍ଚାୟତରେ ସମୁଦ୍ରକୂଳରେ ଉଦୟକଣି, ଛେନୁ, ତଣ୍ଡାହର, କଳମକଣି ଓ କଟକଣା ଆଦି ୫ଟି ଗାଁ ରହିଛି। ଉଦୟକଣି ମା' ବାଟୁଲେଇ ସରକାରୀ ଉଚ୍ଚ ବିଦ୍ୟାଳୟ ଏଠାର ଛାତ୍ରଛାତ୍ରୀଙ୍କ ପାଇଁ ପାଠପଢ଼ିବାର ଏକମାତ୍ର ବିକଳ୍ପ। ଅଷ୍ଟମରୁ ଦଶମ ତିନୋଟି ଶ୍ରେଣୀର ୭୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏଠାରେ ପାଠପଢୁଛନ୍ତି। ବିପଦସଙ୍କୁଳ ଶ୍ରେଣୀ ଗୃହରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରାଯାଉଛି, ଯାହାର ପିଲର ଓ କାନ୍ଥ ଫାଟି ମେଲା ହୋଇଗଲାଣି।

ଏହି ଗାଁମାନଙ୍କ ଠାରୁ ୫ କିଲୋମିଟର ବ୍ୟବଧାନରେ ଆଉ କୌଣସି ଉଚ୍ଚ ବିଦ୍ୟାଳୟ ନାହିଁ। ସମୁଦ୍ର କୂଳରେ ଅବସ୍ଥିତ ଏହି ସ୍କୁଲର ପୁରୁଣା ଶ୍ରେଣୀଗୃହଗୁଡ଼ିକ ଭାଙ୍ଗୁରୁଜି ଯିବା ପରେ ଗାଁମୁଣ୍ଡରେ ଥିବା ବାତ୍ୟା ଆଶ୍ରୟସ୍ଥଳୀରେ ଏବେ ବିଦ୍ୟାଳୟ



ଚାଲୁଛି। ଏହି ବାତ୍ୟା ଆଶ୍ରୟସ୍ଥଳୀ କୋଠାର ମଧ୍ୟ ଅବସ୍ଥା ଭଲ ନାହିଁ। କୋଠାର ଅଧିକାଂଶ ପିଲାର ଭାଙ୍ଗି ଫାଟି ଯାଇଥିବା ବେଳେ କେତେକ ସମ୍ପୂର୍ଣ୍ଣ ଅସ୍ତିତ୍ୱ ହରାଇବାକୁ ବସିଛି। ପିଲାରରୁ କଂକ୍ରିଟ ବାହାରି ଗଲାଣି। ଭିତର ରଡ୍ ବାହାରକୁ ଦେଖାଯାଉଛି। ରଡ୍ ଗୁଡ଼ିକ କଳଙ୍କି ଲାଗି ନଷ୍ଟ ହୋଇଯାଇଛି। ତେଣୁ ଏହା କୋଠା ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଛି। ସାମାନ୍ୟ ପ୍ରାକୃତି ବିପର୍ଯ୍ୟୟ ଏଠାରେ ବଡ଼ କ୍ଷତି ଘଟାଇପାରେ।

ବିପଦ ଥିବା ଜାଣି ମଧ୍ୟ ପିଲାମାନଙ୍କୁ ଏଠାରେ ଶିକ୍ଷକମାନେ ପାଠ ପଢ଼ାଉଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ସମସ୍ୟାର ସମାଧାନ ପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ଜୀବନକୁ ବାଜି ଲଗାଇ ଏଠାକୁ ଆସୁଥିବା କହିଛନ୍ତି।

ବିଦ୍ୟାର୍ଥୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ଓ ସୁମନ କାଣ୍ଡି କହିଛନ୍ତି, ସମୁଦ୍ର ଧୀରେ ଧୀରେ ସ୍କୁଲ ଆଡ଼କୁ ମାଡ଼ି ଆସୁଥିବା ଦେଖି ଭୟ ଲାଗୁଛି। ଏହା ସାଙ୍ଗକୁ ବିପଦସଙ୍କୁଳ କୋଠାରେ ପାଠ ପଢ଼ିବା ବେଳେ ଡର ଲାଗୁଛି। ତେଣୁ ସରକାର ତୁରନ୍ତ ନୂଆ ସ୍କୁଲ କୋଠାଟିଏ ନିର୍ମାଣ କଲେ ସମସ୍ତ ଛାତ୍ରଛାତ୍ରୀ ଉପକୃତ ହୁଅନ୍ତେ।

ବିପଦସଂକୁଳ କୋଠାରେ ପିଲାମାନେ ପାଠ ପଢୁଥିବା ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ବିଶ୍ୱାଳ ସ୍ୱୀକାର କରିବା ସହ କହିଛନ୍ତି, ଏ ସମ୍ପର୍କରେ ସେ ବ୍ଲକ ପ୍ରଶାସନକୁ ଅବଗତ କରାଇଛନ୍ତି। ସ୍କୁଲର ଉନ୍ନତିକରଣ କରାଯିବ ବୋଲି କୁହାଯାଉଛି। ହେଲେ କେବେ ହେବ ଦେଖିବାର କଥା।

ଅସ୍ତରଙ୍ଗ ତହସିଲଦାର ରାଜଲକ୍ଷ୍ମୀ ନାୟକ କହିଛନ୍ତି ଯେ, ସେ ଏ ସମ୍ପର୍କରେ ଅବଗତ ଅଛନ୍ତି। ଏହି ବାତ୍ୟା ଆଶ୍ରୟସ୍ଥଳୀର ପୁନଃ ନିର୍ମାଣ ନିମନ୍ତେ ସେ ଜିଲ୍ଲାପାଳ ଓ ଓସଡମାକୁ ଜଣାଇବେ।

ଅସ୍ଥାୟୀ ଭାବେ ସ୍କୁଲ ଚାଲୁଥିବା ବାତ୍ୟା ଆଶ୍ରୟସ୍ଥଳ କୋଠାର ପିଲର ନଷ୍ଟ ହୋଇଗଲାଣି।

ଅଭିଭାବକଙ୍କ କହିବା କଥା, ପ୍ରଶାସନିକ ଦାୟିତ୍ୱହୀନତା ଯୋଗୁ ଛାତ୍ରଛାତ୍ରୀଙ୍କ ଜୀବନ ଓ ଭବିଷ୍ୟତ ସହ ଏଠାରେ ଖେଳ ଚାଲିଛି। ନିଜ ଜୀବନକୁ ବାଜି ଲଗାଇ ଜରାଜୀର୍ଣ୍ଣ କୋଠା ତଳେ ନିଜ ନିଜ ଭବିଷ୍ୟତ ଗଢୁଛନ୍ତି ଛାତ୍ରଛାତ୍ରୀ। ଏହା ରାଜ୍ୟ ସରକାରଙ୍କ ଅପାରଗତାକୁ ପଦାରେ ପକାଇ ଦେଇଛି।

# ଡିସେମ୍ବର ସୁଦ୍ଧା ହାତୀ ମୃତ୍ୟୁ ରୋକିବାକୁ ଚୂଡ଼ାନ୍ତ ହେବ ଆକ୍ସନ ପ୍ଲାନ୍

କଟକ: ରାଜ୍ୟର ସମସ୍ତ ହାତୀ କରିଡ଼ରକୁ ଚିହ୍ନଟ କରାଯିବ। ହାତୀ ଚଳ ପ୍ରଚଳ କରୁଥିବା ଅଞ୍ଚଳରେ ଏହି କରିଡ଼ର ଗୁଡ଼ିକୁ ଚିହ୍ନଟ କରାଯାଇ ସ୍ଥାନୀୟ ଜନସାଧାରଣଙ୍କୁ ହାତୀ ସୁରକ୍ଷା ପ୍ରସଙ୍ଗରେ ସଚେତନ କରାଯିବ। ହାତୀ ମୃତ୍ୟୁ ରୋକିବା ଲାଗି ପ୍ରସ୍ତୁତ କରାଯାଇଥିବା ଆକ୍ସନ ପ୍ଲାନକୁ ଆସନ୍ତା ଡିସେମ୍ବର ସୁଧା ପୂର୍ଣ୍ଣାଙ୍ଗ ରୂପ ଦିଆଯିବ। ଏହି ଆକ୍ସନ ପ୍ଲାନରେ ଥିବା ବିଭିନ୍ନ ପ୍ରସଙ୍ଗକୁ ଡିସେମ୍ବର ସୁଦ୍ଧା ସଫଳ ରୂପାୟନ କରାଯିବ ବୋଲି ଜଏଣ୍ଟ ଟାସ୍କ ଫୋର୍ସ ପକ୍ଷରୁ ଆଜି ହାଇକୋର୍ଟରେ ସତ୍ୟପାଠ ଜରିଆରେ ଦର୍ଶା ଯାଇଛି। ରାଜ୍ୟରେ ହାତୀ ମୃତ୍ୟୁ ଉଦ୍ ?ବେଗଜନକ ଭାବେ ବଢୁଥିବାରୁ ଏହାକୁ ନେଇ ହାଇକୋର୍ଟରେ ହୋଇଥିବା ମାମଲାରେ କୋର୍ଟ ଏହି ସତ୍ୟପାଠକୁ ଗ୍ରହଣ କରିବା ସହ ଆଜି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ଏହି ମାମଲାରେ ଆସନ୍ତା ଜାନୁଆରୀ ୧୮ ସୁଦ୍ଧା ଆକ୍ସନ ପ୍ଲାନର



ରୂପାୟନ ନେଇ ରିପୋର୍ଟ ଦେବ ଜଏଣ୍ଟ ଟାସ୍କ ଫୋର୍ସ। ବିଦ୍ୟୁତ୍ ଆଘାତ ଜନିତ ହାତୀ ମୃତ୍ୟୁ ଏବଂ ରେଳ ଦୁର୍ଘଟଣା ଜନିତ ହାତୀ ମୃତ୍ୟୁ ରୋକିବା ପାଇଁ ଉଦ୍ୟମ କରାଯିବ। ଏ ନେଇ ବିଦ୍ୟୁତ୍ ବିତରଣ କମ୍ପାନୀଙ୍କ ସହ ଆଲୋଚନା ଜାରି ରହିଛି। ରେଳବାଇ ସହ ଆଲୋଚନା କରି ହାତୀ କରିଡ଼ରରେ ରେଳ ଦୁର୍ଘଟଣା ଜନିତ ହାତୀ ମୃତ୍ୟୁ ରୋକିବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି ଜଏଣ୍ଟ ଟାସ୍କ ଫୋର୍ସର ସତ୍ୟପାଠରେ ଦର୍ଶାଯାଇଛି।

ଅନ୍ୟପଟେ ଜଏଣ୍ଟ ଟାସ୍କ ଫୋର୍ସରେ ବିଶିଷ୍ଟ ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ ଏବଂ ଡକ୍ଟର ବିଶ୍ୱଜିତ୍ ମହାନ୍ତିଙ୍କୁ ସାମିଲ କରିବାକୁ କୋର୍ଟ ପରାମର୍ଶ ଦେଇଛନ୍ତି। ଜେଟିଏଫ ଦ୍ୱାରା ପ୍ରସ୍ତୁତ ଆକ୍ସନ ପ୍ଲାନ ବିଷୟ ଗୁଡ଼ିକ ଉପରେ କେତେଦୂର କାର୍ଯ୍ୟ କରାଯାଇଛି ସେ ନେଇ ଜଣେଇବା ପାଇଁ କୋର୍ଟ କହିଛନ୍ତି।

ସେପଟେ ହାତୀ ଶିକାରକୁ ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ହାତୀ ଶିକାରକୁ ନେଇ ଦାୟର ସମସ୍ତ ମାମଲାର ତ୍ୱରିତ ବିଚାର ପାଇଁ ପଦକ୍ଷେପ ନେବାକୁ ଜେଟିଏଫ ସଦସ୍ୟ ତଥା ଅତିରିକ୍ତ ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜେଟିଏଫର ସମସ୍ତ ସଦସ୍ୟ ଆଜି ଭିସି ଜରିଆରେ ଉପସ୍ଥିତ ଥିଲେ। ଏହା ସହ ଭିସି ଜରିଆରେ ସାମିଲ ହୋଇ ବନ୍ୟପ୍ରାଣୀ ବିଶେଷଜ୍ଞ ଡାକ୍ତର ସୁକୁମାର ଅନେକ ପରାମର୍ଶ ଦେଇଥିଲେ।

କର୍ଣାଟକ ଏବଂ ଇଷ୍ଟ ସେଣ୍ଟ୍ରାଲ ଏଲିଫାଣ୍ଟ ଆକ୍ସନ ପ୍ଲାନକୁ ତର୍ଜମା କରି ସେହି ଆଧାରରେ ପଦକ୍ଷେପ ନେବାକୁ ଜେଟିଏଫକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଆସନ୍ତା ଜାନୁଆରୀ ୧୮ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣୀ ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ଏନେଇ ହାତୀ ମୃତ୍ୟୁ ନେଇ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଆବେଦନକାରୀଙ୍କ ଓକିଲ ଆଶିଷ ମିଶ୍ର ସୂଚନା ଦେଇଛନ୍ତି।

## ଗାଁକୁ ରାସ୍ତା ନାହିଁ, ଖଟିଆରେ ବୁହା ହେଉଛି ରୋଗୀ

ଲମତାପୁଟ: ଧନ୍ୟ ଆମ ସରକାର ! ଆଜି ପର୍ଯ୍ୟନ୍ତ ଗାଁକୁ ଖଣ୍ଡେ ଭଲ ରାସ୍ତା ତିଆରି କରିପାରିଲେ ନାହିଁ। ଯେଉଁଥିପାଇଁ ଖଟିଆରେ ବୁହା ହେଉଛନ୍ତି ଗର୍ଭବତୀ। ଏପରି ଚିତ୍ର ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାରୁ। ଲମତାପୁଟ ବ୍ଲକ୍ ଚିକେନପୁଟ ପଞ୍ଚାୟତର ଡୁମୁରିଗୁଡା ଗାଁର ଚଞ୍ଚଳା ଖରା ଗର୍ଭ ଯନ୍ତ୍ରଣା ପାଇଥିଲେ। ମେଡ଼ିକାଲ୍ ନେବା ପାଇଁ ପରିବାର ଲୋକ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ଆମ୍ବୁଲାନ୍ସ ଠିକ୍ ସମୟରେ ଆସିଥିଲା। ହେଲେ ଡୁମୁରିଗୁଡ଼ା ଗାଁକୁ ଯାଇପାରିନଥିଲା। ଗାଁଠାରୁ ଦୁଇ କିମି ଦୂରରେ ଅଟକିଥିଲା ଆମ୍ବୁଲାନ୍ସ। ଗାଁକୁ ଯିବା ପାଇଁ ରାସ୍ତା ନଥିବାରୁ ଅଧା ରାସ୍ତାରେ ଆମ୍ବୁଲାନ୍ସ ଅଟକିଥିଲା। ଅଧା ବାଟରେ ଆମ୍ବୁଲାନ୍ସ ଅଟକିଥିବା ଜାଣିପାରି ଗାଁ ଲୋକେ ଏକ ଖଟିଆରେ ଚଞ୍ଚଳାଙ୍କୁ ବୋହି ନେଇଥିଲେ। ସେଠାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ନିଆଯାଇ ଲମତାପୁଟ ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ଏବେ ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ଥିବା ଜଣାପଡ଼ିଛି। ବଣ ପାହାଡ଼ ଘେରା ଡୁମୁରିଗୁଡା ଗାଁକୁ ଯିବା ପାଇଁ ରାସ୍ତା ଖଣ୍ଡିଏ ନାହିଁ। ସେଥିପାଇଁ ଗାଁ ଲୋକେ ଯିବା ଆସିବାରେ ନାନା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ରାସ୍ତା ଖଣ୍ଡିଏ ପାଇଁ ଗାଁ ଲୋକେ ବହୁବାର ଦାବି କରି ଆସୁଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ରାସ୍ତା ତିଆରି ହୋଇପାରୁନଥିବା ଅଭିଯୋଗ ହୋଇଛି।

## ଥରାଉଛି ଶୀତ, ୨୧ରୁ ଭିଜିବ ଓଡ଼ିଶା

ଭୁବନେଶ୍ୱର: ରାଜ୍ୟରେ ଧୀରେ ଧୀରେ ପାରଦ ଖସୁଥିବା ବେଳେ ବଢ଼ିବାରେ ଲାଗିଛି ଶୀତର କୋପ। ଶୀତର କୋପରେ ଥରହର ହେଉଥିବା ରାଜ୍ୟବାସୀଙ୍କୁ ଏବେ ଘାରିଲାଣି ବର୍ଷା ଭୟ। ପାଣିପାଗ ବିଭାଗ ସୂଚନା ଅନୁସାରେ, ବଙ୍ଗୋପସାଗରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷା ଆରମ୍ଭ ହୋଇଯିବ। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ପାଣିପାଗକେନ୍ଦ୍ର ସୂଚନା ଅନୁସାରେ, ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଆଣ୍ଡାମାନସାଗର ଅଞ୍ଚଳରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ରଟି ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତିକରି ଆସନ୍ତକାଲି ଦକ୍ଷିଣ ବଙ୍ଗୋପସାଗର ଅଞ୍ଚଳର ମଧ୍ୟଭାଗରେ ଏକ ଅବପାତର ରୂପନେବ। ଏହାସହ ପରବର୍ତ୍ତୀ ୩ ଦିନ ଯାଏ ତାମିଲନାଡୁ-ପୁଡୁଚେରୀ ଓ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳମୁହାଁ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଓଡ଼ିଶାର କେତୋଟି ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି। ସେସବୁ ଜିଲ୍ଲା ଗୁଡ଼ିକ ହେଉଛି, ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, ମାଲକାନଗିରି ଓ କୋରାପୁଟ। ଏହି ୬ଟି ଜିଲ୍ଲା ମଧ୍ୟରୁ ଗୋଟିଏ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।



# ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ ନମ୍ବର ପ୍ଲେଟ୍ ଅପେକ୍ଷାରେ ୧୬ଲକ୍ଷ ଗାଡ଼ି

ଭୁବନେଶ୍ୱର: ପୁରୁଣା ଗାଡ଼ିଗୁଡ଼ିକରେ ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ ନମ୍ବର ପ୍ଲେଟ୍ ଲଗାଇବା ଅବଧିକୁ ୨୦୨୩ ଫେବୃୟାରୀ ୨୮ତାରିଖ ପର୍ଯ୍ୟନ୍ତ ରାଜ୍ୟ ପରିବହନ ପ୍ରାଧିକରଣ(ଏସଟିଏ) ବୃଦ୍ଧି କରିଛନ୍ତି । ତେବେ ଯେଉଁ ସବୁ ଗାଡ଼ିର ଶେଷ ନମ୍ବର ୧,୨,୩ ଓ ୪ ରହିଛି ସେଥିରେ ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ ନମ୍ବର(ଏଚଏସଆରପି) ଚଳିତ ନଭେମ୍ବର ମାସ ୩୦ତାରିଖ ପୂର୍ବରୁ ଲଗାଇବାକୁ ଗାଡ଼ି ମାଲିକମାନଙ୍କୁ ପରାମର୍ଶ ଦେଇଛନ୍ତି । ଏହାସହିତ ସ୍ଲଟ ବୁକିଂ ରାଜ୍ୟର ପ୍ରାୟ ୧୬ଲକ୍ଷରୁ ଅଧିକ ଗାଡ଼ି ଏବେ ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ ନମ୍ବର ପ୍ଲେଟ୍ ଲଗାଇବା ଅପେକ୍ଷାରେ ରହିଛନ୍ତି ।

ରାଜ୍ୟ ପରିବହନ ଯୁଗ୍ମ କମିଶନର ଦୀପ୍ତିରଞ୍ଜନ ପାତ୍ର ଏକ ପ୍ରେସ୍ ରିଲିଜ୍ ଜାରି କରି କହିଛନ୍ତି ଯେ, ନଭେମ୍ବର ୧୪ତାରିଖ ସୁଦ୍ଧା ରାଜ୍ୟର ମୋଟ ୩୧ଲକ୍ଷ ୨୫ହଜାର ୨୩୬ଟି ଗାଡ଼ିର ମାଲିକ ନିଜର ସ୍ଲଟ ବୁକିଂ କରିଛନ୍ତି । ସେଥିରୁ ୧୫ଲକ୍ଷ ୩୦ହଜାର ୫୭୬ଟି ଗାଡ଼ିରେ ହାଇସିକ୍ୟୁରିଟି




ନମ୍ବର ପ୍ଲେଟ୍ ଲାଗି ସାରିଛି । ଗାଡ଼ି ମାଲିକଙ୍କ ସୁବିଧା ପାଇଁ ବିଭାଗ ପକ୍ଷରୁ ୩ଥର ଏହି ଅବଧିକୁ ବୃଦ୍ଧି କରାଯାଇଛି । ଯେଉଁ ଗାଡ଼ି ମାଲିକମାନଙ୍କ ପାଖରେ ଇଂଟରନେଟର ସୁବିଧା ନାହିଁ ଅବା ଇଂଟରନେଟ୍ ଚଳାଇ ଜାଣିନାହାନ୍ତି ସେମାନେ ନିକଟସ୍ଥ ମୋ ସେବା କେନ୍ଦ୍ର ନଚେତ୍ ଆରଟିଓରେ ଥିବା ଏଚଏସଆରପି ସୁବିଧା କେନ୍ଦ୍ରକୁ ଯାଇ ଏହି ସ୍ଲଟ ବୁକିଂ କରିପାରିବେ ।

ଗାଡ଼ି ମାଲିକଙ୍କ ସୁବିଧା ନିମନ୍ତେ ପରିବହନ କର୍ତ୍ତୃପକ୍ଷ ସଂଶୋଧିତ ଅବଧି ଧାର୍ଯ୍ୟ କରିଛନ୍ତି । ଯେଉଁ ଗାଡ଼ିଗୁଡ଼ିକର ଶେଷ ନମ୍ବର ୧,୨,୩,୪ ରହିଛି ସେସବୁରେ ହାଇସିକ୍ୟୁରିଟି ନମ୍ବର ୩୦ତାରିଖ ସୁଦ୍ଧା ଲାଗିଯିବା ଜରୁରୀ। ସେହିପରି ଶେଷ ନମ୍ବର ୫ ଓ ୬ ଥିବା ଗାଡ଼ିରେ ହାଲସିକ୍ୟୁରିଟି ନମ୍ବର ପ୍ଲେଟ୍ ଡିସେମ୍ବର ୩୧ସୁଦ୍ଧା, ଶେଷ ନମ୍ବର ୭ ଓ ୮ ଥିବା ଗାଡ଼ିରେ ହାଇସିକୁରିଟି ନମ୍ବର ପ୍ଲେଟ୍ ୨୦୨୩ ଜାନୁୟାରୀ ୩୧ ସୁଦ୍ଧା ଏବଂ ଶେଷ ନମ୍ବର ୯ ଓ ୦ ଥିବା ଗାଡ଼ିରେ ଏହି ହାଇସିକ୍ୟୁରିଟି ନମ୍ବର ୨୦୨୩ ଫେବୃୟାରୀ ୨୮ତାରିଖ ସୁଦ୍ଧା ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନାଯୋଗ୍ୟ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ୨୦୧୯ ଏପ୍ରିଲ ୧ ପୂର୍ବରୁ ପଞ୍ଜିକୃତ ହୋଇଥିବା ସମସ୍ତ ଗାଡ଼ିରେ ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ ନମ୍ବର ପ୍ଲେଟ୍ ଲଗାଇବା ବାଧ୍ୟତାମୂଳକ ହୋଇଛି ।

# ପେପର ବିକି ସ୍କୁଲ ଯାଏ, ଫେରିଲେ ଦୋକାନରେ କାମ କରେ

ବଲାଙ୍ଗିର: ଶୈଶବ ବୋହୁଛନ୍ତି ପରିବାର ବୋଝ। ଅକାଳରେ ବାପାଙ୍କ ଦେହାନ୍ତ ପରେ ରୋଗୀଣା ମାଆ ଓ ସାନ ଭାଇ ମୁହଁରେ ଆହାର ଦେବା ପାଇଁ ଘରକୁ ଘର ବୁଲି ଖବରକାଗଜ ବାଣ୍ଟୁଛନ୍ତି ଅଷ୍ଟମ ଶ୍ରେଣୀ ଛାତ୍ର ଚୁମନ ରାଓ। ଆଉ ପାଲଟି ଯାଇଛନ୍ତି ପେପର ବୟ। ଡାକ୍ତର ହେବାର ସ୍ୱପ୍ନରେ ସକାଳୁ ରାତି ଯାଏଁ କରିଚାଲିଛନ୍ତି ସଂଘର୍ଷ।

ବଲାଙ୍ଗିର ସହର କନ୍ଧପାଲି ପଡାର ସିଭିଲ ରାଓ। ପେସାରେ ଜଣେ ଠିକାଦାର। ପରିବାର କହିଲେ ପତ୍ନୀ ସୁନେନ୍ୟା, ବଡ଼ପୁଅ ଚୁମନ ଓ ସାନ ପୁଅ। ଭଲ ରୋଜଗାର ହେଉଥିବାରୁ ଚୁମନ ସରସ୍ୱତୀ ଶିଶୁ ମନ୍ଦିରରେ ପାଠ ପଢୁଥିଲେ। ଆଉ ସ୍କୁଟିରେ ଯିବା ଆସିବା କରୁଥିଲେ। ହେଲେ ହଠାତ୍ ସିଭିଲ୍ ଓରାମ ଯକୃତ ଜନିତ ରୋଗରେ ପୀଡ଼ିତ ହେଲେ। ଡାକ୍ତରଙ୍କୁ ଦେଖାଇଥିଲେ ମଧ୍ୟ ଭଲ ହେଲାନାହିଁ। ଦୀର୍ଘ ଦିନ ଧରି ଅସୁସ୍ଥ ରହିବା ପରେ ସିଭିଲଙ୍କର ମୃତ୍ୟୁ ଘଟିଥିଲା।

ସ୍ୱାମୀଙ୍କ ମୃତ୍ୟୁ ପରେ ସୁନେନ୍ୟା ଭାଙ୍ଗି ପଡ଼ିଥିଲେ। ଦୁଇ ପୁଅଙ୍କୁ ନେଇ କେମିତି ପରିବାରକୁ ଆଗକୁ ବଢ଼ିବେ, ସେହି ଚିନ୍ତାରେ ପଡ଼ିଗଲେ। କିଛି ଦିନ ଦୁଃଖ କଷ୍ଟରେ ଚଳିଗଲେ। ହେଲେ ଆଉ ବେଶୀ ଦିନ ଅଣ୍ଟା ସଳଖି ପାରିଲେ ନାହିଁ। ଟିବି ଭଳି ମାରାତ୍ମକ ରୋଗରେ ଆକ୍ରାନ୍ତ ହେଲେ। ଠିକ୍‌ରେ ଚାଲି ବୁଲି ପାରିଲେ ନାହିଁ। ତେଣୁ ପୂରା ପରିବାର ବୋଝ ପଡ଼ିଲା ୧୩ ବର୍ଷୀୟ ବଡ଼ପୁଅ ଚୁମନ ଉପରେ। ଘରର ଆର୍ଥିକ ସ୍ଥିତି ଭଲ ନଥିବାରୁ ଚୁମନ ବଲାଙ୍ଗିର ସରକାରୀ ଟାଉନ ବାଳକ ଉଚ୍ଚ ବିଦ୍ୟାଳୟରେ ନାଁ ଲେଖାଇଲେ। ସ୍କୁଲରେ ନାମ ଲେଖାଇଲେ, ହେଲେ ପଢ଼ିବେ କେମିତି ?

ଘରେ ରୋଗୀଣା ମାଆ ଓ ୭ ବର୍ଷର ଛୋଟ ସାନ ଭାଇ। ତା'ପରେ ପାଠ ପଢ଼ିବାର ନିଶା। ଖାଲି ପାଠ ପଢ଼ିବେ ନାହିଁ, ଡାକ୍ତର ହେବେ। ହେଲେ ଏତେ ଗୋଡାଏ ସ୍ୱପ୍ନ ପୂରଣ କରିବା ପାଇଁ ଚୁମନଙ୍କ ପାଖରେ



କୌଣସି ଯାଦୁର ବାଡ଼ି ନାହିଁ। ତେଣୁ ତାଙ୍କୁ ଘରୁ ଗୋଡ଼ କାଢ଼ିବାକୁ ପଡ଼ିବ। ଏପରିକି ସେ ଘରୁ ଗୋଡ଼ କଢ଼ିଲେ। ଘରକୁ ଘର ବୁଲି ପେପର ପକାଇଲେ। ଆଉ ବନି ଗଲେ ପେପର ବୟ୍।

ଶୀତୁଆ ସକାଳ। ସହର ପ୍ରାୟତଃ ଉଠିନାହିଁ। ତା' ବୟସର ପିଲାମାନେ ବିଛଣା ଛାଡ଼ିନାହାନ୍ତି। ତାହାହି ଭିତରେ ଭୋରୁ ୫ଟାରୁ ବିଛଣାରୁ ଉଠି ପଡୁଥିଲେ ଚୁମନ୍। ମୁହଁ ଧୋଇ ସାଇକେଲ୍ ଧରି ଧାଇଁ ଯାଉଥିଲେ ବଲାଙ୍ଗିର ସରକାରୀ ବସ୍‌ଷ୍ଟାଣ୍ଡ୍। ସେଠାରୁ ଖବର କାଗଜ ଧରି ସହରର ଏ ଗଳି ସେ ଗଳି ଘୂରି ବୁଲୁଥିଲେ। ଆଉ ଘରକୁ ଘର ପେପର ପକାଉଥିଲେ। ୧୦୦ରୁ ଅଧିକ ଘରେ ଖବର କାଗଜ ପକାଇ କ୍ଲାନ୍ତ ଶରୀରକୁ ଧରି ସକାଳ ପ୍ରାୟ ୮ରୁ ୯ଟା ଭିତରେ ଘରକୁ ଫେରୁଥିଲେ ଚୁମନ୍।

ସାନ ଭାଇ ସହିତ ଦୁଇ ପଦ କଥା ହେଉଥିଲେ। ଆଉ ତା'ପରେ ଗାଧୋଇ ରୋଗୀଣା ମାଆ ଯାହା ରାନ୍ଧି ଥାଆନ୍ତି, ତାକୁ ଖାଇ ସ୍କୁଲ ପଳାଇ ଯାଉଥିଲେ। ଶ୍ରେଣୀ ଗୃହରେ ମନ ଦେଇ ପାଠ ପଢୁଥିଲେ। ଟ୍ୟୁସନ୍ ହେବାକୁ ପାଖରେ ଅର୍ଥ ନଥିବାରୁ ସାରଙ୍କ ପାଖରେ ନିଜର ଡାଉଟ୍ କ୍ଲିଅର କରୁଥିଲେ। ଚୁମନକୁ ପାଠ ପଢାଉଥିବା ଶିକ୍ଷକଙ୍କ କହିବା ଅନୁସାରେ ସେ ଜଣେ ମେଧାବୀ ଛାତ୍ର। ସେ କେବଳ ମେଧାବୀ ତାହା ନୁହେଁ, ଶୃଙ୍ଖଳାରେ ମଧ୍ୟ ନମ୍ବର ୱାନ।

ସ୍କୁଲ ଛୁଟି ହେବା ପରେ ଚୁମନ୍ ଘରକୁ ଫେରୁଥିଲେ। ଘରେ ଏଣୁତେଣୁ ଗଣ୍ଡେ ଖାଇଦେଇ ଚାଲି ଯାଉଥିଲେ ଏକ ସାଇକେଲ୍ ଦୋକାନକୁ। ସେଠାରେ ହେଲ୍‌ପର ଭାବେ କାମ କରୁଥିଲେ। ଦୁଇରୁ ତିନି ଘଣ୍ଟା ଧରି କାମ କରିବା ସନ୍ଧ୍ୟାରେ ଘରକୁ ଫେରୁଥିଲେ। ସ୍କୁଲରେ ପଢ଼ା ଯାଇଥିବା ପାଠକୁ ମନଦେଇ ପଢୁଥିଲେ। ଆଉ ପାଠ ପଢ଼ାରୁ ସାମାନ୍ୟ ଫୁରସତ ମିଳିଲେ ସାନ ଭାଇ ସହିତ ଖେଳୁଥିଲେ। ତା'ପରେ ଖାଇପିଇ ଶୋଇ ପଡୁଥିଲେ। ଆଉ ଅପେକ୍ଷା କରୁଥିଲେ ଆଉ ଏକ ସକାଳକୁ।

# ଏୟାର ଇଣ୍ଡିଆକୁ ୧୨୫.୯ ନିୟୁତ ଦେବାକୁ ଆମେରିକାର ନିର୍ଦ୍ଦେଶ




ନୂଆଦିଲ୍ଲୀ: ଟାଟା ଗ୍ରୁପ ମାଲିକାନାରେ ଥିବା ଏୟାର ଇଣ୍ଡିଆକୁ ୧୨୫.୯ ମିଲିୟନ ଡଲାର ଦେବାକୁ ନିର୍ଦ୍ଦେଶ ଦେଇଛି ଆମେରିକା। ମହାମାରୀ କରୋନା ଓ ଅନ୍ୟାନ୍ୟ ସମୟରେ ଏୟାର ଇଣ୍ଡିଆର ବିମାନ ବାତିଲ ଏବଂ ବିମାନ ସମୟରେ ପରିବର୍ତ୍ତନ ଯୋଗୁ ଅନେକ ଲୋକ ଟିକେଟ ବାତିଲ କରିଥିଲେ। ଏହି ଟଙ୍କା ଏବେ ଆମେରିକା ସରକାର ଯାତ୍ରୀଙ୍କୁ ଫେରସ୍ତ କରିବାକୁ ଏୟାର ଇଣ୍ଡିଆକୁ କହିଛନ୍ତି। ତେଣୁ ଏ ବାବଦରେ ଏୟାର ଇଣ୍ଡିଆକୁ ୧୨୧.୫ ମିଲିୟନ ଡଲାର ଦେବାକୁ କୁହାଯାଇଛି। ସେହିପରି ଯାତ୍ରୀଙ୍କ ଟଙ୍କା ଫେରସ୍ତ ନୀତିରେ କମ୍ପାନୀ ବିଳମ୍ବ କରିଥିବାରୁ ଏୟାର ଇଣ୍ଡିଆ ଉପରେ ୧.୪ ମିଲିୟନ ଡଲାରର ଜୋରିମାନା ଲାଗୁ କରାଯାଇଛି।

ଆମେରିକାର ପରିବହନ ବିଭାଗ ଏୟାର ଇଣ୍ଡିଆ ସମେତ ୬ଟି ବିମାନ କମ୍ପାନୀ ଠାରୁ ୬୦୦ ମିଲିୟନ ଡଲାର ରିଫଣ୍ଡ ଆକାରରେ ପାଇବ। ଏଥିପାଇଁ କମ୍ପାନୀ ଗୁଡ଼ିକ ରାଜି ହୋଇଥିବା ମଧ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

ତେବେ ଡିପାର୍ଟମେଣ୍ଟ ଅଫ ଟ୍ରାନ୍ସପ୍ରୋଟେସନର ରିଫଣ୍ଡ ନୀତି ଏୟାର ଇଣ୍ଡିଆର ରି-ଫଣ୍ଡ ନୀତି ଅଲଗା। ତଥାପି ଏୟାର ଇଣ୍ଡିଆ ଜୋରିମାନା ସହ ରି-ଫଣ୍ଡ ପାଇଁ ରାଜି ହୋଇଛି। ଅଧିକାରୀଙ୍କ ସୂଚନା ଅନୁସାରେ, ୧୯୦୦ ରିଫଣ୍ଡ ଅଭିଯୋଗ ମଧ୍ୟରୁ ଅଧା ଲୋକଙ୍କ ଟଙ୍କା ଫେରସ୍ତ କରିବା ପାଇଁ ଏୟାର ଇଣ୍ଡିଆ ୧୦୦ରୁ ଅଧିକ ଦିନ ସମୟ ନେଇଥିଲା। ତେଣୁ ରିଫଣ୍ଡ ଅର୍ଥ ସହ କମ୍ପାନୀ ଉପରେ ଜୋରିମାନା ଲାଗୁ କରାଯାଇଛି। ସମାନ ନୀତିରେ ଫ୍ରଣ୍ଟିନର, ଟିଏପି ପର୍ତ୍ତୁଗାଲ, ଏରୋ ମେକ୍ସିକୋ, ଇଆଇ ଏଆଇ ଓ ଏଭିଆନକା ବିମାନ ସେବା କମ୍ପାନୀକୁ ମଧ୍ୟ ରି-ଫଣ୍ଡ ପାଇଁ ଟଙ୍କା ଦେବାକୁ କୁହାଯାଇଛି। ଫ୍ରଣ୍ଟିନରକୁ ଟଙ୍କା ଫେରସ୍ତ ବାବଦରେ ୨୨୨ ମିଲିୟନ ଡଲାର ଓ ଜୋରିମାନା ବାବଦରେ ୨.୨ ମିଲିୟନ ଡଲାର ଓ ଟିଏପି ପର୍ତ୍ତୁଗାଲକୁ ଟଙ୍କା ଫେରସ୍ତ ବାବଦରେ ୧୨୬.୫ ମିଲିୟନ ଡଲାର ଓ ୧.୧ ମିଲିୟନ ଡଲାର ଜୋରିମାନା ଆକାରରେ ଦେବାକୁ କୁହାଯାଇଥିବା ବେଳେ ଏଭିଆନକାକୁ ଯଥାକ୍ରମେ ୭୬.୮ ମିଲିୟନ ଓ ୭୫୦,୦୦୦ ଡଲାର, ଇଆଇ ଏଆଇକୁ ୬୧.୯ ମିଲିୟନ ଓ ୯୦୦,୦୦୦ ଡଲାର ଏବଂ ଏରୋ ମେକ୍ସିକୋକୁ ୧୩.୬ ମିଲିୟନ ଡଲାର ଓ ୯୦୦,୦୦୦ ଡଲାର ଦେବାକୁ କୁହାଯାଇଛି।

## ଜେଟ୍ ଏୟାରୱେଜକୁ ବଡ଼ ଝଟକା
## ବିମାନ କମ୍ପାନିକୁ ୩୦୮ କୋଟି ଟଙ୍କାର କ୍ଷତି

ନୂଆଦିଲ୍ଲୀ: ଘରୋଇ ସେକ୍ଟର ଏୟାରଲାଇନ କମ୍ପାନି ଜେଟ୍ ଏୟାରୱେଜ ତିନି ବର୍ଷ ପରେ ପୁଣି ଉଡାଣ ଆରମ୍ଭ କରିବାକୁ ପ୍ରସ୍ତୁତି କରୁଛି । ଏହାରି ଭିତରେ ବିମାନ କମ୍ପାନିକୁ ସେପ୍ଟେମ୍ବର ତ୍ରୈମାସ ପରିଣାମରେ ବଡ଼ ଝଟକା ଲାଗିଛି । କମ୍ପାନି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ସେପ୍ଟେମ୍ବର ତ୍ରୈମାସରେ ୩୦୮.୪ କୋଟି ଟଙ୍କାର କ୍ଷତି ହୋଇଛି । ପୂର୍ବ ବର୍ଷ ସମାନ ଅବିଧରେ ମଧ୍ୟ କମ୍ପାନି ୩୦୫.୭୬ କୋଟି ଟଙ୍କା କ୍ଷତି ରେକର୍ଡ କରିଥିଲା । ପୂର୍ବ ବର୍ଷ ତୁଳନାରେ କମ୍ପାନିର କ୍ଷତିରେ ସାମନ୍ୟ ବୃଦ୍ଧି ଘଟିଛି ।

ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସରେ ଜେଟ୍ ଏୟାରୱେଜର ମୋଟ ଆୟ ଗୋଟିଏ ବର୍ଷ ସମାନ ଅବଧିର ୪୫.୦୧ କୋଟି ଟଙ୍କାରୁ କମି ୧୩.୫୨ କୋଟି ଟଙ୍କା ହୋଇଛି । ସେପ୍ଟେମ୍ବର ତ୍ରୈମାସରେ ଜେଟ୍ ଏୟାରୱେଜର ମୋଟ ଖର୍ଚ୍ଚ ବଢି ୩୨୧.୭୬ କୋଟି ହୋଇଛି ।

ଉଲ୍ଲେଖଯୋଗ୍ୟ ଯେ, ଜେଟ୍ ଏୟାରୱେଜର ପରିଚାଳନା ଗତ ତିନି ବର୍ଷରୁ ଅଧିକ ସମୟ ଧରି ବନ୍ଦ ରହିଛି । ଗତ ବର୍ଷ ଜୁନରେ ରାଷ୍ଟ୍ରୀୟ କମ୍ପାନି ବିଧି ନ୍ୟାୟାଧିକରଣ(ଏନସିଏଲଟି) ସହଭାଗୀତା ସମାଧାନ ଯୋଜନାକୁ ମଞ୍ଜୁରୀ ଦେଇଥିଲେ । ତେବେ ବର୍ତ୍ତମାନ ସୁଦ୍ଧା ଜେଟ୍ ଏୟାରୱେଜର ପରିଚାଳନା ଆରମ୍ଭ ହୋଇପାରି ନାହିଁ ।

## ଖୁଚୁରା ମୁଦ୍ରାସ୍ଫୀତି ୬.୭୭%କୁ ଖସିଲା

ନୂଆଦିଲ୍ଲୀ: ମହଙ୍ଗା ମାଡ଼ରେ ଆଉଟ ପାଉଟ ହେଉଥିବା ଦେଶବାସୀଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଅକ୍ଟୋବର ମାସରେ ଖୁଚୁରା ମୁଦ୍ରାସ୍ଫୀତି ୬.୭୭%କୁ ହ୍ରାସ ପାଇଛି। ସେପ୍ଟେମ୍ବର ମାସରେ ମୁଦ୍ରାସ୍ଫୀତି ୭.୪୧% ରହିଥିଲା। ବିଭିନ୍ନ ଖାଦ୍ୟ ସାମଗ୍ରୀର ଦାମ ସାମାନ୍ୟ ହ୍ରାସ ପାଇବାରୁ ଅକ୍ଟୋବର ମାସର ମୁଦ୍ରାସ୍ଫୀତିରେ ସୁଧାର ଆସିଛି।

ତଥାପି ରିଜର୍ଭ ବ୍ୟାଙ୍କର ସ୍ୱାଭାବିକ ସ୍ତର ଠାରୁ ଏହା ଏବେ ବି ଉପରେ ରହିଛି। କ୍ରମାଗତ ୧୦ମ ମାସ ପାଇଁ ମୁଦ୍ରାସ୍ଫୀତିର ସ୍ଥିତି ଏପରି ରହିଥିବା ସରକାରୀ ତଥ୍ୟରୁ ସ୍ପଷ୍ଟ ହୋଇଛି।

ସରକାରୀ ତଥ୍ୟ ଅନୁସାରେ, ଅଗଷ୍ଟ ମାସରେ ଖୁଚୁରା ମୁଦ୍ରାସ୍ଫୀତି ୭% ରହିଥିଲା। ଖୁଚୁରା ମହଙ୍ଗା ଦର ଜୁଲାଇରେ ୬.୭୧% ଓ ଗତବର୍ଷ ଅଗଷ୍ଟରେ ଏହା ୫.୩% ରହିଥିଲା। ଖାଦ୍ୟଶସ୍ୟ ଓ ପନିପରିବା ଦର ଦ୍ରୁତଗତିରେ ବଢୁଥିବାରୁ ମୁଦ୍ରାସ୍ଫୀତି ହାର ମଧ୍ୟ ବଢ଼ିବାରେ ଲାଗିଥିଲା।

ଆରବିଆଇ ସବୁବେଳେ ଖାଦ୍ୟ ସାମଗ୍ରୀର ଖୁଚୁରା ମୁଦ୍ରାସ୍ଫୀତି ୨ରୁ ୬% ରଖିବା ଉପରେ ଗୁରୁତ୍ୱ ଦେଇଥାଏ। ଏହାଦ୍ୱାରେ ଅର୍ଥନୀତି ଉପରେ ଦରମଦାର ବୃଦ୍ଧିର ପ୍ରଭାବ କମ ହୁଏ। କିନ୍ତୁ ମୁଦ୍ରାସ୍ଫୀତି ବୃଦ୍ଧି ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି।

ଅକ୍ଟୋବର ମାସରେ ଗ୍ରାହକ ସୂଚକାଙ୍କ ଭିତ୍ତିକ ମୁଦ୍ରାସ୍ଫୀତି(ସିପିଆଇ) ୬,୭୭%କୁ ହ୍ରାସ ପାଇଛି। ସିପିଆଇ ବାସ୍କେଟର ପ୍ରାୟ ଅଧା ଅବଦାନ ଖାଦ୍ୟ ମୁଦ୍ରାସ୍ଫୀତି ଉପରେ ନିର୍ଭର କରେ। ଅକ୍ଟୋବର ମାସରେ ଖାଦ୍ୟ ମୁଦ୍ରାସ୍ଫୀତି ୭.୦୧% ରହିଛି। ସେପଟ୍ଟେମ୍ବର ମାସରେ ଏହା ୮.୬% ଥିଲା। ସେହିପରି ଅଗଷ୍ଟରେ ଏହା ୭.୬୨% ଥିଲା।

କ୍ରମାଗତ ୧୦ମ ମାସ ପାଇଁ ଖୁଚୁରା ମୁଦ୍ରାସ୍ଫୀତି ଆରବିଆଇର ସହନଶୀଳ ସ୍ତର ୬%ରୁ ଅଧିକ ରହିଛି। ଅଗଷ୍ଟରେ ଏହା ୭% ରହିଥିବା ବେଳେ ୨୦୨୧ ସେପଟ୍ଟେମ୍ବରରେ ମୁଦ୍ରାସ୍ଫୀତି ୪.୩୫% ରହିଥିଲା।

## ନୂଆ ପଲିସି ଆଣିଲା ଟ୍ୱିଟର୍

ନୂଆଦିଲ୍ଲୀ: ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଏଲନ ମସ୍କ ଟ୍ୱିଟର୍ରକୁ କିଣିବା ପରେ ଗୋଟିଏ ପରେ ଗୋଟିଏ ବଡ ନଷ୍ପତ୍ତି ନେଉଛନ୍ତି। ଏବେ ଟ୍ୱିଟର ନୂଆ ପଲିସି ଘୋଷଣା କରିଛନ୍ତି ଏଲନ ମସ୍କ। ଟ୍ୱିଟ ?ର ମାଲିକାନା ନେବା ପରେ ଏହାକୁ ନୂଆ ରୂପ ଦେବାକୁ ସେ ପ୍ରୟାସ କରୁଛନ୍ତି।

ନିଜେ ଏଲନ୍ ମସ୍କ ଟ୍ୱିଟ୍ କରି ଏ ନେଇ ସୂଚନା ଦେଇଛନ୍ତି ଯେ, ନକରାତ୍ମକ ଓ ଘୃଣା ସୃଷ୍ଟି କଲା ଭଳି ଟ୍ୱିଟ୍ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏପରି କଲେ ଡିବୁଷ୍ଟ କରିବା ସହ ଡିମୋନେଟାଇଜ୍ କରାଯିବ। ଫଳରେ ସେମାନଙ୍କ ଟ୍ୱିଟରରେ କୌଣସି ବିଜ୍ଞାପନ କିମ୍ବା ରେଭିନ୍ୟୁ ଉପଲବ୍ଧ ହେବ ନାହିଁ।

ଏପରି ଟ୍ୱିଟର ଟ୍ରାଫିକକୁ ମଧ୍ୟ କମ୍ କରାଯିବ। ଜଣେ ଖୋଜିବା ପରେ ହିଁ ଏହି ଟ୍ୱିଟଗୁଡ଼ିକୁ ସେ ପାଇବ ନ ହେଲେ ଆପେ ଆପେ ଆପଣଙ୍କ ପାଖକୁ ଏପରି ଟ୍ୱିଟ ଆସିବ ନାହିଁ। ଏଲନ ମସ୍କ କହିଛନ୍ତି, ଟ୍ୱିଟରରେ ବାକ୍ ସ୍ୱାଧୀନତା ରହିବ, କିନ୍ତୁ ଅଯଥାରେ ନକରାତ୍ମକ ସ୍ପିଚ୍ ପ୍ରଚାର ହୋଇପାରିବ ନାହିଁ।

ଟ୍ୱିଟର ମାଲିକାନା ହାସଲ କରିବା ପରେ ଟ୍ୱିଟରକୁ ନୂଆ ରୂପ ଦେବା ପାଇଁ ପ୍ରୟାସ କରୁଛନ୍ତି ଏଲନ୍ ମସ୍କ। ବ୍ୟାନ୍ ହୋଇଥିବା ଆକାଉଣ୍ଟକୁ ପୁଣି କାର୍ଯ୍ୟକ୍ଷମ କରିବା ପାଇଁ କାମ ଆରମ୍ଭ କରିଛନ୍ତି । ସେହିପରି ଟ୍ୱିଟର ଅଧିଗ୍ରହଣ କରିବା ପରେ ବଡ଼ ଧରଣର ଛଟେଇ ମଧ୍ୟ ଆରମ୍ଭ ହୋଇଛି। ଟ୍ୱିଟରରୁ ଶହ ଶହ କର୍ମଚାରୀ ଇସ୍ତଫା ଦେଇଛନ୍ତି।

ମସ୍କ ଟ୍ୱିଟରରେ ଚେତାବନୀ ଦେଇଥିଲେ ଯେ, ଅଧିକ ସମୟ କାମ କରିବା ପାଇଁ ପ୍ରସ୍ତୁତ ରୁହ, ନହେଲେ କମ୍ପାନୀ ଛାଡ। ମସ୍କଙ୍କ ଏପରି ଟ୍ୱିଟ୍ ପରେ ଅନେକ କର୍ମଚାରୀ ଚାକିରି ଛାଡି ଦେଇଛନ୍ତି।

## ସନ୍ଧ୍ୟା ହେଲେ ମେଟାର ଭାରତ ମୁଖ୍ୟ

ନୂଆଦିଲ୍ଲୀ: ଫେସବୁକ ଓ ହ୍ୱାଟସଆପ୍‌ର ମୂଳ କମ୍ପାନୀ ମେଟାର ଭାରତ ମୁଖ୍ୟ ହୋଇଛନ୍ତି ସନ୍ଧ୍ୟା ଦେବନାଥନ। ତାଙ୍କୁ ମେଟା ପକ୍ଷରୁ ଏହି ନୂଆ ଦାୟିତ୍ୱରେ ନିଯୁକ୍ତି ଦିଆଯାଇଛି। କିଛି ଦିନ ଭାରତ ସମେତ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଥିବା ମେଟା ଅଫିସରୁ ବରିଷ୍ଠ ଅଧିକାରୀମାନେ ଇସ୍ତଫା ଦେଇଥିଲେ। ଏହାପରେ ସନ୍ଧ୍ୟାଙ୍କୁ ନୂଆ ନିଯୁକ୍ତି ମିଳିଛି।

ସନ୍ଧ୍ୟା ହେଉଛନ୍ତି ଜଣେ ଗ୍ଲୋବାଲ ବିଜନେସ ଲିଡର। ତାଙ୍କ ପାଖରେ ୨୨ ବର୍ଷର ଅଭିଜ୍ଞତା ରହିଛି। ବ୍ୟାଙ୍କିଂ, ପେମେଣ୍ଟ୍ସ ଓ ଟେକ୍ନୋଲଜି କ୍ଷେତ୍ରରେ ସେ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ କାମ କରିଛନ୍ତି। ୨୦୦୦ ମସିହାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଫ୍ୟାକଲ୍ଟି ଅଫ ମ୍ୟାନେଜମେଣ୍ଟ ଷ୍ଟଡିଜ୍‌ରେ ଏମବିଏ ଡିଗ୍ରୀ ହାସଲ କରିଥିବା ସନ୍ଧ୍ୟା ୨୦୧୬ରେ ମେଟାରେ ଯୋଗ ଦେଇଥିଲେ।

ସେ କମ୍ପାନୀର ସିଙ୍ଗାପୁର ଓ ଭିଏତନାମ ବ୍ୟବସାୟକୁ ସମ୍ଭାଳିବା ସହ ଏହାକୁ ସୁଦୃଢ଼ କରିଥିଲେ। ଦକ୍ଷିଣ ଏସିଆରେ ମେଟା ଶକ୍ତିଶାଳୀ ହେବା ପଛରେ ସନ୍ଧ୍ୟା ବଳିଷ୍ଠ ଭୂମିକା ଗ୍ରହଣ କରିଥିଲେ। ଏବେ ସେ ଭାରତ ମୁଖ୍ୟ ଭାବେ ଦାୟିତ୍ୱ ପାଇଥିବା ବେଳେ ମେଟାର ଏସିଆ ପ୍ୟାସିଫିକର ଉପ ସଭାପତି ଡାନ ନିଏରୀଙ୍କୁ ସିଧାସଳଖ ରିପୋର୍ଟ କରିବେ। ମେଟା ପୂର୍ବରୁ ସନ୍ଧ୍ୟା ପେପର ଫାଇନାନସିଆଲ ସର୍ଭିସରେ ମଧ୍ୟ କାମ କରିବାର ଅଭିଜ୍ଞତା ରଖିଥିଲେ।

ସୂଚନାଯୋଗ୍ୟ, ଦୁଇ ସପ୍ତାହ ତଳେ ମେଟାର ଭାରତୀୟ ମୁଖ୍ୟ ଅଜିତ ମୋହନ ଓ ପରେ ପବ୍ଲିକ ପଲିସି ମୁଖ୍ୟ ରାଜୀବ ଅଗ୍ରୱାଲ କମ୍ପାନୀ ଛାଡ଼ିଥିଲେ। ସେହିପରି ମେଟା ଦ୍ୱାରା ପରିଚାଳିତ ହ୍ୱାଟସଆପ୍ ମେସେଜିଂ ଆପ୍‌ର ଭାରତ ମୁଖ୍ୟ ଅଭିଜିତ ବୋଷ ମଧ୍ୟ ନିଜ ପଦରୁ ଇସ୍ତଫା ଦେଇଛନ୍ତି।

# ୩୨.୫ ହଜାର କୋଟି ଟଙ୍କାର ଟେସଲା ଶେୟାର ବିକିଲେ ଏଲନ ମସ୍କ

ୱାଶିଂଟନ: ସୋଶାଲ ମିଡିଆ ପ୍ଲାଟଫର୍ମ ଟ୍ୱିଟରର ନୂଆ ମାଲିକ ଏଲନ ମସ୍କ ତାଙ୍କ ପୁରୁଣା କାର କମ୍ପାନୀର ଟେସଲାର ୧୯.୫ ମିଲିୟନ ଶେୟାରକୁ ବିକ୍ରି କରିଦେଛନ୍ତି। ସେ ମୋଟ ୩.୯୫ ବିଲିୟନ ଡଲାର ବା ୩୨.୫ ହଜାର କୋଟି ଟଙ୍କା ମୂଲ୍ୟରେ ଏହି ଶେୟାରକୁ ବିକ୍ରି କରିଛନ୍ତି। ଏହାକୁ ମିଶାଇ ମସ୍କ ଇତି ମଧ୍ୟରେ ଟେସଲାର ମୋଟ ୨୦ ବିଲିୟନ ଡଲାରର ଶେୟାର ବିକ୍ରି କରି ସାରିଲେଣି। ଏହାପୂର୍ବରୁ ସେ ଏପ୍ରିଲ ଓ ଅଗଷ୍ଟ ମାସରେ କମ୍ପାନୀର ୧୫.୪ ବିଲିୟନ ଡଲାରର ମୂଲ୍ୟର ଶେୟାର ବିକ୍ରି କରିଥିଲେ। ଏହି ସମୟରେ ସେ ଆଉ ଅଧିକ ପରିମାଣର ଶେୟାର ବିକ୍ରି କରିବେ ନାହିଁ ବୋଲି କହିଥିଲେ। ହେଲେ ଏବେ ଟ୍ୱିଟକୁ କିଣିବା ପରେ ସେ ପୁଣିଥରେ ନିଜ ଯୋଜନାକୁ ବଦଳାଇ ଟେସଲାର ଶେୟାର ବିକ୍ରି କରିଛନ୍ତି। ଟେସଲା ହେଉଛି ଏଲନ୍ ମସ୍କର ଇଲେକ୍ଟ୍ରିକ୍ କାର୍ ନିର୍ମାଣକାରୀ କମ୍ପାନୀ। ମସ୍କ ମଧ୍ୟ ଏହି କମ୍ପାନୀର ସିଇଓ ଭାବେ କାର୍ଯ୍ୟ କରୁଛନ୍ତି। ଟ୍ୱିଟରକୁ କିଣିବା ପୂର୍ବରୁ ସେ ବୈଦୁତିକ ଯାନ କମ୍ପାନୀରେ ୭.୯୨ ମିଲିୟନ ଡଲାରର ଅଂଶଧନ ବିକ୍ରି କରିଥିଲେ। କମ୍ପାନୀର ସିକ୍ୟୁରିଟି ଫାଇଲ ଆଧାରାରେ ରଏଟର୍ସ ପକ୍ଷରୁ ଏପରି ରିପୋର୍ଟ ପ୍ରକାଶ କରାଯାଇଛି। ରିପୋର୍ଟ ଅନୁଯାୟୀ, ଟେସଲା ଗୋଟିଏ ସିକ୍ୟୁରିଟି ଦାଖଲ ନିୟାମକଙ୍କୁ କହିଛି ଯେ କମ୍ପାନୀର ସିଇଓ ମସ୍କ ୭.୯୨ ମିଲିୟନ୍ ଶେୟାର ବିକ୍ରି କରିଛନ୍ତି। ଏଥିରୁ ତାଙ୍କୁ ୬.୯ ବିଲିୟନ ଡଲାର୍ ମିଳିଛି। ଚଳିତ ବର୍ଷ ଏପ୍ରିଲ୍ ୪ରେ ମସ୍କ ଟ୍ୱିଟର ୯.୨% ଅଂଶଧନ କିଣିଥିଲେ। ଏହା ସହିତ ସେ କମ୍ପାନୀର ସବୁଠାରୁ ବଡ଼ ଅଂଶୀଦାର ବନିଯାଇଥିଲେ। ଏହାପରେ ସେ ଟ୍ୱିଟରକୁ ଶେୟାର ପିଛା ୫୪.୨ ଡଲାର ଲେଖାଏ ଦେଇ ମୋଟ ୪୪ ବିଲିୟନ ଡଲାର ବଳରେ ପୂରା କମ୍ପାନୀକୁ କିଣିବାକୁ ପ୍ରସ୍ତାବ ଦେଇଥିଲେ।

ପ୍ରଥମେ କମ୍ପାନୀ ଏହି ଅଫରକୁ ଗ୍ରହଣ କରିନଥିଲା। କିନ୍ତୁ କିଛି ଦିନ ପରେ ଏହାର ଅଂଶୀଦାରମାନେ ଏହି ଡିଲରେ ରାଜି ହୋଇଥିଲେ। ତେବେ ଫେକ ଆକାଉଣ୍ଟକୁ ନେଇ କିଛି ଦିନର ବାଦବିବାଦ ଲାଗି ରହିଥିଲା। ଶେଷରେ ମସ୍କ ଟ୍ୱିଟରର ମାଲିକାନା ହାସଲ କରିଛନ୍ତି।

## ଆଧାର ଦ୍ୱାରା ଚାଲିପାରିବ ୟୁପିଆଇ




ନୂଆଦିଲ୍ଲୀ: ଏଣିକି ଆଧାର ଦ୍ୱାରା କରିହେବ ୟୁପିଆଇ ଟ୍ରାଞ୍ଜାକ୍ସନ। ଅନଲାଇନ ପେମେଣ୍ଟ ଆପ୍ ଫୋନ୍ ପେ ଏବେ ଆଧାର ଦ୍ୱାରା ୟୁପିଆଇ ସେବା ଆରମ୍ଭ କରିଛି। ଏହି ନୂଆ ସର୍ଭିସ ଦ୍ୱାରା ଆଧାରକୁ ୟୁପିଆଇ ସହ ସଂଯୋଗ କରି ଟ୍ରାଞ୍ଜାକ୍ସନ କରିହେବ। ଏହି ନୂଆ ସୁବିଧା ଦ୍ୱାରା ଆଧାର ସାହାଯ୍ୟରେ ଓଟିପି ଭେରିଫାଇ ହେବ ଏବଂ ଟ୍ରାଞ୍ଜାକ୍ସନ ହୋଇପାରିବ। ଏହି ସର୍ଭିସ୍ ସେହିଭଳି କାମ କରିଥାଏ, ଯେମିତି ୟୁପିଆଇ ପାଇଁ ଆପ୍‌ରେ ଡେବିଟ୍ କାର୍ଡ ଦେବାକୁ ହୋଇଥାଏ।

ବର୍ତ୍ତମାନ ୟୁପିଆଇ ସର୍ଭିସ ପାଇଁ ୟୁଜରଙ୍କୁ ବାଧ୍ୟତାମୂଳକ ଭାବରେ ଏକ ବୈଧ ଡେବିଟ୍ କାର୍ଡ ନମ୍ବର ଦେବାକୁ ପଡ଼ିଥାଏ। ଓଟିପି ଭେରିଫାଇ ପାଇଁ ଡେବିଟ୍ କାର୍ଡ ଆବଶ୍ୟକ ହୋଇଥାଏ। ପୁଣି ଏହାଦ୍ୱାରା ୟୁପିଆଇ ଆପ୍ଲିକେସନ ଆରମ୍ଭ ହୋଇଥାଏ। କିନ୍ତୁ ଫୋନ୍ ପେ ଆଧାର ଦ୍ୱାରା ୟୁପିଆଇ ଆରମ୍ଭ କରିବାର ସୁବିଧା ଦେଉଛି। କାରଣ ଗୋଟିଏ ଆଧାରରେ ଅନେକ ବ୍ୟାଙ୍କ୍ ଯୋଡ଼ି ହୋଇଥାଏ ଯାହାର ଫାଇଦା ୟୁପିଆଇରେ ମିଳିଥାଏ।

ଫୋନ୍ ପେ କହିଛି ଯେ ଆଧାର କାର୍ଡ ଅଥେଣ୍ଟିକେସନ ଦ୍ୱାରା ଡେବିଟ୍ କାର୍ଡର ବାଧ୍ୟତା ଶେଷ ହୋଇଥାଏ। ବାସ୍ କେବଳ ୟୁପିଆଇ ସହ ଆଧାର ନମ୍ବର ଯୋଡ଼ିବାକୁ ପଡ଼ିଥାଏ। ଏହାର ଫାଇଦା ସେହି ଲୋକଙ୍କୁ ଅଧିକ ହେବ ଯେଉଁମାନେ ଉପାନ୍ତ ଅଞ୍ଚଳରେ ରହିଥାନ୍ତି। ଯେଉଁଠାରେ ବ୍ୟାଙ୍କ୍ ଶାଖା କମ୍ ରହିଥାଏ ବା ଦୂରରେ ରହିଥାଏ। ଏଭଳି ଲୋକ ଆଧାର ସହ ଡିଜିଟାଲ ଟ୍ରାଞ୍ଜାକ୍ସନର ଲାଭ ଉଠାଇପାରିବେ।

ଏହି ପ୍ରୋସେସ୍ ଆରମ୍ଭ କରିବା ପାଇଁ ୟୁଜରଙ୍କୁ ୟୁପିଆଇ ଆପ୍ ରେ ନିଜର ଆଧାର ନମ୍ବର ଦେବାକୁ ହେବ। ଏହାପରେ ୟୁପିଆଇ ତରଫରୁ ଫୋନରେ ଏକ ଓଟିପି ମିଳିବ। ଆଧାର ସହ ଲିଙ୍କ୍ ଥିବା ବ୍ୟାଙ୍କ୍ ?ରୁ ମଧ୍ୟ ଓଟିପି ଆସିବ ଯାହାକୁ ଭେରିଫିକେସନ ଦେବାକୁ ହେବ। ଭେରିଫିକେସନ ହେବା ପରେ ଫୋନ ପେ ରେ ପେମେଣ୍ଟ ସେବା ଆରମ୍ଭ ହୋଇଯିବ।

ତେବେ ଏକଥାର ଧ୍ୟାନ ରଖିବାକୁ ହେବ ଯେ ଆଧାର ସହ ୟୁପିଆଇ ଚଳାଇବା ପାଇଁ ୟୁଜରଙ୍କ ମୋବାଇଲ ନମ୍ବର ତାଙ୍କ ଆଧାର ସହ ଲିଙ୍କ୍ ହୋଇଥିବା ଦରକାର। ଏହ ସହ ବ୍ୟାଙ୍କ ଖାତା ସହ ମଧ୍ୟ ଆଧାର ଲିଙ୍କ୍ ହୋଇଥିବା ଦରକାର।

ଅଧିକରୁ ଅଧିକ ଲୋକଙ୍କୁ ୟୁପିଆଇର ଲାଭ ମିଳିପାରୁ, ଏଥିପାଇଁ ଆରବିଆଇ, ଏନପିସିଆଇ ଏବଂ ୟୁଆଇଡିଏଆଇ ଏହି ପଦକ୍ଷେପ ନେଇଛି। ଅଧିକାଂଶ ଲୋକଙ୍କ ପାଖରେ ଆଧାର ନମ୍ବର ରହିଛି ଯାହାକୁ ଫୋନ୍ ପେ ଦ୍ୱାରା ସଂଯୋଗ କରି ଟ୍ରାଞ୍ଜାକ୍ସନ କରିପାରିବେ।

## ଗାଁର ଦାମ୍ ୨ କୋଟି

ନୂଆଦିଲ୍ଲୀ: ନିଜ ସ୍ୱପ୍ନର ଘରଟିଏ କିଣିବା ପାଇଁ ଅନେକଙ୍କ ମନରେ ଆଶା ରହିଥାଏ। କେହି କେହି ନୂଆ ଘର ତିଆରି କରି ନିଜ ସ୍ୱପ୍ନ ପୂରଣ କରନ୍ତି ତ ଆଉ କିଏ ପୁରୁଣା ଘର କିଣି। ସେଲ୍‌ରେ ଅନେକ ଘର ବିକ୍ରି ମଧ୍ୟ କରାଯାଏ। ଏବେ କିନ୍ତୁ ଘର ବଦଳରେ ବିକ୍ରି ହେଉଛି ପୂରା ଗାଁ। ଆପଣ ସମ୍ପୂର୍ଣ୍ଣ ଗାଁକୁ କିଣିବାକୁ ଚାହୁଁଛନ୍ତି କି ? କଥାଟା ଶୁଣି ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ।

ସ୍ପେନ୍‌ର ୩୦ ବର୍ଷ ପୁରୁଣା ଗାଁ ସାଲଟ୍ରୋ ଡି କାଷ୍ଟ୍ରୋ। ଏହା ମାଡ୍ରିଡ୍ ଠାରୁ ତିନି ଘଣ୍ଟା ଦୂରରେ ଅବସ୍ଥିତ। ଏହି ଗାଁ ସ୍ପେନ୍ ଓ ପର୍ତ୍ତୁଗାଲ ସୀମାରେ ଅବସ୍ଥିତ। ଉଚ୍ଚା ପାହାଡ ଉପରେ ଅବସ୍ଥିତ ଏହି ଗାଁର ସମସ୍ତ ଘର ଜର୍ଜର ଅବସ୍ଥାରେ ରହିଛି। ଗାଁରେ ୪୪ ଘର, ଗୋଟିଏ ହୋଟେଲ, ଗୋଟିଏ ଚର୍ଚ୍ଚ, ଗୋଟିଏ ସ୍କୁଲ, ଏକ ମ୍ୟୁନିସିପାଲ ସୁଇମିଂ ପୁଲ୍, ସ୍ପୋର୍ଟସ୍ କମ୍ପ୍ଲେକ୍ସ ଓ ଏକ ବାରାକ୍ ବିଲ୍ଡିଂ ରହିଛି। ଆଉ ଏହି ପୂରା ଗାଁର ଦାମ୍ ରହିଛି ୨ କୋଟି ଟଙ୍କା। ଏହି ଗାଁକୁ ବିକ୍ରି କରିବା ପାଇଁ ବିଜ୍ଞପ୍ତି ମଧ୍ୟ ଜାରି କରାଯାଇଛି।

ରୟାଲ ଇନଭେଷ୍ଟ ନାମକ କମ୍ପାନୀ ମାଲିକ ୨୦୦୦ ମସିହାରେ ଏହି ଗାଁକୁ ଏକ ପର୍ଯ୍ୟଟନ ସ୍ଥଳି କରିବା ପାଇଁ କିଣିଥିଲେ। କିନ୍ତୁ ୟୁରୋଜୋନ୍‌ରେ ଲାଗିରହିଥିବା ତିକ୍ତତା ଓ ୨୦୦୮ରେ ଦେଖାଦେଇଥିବା ମାନ୍ଦାବସ୍ଥା ଯୋଗୁଁ ଏହା ସଫଳ ହୋଇପାରିନଥିଲା। ତାଙ୍କର ଏଠାରେ ଏକ ହୋଟଲ ନିର୍ମାଣ ପାଇଁ ଉଦ୍ଦେଶ୍ୟ ଥିଲା କିନ୍ତୁ ଏହାକୁ ସେ କରିପାରିନଥିଲେ। ତେବେ ବର୍ତ୍ତମାନ ଏହାକୁ ସେ ୨୨୭,୦୦୦ ୟୁରୋରେ ତଥା ୨,୧୬,୮୭,୮୩୧ ଟଙ୍କାରେ ବିକ୍ରି କରିବାକୁ ଚାହୁଁଛନ୍ତି । ଏହି ଗାଁକୁ ଏକ ସ୍ପାନିଶ ପ୍ରପର୍ଟୀ ରିଟେଲ ୱେବସାଇଟରେ ଲିଷ୍ଟିଂ କରାଯାଇଛି। ଏହି ଗାଁକୁ ୫୦ ହଜାର ଅଧିକ ଲୋକ ଦେଖିସାରିଲେଣି । ବ୍ରିଟେନ୍, ଫ୍ରାନ୍ସ, ବେଲଜିୟମ ଏବଂ ରୁଷିଆର ୩୦୦ ପାର୍ଟୀ ଆସି ଏହାକୁ ଦେଖି ଚାଲିଗଲେଣି। ଏମିତିକି ଜଣେ ଏହାକୁ କିଣିବା ପାଇଁ ଆଡଭାନ୍ସ ଦେବାକୁ ରାଜି ଅଛନ୍ତି ବୋଲି ଏହାର କେୟାରଟେକର କହିଛନ୍ତି।



# ରଷିଆରୁ ଶସ୍ତାରେ ତୈଳ କିଣି ଆମେରିକାକୁ ମହଙ୍ଗାରେ ବିକୁଛି ଭାରତ



ନୂଆଦିଲ୍ଲୀ: ରଷିଆରୁ ତୈଳ ଆମଦାନୀ ଉପରେ କଟକଣା ଲଗାଇବା ପରେ ଦେଶର ତୈଳ ଯୋଗାଣକୁ ସୁସଂହତ ରଖିବା ପାଇଁ ଏବେ ଭାରତ ମୁହାଁ ହୋଇଛି ଆମେରିକା। ବଜାର ସୂତ୍ରରୁ ମିଳୁଥିବା ସୂଚନା ଅନୁସାରେ ବୈଶ୍ୱିକ ତୈଳ ବ୍ୟବସାୟୀ ଭିଟୋଲ ଓ ଟ୍ରାଫିଗୁରା ଭାରତୀୟ ରିଫାଇନାରୀ ନାୟେରା ଏନର୍ଜୀରୁ ଗୋଟିଏ ଗୋଟିଏ କାର୍ଗୋ ଭ୍ୟାକୁମ ଗ୍ୟାସ୍ ଅଏଲ କ୍ରୟ କରିଛନ୍ତି। ଭିଜିଓ ଏକ ପ୍ରକାରର ଅଶୋଧିତ ତୈଳ ଯେଉଁଥିରୁ ଗ୍ୟାସୋଲିନ ଓ ଡିଜେଲ ପ୍ରସ୍ତୁତ ହୋଇଥାଏ। ସୂତ୍ର ଅନୁସାରେ ଡିସେମ୍ବରରେ ଏହି କାର୍ଗୋ ଭାରତର ଭାଦିନାର ବନ୍ଦରରୁ ଆମେରିକା ଅଥବା ଇୟୁରୋପ ଯାଇପାରେ।

ଏହା ପୂର୍ବରୁ ଆଫ୍ରାମାକ୍ସ ଟ୍ୟାଙ୍କର ସାଂଘାଇ ଡନ ମଧ୍ୟ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଜାମନଗର ପୋର୍ଟରୁ ଅନୁନ୍ୟ ୮୦ ହଜାର ଟନ ଭିଜିଓ କିଣିଥିଲା। ଏହି ସିପ୍‌ମେଣ୍ଟ ଅକ୍ଟୋବର ଶେଷ ଅଥବା ନଭେମ୍ବର ପ୍ରାରମ୍ଭରେ ଆମେରିକା ପହଞ୍ଚିଥିବ। ଗତବର୍ଷ ତୁଳନାରେ ଚଳିତ ବର୍ଷ ଆମେରିକାକୁ ଭାରତ ଅଧିକ ମାତ୍ରାରେ ଭାକ୍ୟୁମ ଗ୍ୟାସ୍ ଅଏଲ ଯୋଗାଉଛି। ଗତବର୍ଷ ଭାରତରୁ ଆମେରିକା ଥରଟିଏ ଭିଜିଓ କିଣିଥିଲା। ହେଲେ ଚଳିତବର୍ଷ ଚିତ୍ର ଭିନ୍ନ। ଏଣୁ ଆମେରିକା ଅନେକବାର ଭିଜିଓ ଆମଦାନୀ କରିସାରିଲାଣି।

ୟୁକ୍ରେନ ଯୁଦ୍ଧ ପୂର୍ବରୁ ଆମେରିକା ସବୁଠୁ ଅଧିକ ଭିଜିଓ ରଷିଆରୁ ଆମଦାନୀ କରୁଥିଲା। ତେବେ ୟୁକ୍ରେନ ସହ ଯୁଦ୍ଧ ଯୋଗୁ ରଷିଆ ଉପରେ ଅନେକ କଟକଣା ଲଗାଇ ଦିଆଯାଇଛି। ଆମେରିକା ଓ କାନାଡା ରଷିୟ ତୈଳ ଉପରେ ସମ୍ପୂର୍ଣ୍ଣ ରୋକ ଲଗାଇ ଦେଇଛନ୍ତି। ଏଥିରେ ଇୟୁରୋପୀୟ ୟୁନିୟନ ମଧ୍ୟ ୫ ଡିସେମ୍ବର ଓ ୫ ଫେବୃଆରୀରୁ ରଷୀୟ ତୈଳ ଉପରେ କଟକଣା ଲାଗୁ କରିବାକୁ ଯାଉଛନ୍ତି। ତେବେ ଭାରତ ବିଶ୍ୱର ତୃତୀୟ ସର୍ବାଧିକ ତୈଳ କ୍ରୟ କରୁଥିବା ଦେଶ। ତେବେ ଆମେରିକା ସମେତ ପଶ୍ଚିମ ଦେଶମାନେ ରଷିଆ ଉପରେ କଟକଣା ଜାରି କରିଥିବାରୁ ଭାରତ ଏବେ ରଷିଆରୁ ବିପୁଳ ପରିମାଣରେ ଶସ୍ତା ଦରରେ ଅଶୋଧିତ ତୈଳ ଆମଦାନୀ କରୁଛି। ଭାରତ ଏହି ଅଶୋଧିତ ତୈଳକୁ ଦେଶରେ ରିଫାଇନ କରି ପାଶ୍ଚାତ୍ୟ ଦେଶଙ୍କୁ ମହଙ୍ଗା ଦରରେ ବିକ୍ରି କରୁଛି। ଆମେରିକା ଓ ଇୟୁରୋପୀୟ ୟୁନିୟନ ଦ୍ୱାରା ଲାଗୁ କଟକଣା ରିଫାଇନ ତୈଳ ଉପରେ ନାହିଁ। ଏଣୁ ରିଫାଇ ତୈଳ ଲାଗି ପାଶ୍ଚାତ୍ୟ ଦେଶମାନେ ଏବେ ଭାରତକୁ ବିକଳ୍ପ ଭାବେ ଦେଖୁଛନ୍ତି।

ଭାରତ ମଧ୍ୟ ରଷିଆରୁ ଅଶୋଧିତ ତୈଳ ଆମଦାନୀ ବଢେଇ ଦେଇଛି। ଏକ ହିସାବ ଅନୁସାରେ ଭାରତ ଗତ ଏପ୍ରିଲରୁ ଅକ୍ଟୋବର ମାସ ମଧ୍ୟରେ ରଷିଆରୁ ଦୈନିକ ୭ଲକ୍ଷ ୯୩ ହଜାର ବ୍ୟାରଲ ଅଶୋଧିତ ତୈଳ କିଣିଛି। ଗତବର୍ଷ ଏହି ସମୟରେ ରଷିଆରୁ ଦୈନିକ ୩୮ ହଜାର ବ୍ୟାରଲ ତୈଳ କିଣୁଥିଲା ଭାରତ।

# ଶରତଙ୍କୁ ଖେଳରତ୍ନ, ଓଡ଼ିଶାର ଦୀପଗ୍ରେସଙ୍କୁ ଅର୍ଜୁନ ପୁରସ୍କାର

ନୂଆଦିଲ୍ଲୀ: ରାଷ୍ଟ୍ରୀୟ ଖେଳ ପୁରସ୍କାର ପାଇଁ ଆଜି ବିଭିନ୍ନ କ୍ରୀଡ଼ାରେ ଉଲ୍ଲେଖନୀୟ ଅବଦାନ ପାଇଁ ଖେଳାଳି ଓ କୋଚଙ୍କ ନାଁ ଘୋଷଣା କରାଯାଇଛି। ଦେଶର ଷ୍ଟାର ତଥା ଭେଟରାନ ଟେବୁଲ ଟେନିସ ଖେଳାଳି ଶରତ କମଲ ଅଚନ୍ତାଙ୍କୁ ଖେଳରତ୍ନ ପୁରସ୍କାର ପାଇଁ ମନୋନୀତ କରାଯାଇଛି।

ସେହିପରି ଓଡ଼ିଶା ଝିଅ ତଥା ଓଡ଼ିଶାର ଦୀପଗ୍ରେସ ଏକ୍କାଙ୍କୁ ଅର୍ଜୁନ ପୁରସ୍କାର ମିଳିବ। ଏନେଇ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି। ଆସନ୍ତା ନଭେମ୍ବର ୩୦ରେ ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏମାନଙ୍କୁ ସମ୍ମାନୀତ କରାଯିବ।

ମନ୍ତ୍ରଣାଳୟ ଘୋଷଣା ଅନୁଯାୟୀ, ଶରତ କମଲ ଏକମାତ୍ର ଖେଳାଳି ଭାବେ ମେଜର ଧ୍ୟାନ ଚାନ୍ଦ ଖେଳରତ୍ନ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ସେହିପରି ୨୫ ଜଣଙ୍କୁ ଅର୍ଜୁନ ପୁରସ୍କାର ମିଳିବ। କ୍ରୀଡ଼ାବିତ୍‌ଙ୍କୁ ମାର୍ଗଦର୍ଶନ ଦେଉଥିବା ୪ ଜଣ କୋଚଙ୍କୁ ଦ୍ରୋଣାଚାର୍ଯ୍ୟ ସମ୍ମାନ ଓ ଲାଇଫ ଟାଇମ କ୍ୟାଟାଗୋରୀ ସମ୍ମାନରେ ୩ ଜଣଙ୍କୁ ସମ୍ମାନୀତ କରାଯିବ।



ଦୀପଗ୍ରେସଙ୍କ ବ୍ୟତୀତ ସୀମା ପୁନିଆ (ଆଥଲେଟିକ୍ସ), ଏଲଡସ ପଲ (ଆଥଲେଟିକ୍ସ), ଅବିନାଶ ମୁକୁନ୍ଦ ସାବଲେ (ଆଥଲେଟିକ୍ସ), ଲକ୍ଷ୍ୟ ସେନ (ବ୍ୟାଡମିଣ୍ଟନ), ଏଚଏସ ପ୍ରଣୟ (ବ୍ୟାଡମିଣ୍ଟନ), ଅମିତ (ବକ୍ସିଂ), ନିଖତ ଜରୀନ (ବକ୍ସିଂ), ଭକ୍ତି ପ୍ରଦୀପ କୁଲକର୍ଣ୍ଣି (ଚେସ୍), ରମେଶ ବାବୁ ପ୍ରଜ୍ଞାନନ୍ଦା (ଚେସ୍), ସୁଶୀଲା ଦେବୀ (ଜୁଡୋ), ସାକ୍ଷୀ କୁମାରୀ (କବାଡି), ନୟନ ମୋନି ସାଇକିଆ (ଲନ୍ ବଲ୍), ସାଗର କୈଳାସ (ମାଲଖମ୍ବ), ଇ ଭାଲାରିବାନ (ଶୁଟିଂ), ଓମ ପ୍ରକାଶ ମିତ୍ରୱାଲ (ଶୁଟିଂ), ଶ୍ରୀଜା ଅକୁଲା (ଟିଟି), ବିକାଶ ଠାକୁର (ଭାରଉତ୍ତୋଳନ), ଅଂଶୁ (କୁସ୍ତି), ସରିତା (କୁସ୍ତି), ପ୍ରବୀଣ (wushu), ମାନସୀ ଗିରିଶଚନ୍ଦ୍ର ଯୋଶୀ ( ପାରା ବ୍ୟାଡମିଣ୍ଟନ୍), ତରୁଣ ଢିଲନ(ପାରା ବ୍ୟାଡମିଣ୍ଟନ୍), ସ୍ୱପ୍ନିଲ ସଞ୍ଜୟ ପାଟିଲ(ପାରା ସୁଇମିଂ) ଓ ଜେରଲିନ୍ ଅନିକା ଜେ ( ଡିଫ ବ୍ୟାଡମିଣ୍ଟନ) ଅର୍ଜୁନ ପୁରସ୍କାର ପାଇବେ।

କ୍ରୀଡା ଓ ଖେଳ ୨୦୨୨ ପାଇଁ ରେଗୁଲାର ଶ୍ରେଣୀରେ ୪ ଜଣ କୋଚଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ମିଳିବ। ସେମାନେ ହେଲେ ଜୀବନ ଜ୍ୟୋତି ସିଂହ ତେଜା (ତୀରନ୍ଦାଜୀ), ମହମ୍ମଦ ଅଲୀ କମାର (ବକ୍ସିଂ), ସୁମା ସିଦ୍ଧାର୍ଥ ଶିରୁର(ପାରା ଶୁଟିଂ) ଓ ସୁଜିତ ମନ୍ (କୁସ୍ତି)।

ଜୀବନବ୍ୟାପୀ କ୍ୟାଟାଗୋରୀ: ଦୀନେଶ ଜବାହର ଲାଡ (କ୍ରିକେଟ୍), ବିମଲ ପ୍ରଫୁଲ୍ଲ ଘୋଷ (ଫୁଟବଲ) ଓ ରାଜ ସିଂହ(କୁସ୍ତି)।

ଜୀବନବ୍ୟାପୀ ସାଧାନ ପାଇଁ ଧ୍ୟାନ ଚାନ୍ଦ ପୁରସ୍କାର: ଅଶ୍ୱିନୀ ଅକୁଞ୍ଜୀ ସି (ଆଥଲେଟିକ୍ସ), ଧରମବୀର ସିଂହ (ହକି), ବିସି ସୁରେଶ (କବାଡି) ଓ ନିର୍ ବାହାଦୂର ଗୁରୁଙ୍ଗ (ପାରା ଆଥଲେଟିକ୍ସ)।

ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାର: ଟ୍ରାନ୍ସଷ୍ଟାଡିଆ ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ ଲିମିଟେଡ୍, କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି, ଲଦାଖ ସ୍କି ଓ ସ୍ନୋବୋର୍ଡ ଆସୋସିଏସନ୍।

ମୌଲାନା ଅବୁଲ କଲାମ ଆଜାଦ (MAKA) ଟ୍ରଫି: ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ, ଅମୃତସର

## ଶାର୍ଦ୍ଦୁଲ ଠାକୁରଙ୍କୁ କିଣିଲା କୋଲକାତା

ନୂଆଦିଲ୍ଲୀ: ଟିମ୍ ଇଣ୍ଡିଆର ଅନ୍ୟତମ ଅଲରାଉଣ୍ଡ ଶାର୍ଦ୍ଦୁଲ ଠାକୁରଙ୍କୁ ଟ୍ରେଡିଂ ୱିଣ୍ଡୋ ଜରିଆରେ ଦିଲ୍ଲୀ କ୍ୟାପିଟାଲ୍ସ ଠାରୁ କିଣିଛି କୋଲକାତା ନାଇଟ ରାଇଡର୍ସ। ଏହାର ଅର୍ଥ ୨୦୨୩ ଆଇପିଏଲରେ ଶାର୍ଦ୍ଦୁଲ କେକେଆର ଜର୍ସିରେ ନଜର ଆସିବେ। ଏହି ଟ୍ରେଡ ଚୂଡ଼ାନ୍ତ ହୋଇଛି।

ଶାର୍ଦ୍ଦୁଲ ବର୍ତ୍ତମାନ ଭାରତୀୟ ଟିମ୍‌ର ଦିନିକିଆ ସ୍କ୍ୱାଡ ସହ ନ୍ୟୁଜିଲ୍ୟାଣ୍ଡ



ଗସ୍ତ କରିଛନ୍ତି। ସେଠାରେ ଦଳ ୩ଟି ଦିନିକିଆ ଓ ୩ଟି ଟି-୨୦ ମ୍ୟାଚ୍ ଖେଳିବ। ୨୦୨୨ ମେଗା ଆଇପିଏଲ ଅକ୍ସନ ବେଳେ ଶାର୍ଦ୍ଦୁଲଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ୧୦.୭୫ କୋଟି ଟଙ୍କାରେ କିଣିଥିଲା। ଅକ୍ସନ ବେଳେ ଚେନ୍ନାଇ ସୁପର କିଙ୍ଗସ, ପଞ୍ଜାବ କିଙ୍ଗସ ଓ ଗୁଜରାଟ ଟାଇଟନ୍ସ ମଧ୍ୟ ଶାର୍ଦ୍ଦୁଲ ଠାକୁରଙ୍କୁ କିଣିବାକୁ ଚେଷ୍ଟା କରିଥିଲେ। ହେଲେ ଶେଷରେ ଦିଲ୍ଲୀ ୧୦.୭୫ କୋଟିରେ ତାଙ୍କୁ କିଣିଥିଲା।

୨୦୨୨ରେ ଶାର୍ଦ୍ଦୁଲ ଠାକୁର ଦିଲ୍ଲୀ ପାଇଁ ୧୪ଟି ମ୍ୟାଚ୍ ଖେଳି ୧୫ଟି ୱିକେଟ ନେଇଥିଲେ। ତାଙ୍କ ବୋଲିଂ ଇକୋନୋମି ୯.୭୯ ଥିଲା। ବ୍ୟାଟରେ ମଧ୍ୟ ୧୨୦ ରନ କରିଥିଲେ।

ଅନ୍ୟପକ୍ଷରେ କେକେଆର ଏକମାତ୍ର ଦଳ ଯିଏ ମିନି ଅକ୍ସନ ପୂର୍ବରୁ ଆରମ୍ଭ ହୋଇଥିବା ଟ୍ରେଡିଂ ୱିଣ୍ଡୋରେ ବେଶ ସକ୍ରିୟ ରହିଛି। ଶାର୍ଦ୍ଦୁଲଙ୍କ ପୂର୍ବରୁ ଦଳ ଲକି ଫର୍ଗୁସନ ଓ ରହମନୁଲ୍ଲା ଗୁରବାଜଙ୍କୁ ଗୁଜରାଟ ଟାଇଟନ୍ସ ଠାରୁ ଆଣିଥିଲା। ଗୁରବାଜଙ୍କ ପୂର୍ବରୁ ଗୁଜରାଟ ଜେସନ ରୟଙ୍କୁ ୨୦୨୨ ପାଇଁ ନିଜ ଟିମରେ ରଖିଥିଲା। ହେଲେ ସେ ଆଇପିଏଲ ଖେଳିବାକୁ ସହମତି ନ ଦେବାରୁ ଦଳ ଗୁରବାଜଙ୍କୁ ତାଙ୍କ ବଦଳ ଖେଳାଳି ଭାବେ ନେଇଥିଲା।

## ଆଇପିଏଲରୁ ଅବସର ଘୋଷଣା କଲେ ପୋଲାର୍ଡ



ମୁମ୍ବାଇ: ଭେଟରାନ କ୍ରିକେଟର କାଏରନ ପୋଲାର୍ଡଙ୍କ ଆଇପିଏଲ କ୍ୟାରିୟର ଉପରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଚଳିତ ବର୍ଷର ମିନି ଅକ୍ସନ ପୂର୍ବରୁ ପୋଲାର୍ଡ ଆଇପିଏଲରୁ ଅବସର ଘୋଷଣା କରିଛନ୍ତି। ସେ ଦୀର୍ଘ ୧୩ ବର୍ଷ ଧରି ମୁମ୍ବାଇ ଇଣ୍ଡିଆନ୍ସ ସହ ରହିଥିଲେ। ମୁମ୍ବାଇ ଆଇପିଏଲ ଟ୍ରଫି ୫ଥର ଉଠାଇଥିବା ବେଳେ ପୋଲାର୍ଡ ଏହାର ସଦସ୍ୟ ରହିଥିଲେ।

ଚଳିତ ବର୍ଷ ମୁମ୍ବାଇ ମିନି ଅକ୍ସନ ପୂର୍ବରୁ ପୋଲାର୍ଡଙ୍କୁ ରିଲିଜ୍ କରିଦେଇଥିଲା। ଏବେ ସେ ଆଇପିଏଲରୁ ଅବସର ନେଇଛନ୍ତି। ଅବସର ନେଇଥିଲେ ମଧ୍ୟ ମୁମ୍ବାଇ ଓ ଆଇପିଏଲ ସହ ପୋଲାର୍ଡ ଜଡ଼ିତ ରହିବେ। କାରଣ ସେ ଅବସର ଘୋଷଣା କରିବା କ୍ଷଣି ତାଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଦଳର ବ୍ୟାଟିଂ କୋଚ ଭାବେ ନିଯୁକ୍ତି ଦିଆଯାଇଛି। ଏହାର ଅର୍ଥ ସେ ୨୦୨୩ରେ ମଧ୍ୟ ମୁମ୍ବାଇ ଡଗଆଉଟରେ ରହିବେ। ୨୦୧୦ରେ ମୁମ୍ବାଇ ଇଣ୍ଡିଆନ୍ସ ପୋଲାର୍ଡଙ୍କୁ ଟାଇ ବ୍ରେକର ନିୟମ ଜରିଆରେ ପ୍ରଥମଥର ପାଇଁ କିଣିଥିଲା। ଏହାପରେ ସେ ଦଳର ଜଣେ ସକ୍ରିୟ ସଦସ୍ୟ ବନି ଯାଇଥିଲେ। ସେ ମୁମ୍ବାଇ ସହ ଥିବା ବେଳେ ଦଳ ୫ଥର ଆଇପିଏଲ ଓ ୨ ଥର ଚାମ୍ପିୟନ୍ସ ଲିଗ୍ ଟ୍ରଫି ଜିତିଛି। ୧୦୦ରୁ ଅଧିକ ଆଇପିଏଲ ମ୍ୟାଚ୍ ଖେଳିଥିବା ହାତ ଗଣତି ଖେଳାଳିଙ୍କ ମଧ୍ୟରେ ପୋଲାର୍ଡ ରହିଛନ୍ତି। ୩୫ ବର୍ଷୀୟ ଏହି ୱେଷ୍ଟଇଣ୍ଡିଜ ତାରକା ଗତବର୍ଷ ଆଇପିଏଲ ପ୍ରଦର୍ଶନକୁ ନେଇ ବେଶ ସମାଲୋଚିତ ହୋଇଥିଲେ। ସେ ୨୦୨୨ ଆଇପିଏଲରେ ମୁମ୍ବାଇ ପାଇଁ ୧୧ଟି ମ୍ୟାଚ ଖେଳି କେବଳ ୧୪୪ ରନ କରିବାକୁ ସକ୍ଷମ ହୋଇଥିଲେ। ତାଙ୍କ ବ୍ୟାଟିଂ ହାର ୧୪.୪୦ ଓ ଷ୍ଟ୍ରାଇକ ରେଟ ୧୦୭.୦୬% ରହିଥିଲା। ଏହାକୁ ଦୃଷ୍ଟିରେ ରଖି ମୁମ୍ବାଇ ଇଣ୍ଡିଆନ୍ସ ପୋଲାର୍ଡଙ୍କୁ ୨୦୨୩ ଆଇପିଏଲର ମିନି ଅକ୍ସନ ପୂର୍ବରୁ ରିଲିଜ୍ କରିଦେଇଥିଲା। ଏବେ ସେ ସୋଶାଲ ମିଡିଆରେ ମୁମ୍ବାଇ ପାଇଁ ବେଶ ଭାବବିହ୍ୱଳ ଗୋଟିଏ ପୋଷ୍ଟ କରି ଆଇପିଏଲକୁ ଅଲବିଦା କହିଛନ୍ତି।

ଏହାପୂର୍ବରୁ ପୋଲାର୍ଡ ଏପ୍ରିଲ ମାସରେ ଅନ୍ତର୍ଜାତୀୟ କ୍ରିକେଟକୁ ବାଏବାଏ କହିଥିଲେ। ୧୫ ବର୍ଷ ଧରି ଅନ୍ତର୍ଜାତୀୟ କ୍ରିକେଟ ଖେଳିବା ପରେ ସେ ଅବସର ଘୋଷଣା କରିଥିଲେ। ୨୦୧୯ ମସିହାରୁ ପୋଲାର୍ଡ ୱେଷ୍ଟଇଣ୍ଡିଜ ଟିମ୍‌ର ଦିନିକିଆ ଓ ଟି-୨୦ ଅଧିନାୟକ ଦାୟିତ୍ୱରେ ରହିଥିଲେ।

ଗତବର୍ଷ ଖେଳାଯାଇଥିବା ଟି-୨୦ ବିଶ୍ୱକପରେ ମଧ୍ୟରେ ଦଳର କମାଣ ସମ୍ଭାଳିଥିଲେ। ପୋଲାର୍ଡ ଇଣ୍ଡିଜ ପାଇଁ ୧୨୩ଟି ଦିନିକିଆ ଖେଳି ୨୭୦୬ ରନ କରିଛନ୍ତି। ଏଥିସହ ୫୫ଟି ୱିକେଟ ମଧ୍ୟ ନେଇଛନ୍ତି। ଟି-୨୦ରେ ତାଙ୍କ ଜଲୱା ବେଶ ଦେଖିବାକୁ ମିଳିଥାଏ। ସେ ନିଜର ଦେଶ ପାଇଁ ୧୦୧ ଟି-୨୦ ମ୍ୟାଚରେ ୧୫୬୮ ରନ୍ କରିଛନ୍ତି। ତାଙ୍କ ଷ୍ଟ୍ରାଇକ ରେଟ୍ ? ୧୩୫.୧୪।

ଫେବୃଆରୀ ୨୦୨୨ରେ ଶେଷଥର ପାଇଁ ସେ ଭାରତ ବିପକ୍ଷରେ ଦିନିକିଆ ଓ ଟି-୨୦ ସିରିଜ୍ ଖେଳିଥିଲେ। ତେବେ ଇଣ୍ଡିଜ୍ ?କୁ ଏହି ସିରିଜ୍ ହାରିବାକୁ ପଡ଼ିଥିଲା।

## ଟି-୨୦ ବିଶ୍ୱକପର ମୋଷ୍ଟ ଭ୍ୟାଲୁଏବୁଲ ଟିମ୍‌ରେ ୨ ଭାରତୀୟ

ଦୁବାଇ: ଟି-୨୦ ବିଶ୍ୱକପରେ ଖେଳାଳିଙ୍କ ପ୍ରଦର୍ଶନକୁ ବିଚାରକୁ ନେଇ ଆଇସିସି ଆଜି ମୋଷ୍ଟ ଭ୍ୟାଲୁଏବୁଲ ଟିମ୍ ଗଠନ କରିଛି। ଏହି ଟିମ୍‌ରେ ଏକାଧିକ ଦେଶର ଖେଳାଳି ଅଛନ୍ତି। ଚଳିତ ବିଶ୍ୱକପ ଇଂଲଣ୍ଡ ଜିତିଥିବା ବେଳେ ପାକିସ୍ତାନ ଫାଇନାଲରେ ହାରିଛି। ଟୁର୍ଣ୍ଣାମେଣ୍ଟ ଶେଷ ହେବା ପରେ ଆଇସିସି ପ୍ୟାନେଲ ଶ୍ରେଷ୍ଠ ଖେଳାଳିଙ୍କୁ ନେଇ ଗୋଟିଏ ଟିମ୍ ଗଠନ କରିଛି। ଏହି ଟିମ୍‌ରେ ଭାରତର ବିରାଟ କୋହଲି ଓ ସୂର୍ଯ୍ୟ କୁମାର ଯାଦବ ରହିଛନ୍ତି। ସେହିପରି ଅଲରାଉଣ୍ଡ ହାର୍ଦ୍ଦିକ ପାଣ୍ଡ୍ୟା ଦ୍ୱାଦଶ ଖେଳାଳି ଭାବେ ମନୋନୀତ ହୋଇଛନ୍ତି।

ପାକିସ୍ତାନ ବିପକ୍ଷ ପ୍ରଥମ ମ୍ୟାଚରେ ବିରାଟ ୮୨ ରନର ଅପରାଜିତ ଇନିଂସ ଖେଳି ଚଳିତ ବିଶ୍ୱକପ ଅଭିଯାନ ଆରମ୍ଭ କରିଥିଲେ। ଏହି ମ୍ୟାଚ୍‌ରେ ଭାରତ ମଧ୍ୟ ଜିତିଥିଲା। ପ୍ରଥମ ମ୍ୟାଚ୍‌ରେ ହାସଲ କରିଥିବା ଲୟ ବିରାଟଙ୍କ ଜାରି ରହିଥିଲା। ସେ ନେଦରଲ୍ୟାଣ୍ଡ ବିପକ୍ଷରେ ଅପରାଜିତ ୬୨ ରନ, ବାଂଲାଦେଶ ବିପକ୍ଷରେ ଅପରାଜିତ ୬୪ ରନ ଓ ଇଂଲଣ୍ଡ ବିପକ୍ଷ ସେମିରେ ୫୦ ରନର ଇନିଂସ ଖେଳିଥିଲେ। ବିରାଟ ଏହି ଟୁର୍ଣ୍ଣାମେଣ୍ଟରେ ୨୯୬ ରନ କରିଛନ୍ତି।

ଆଇସିସିର ମୋଷ୍ଟ ଭ୍ୟାଲିଏବୁଲ ଟିମ୍ ?ରେ ୪ନଂ ସ୍ଥାନରେ ଭାରତର ସୂର୍ଯ୍ୟ କୁମାର ଯାଦବ ରହିଛନ୍ତି। ସେ ଟି-୨୦ ବିଶ୍ୱକପରେ ୨୩୯ ରନ କରି ସର୍ବାଧିକ ରନ ହାସଲକାରୀ ଖେଳାଳିଙ୍କ ତାଲିକାର ୩ନଂ ସ୍ଥାନରେ ରହିଛନ୍ତି। ସୂର୍ଯ୍ୟ କୁମାର ନେଦରଲ୍ୟାଣ୍ଡ ବିପକ୍ଷରେ ଅପରାଜିତ ୫୧ ରନ କରିଥିବା



ବେଳେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୬୮ ଓ ଜିମ୍ବାୱେ ବିପକ୍ଷରେ ୬୧ ରନର ଇନିଂସ ଖେଳିଥିଲେ। ଟି-୨୦ ବିଶ୍ୱକପର ସୁପର ୧୨କୁ ଯାଇଥିବା ୧୨ ଦଳ ମଧ୍ୟରୁ ୬ଟି ଦଳର ଖେଳାଳି ଆଇସିସିର ମୋଷ୍ଟ ଭ୍ୟାଲୁଏବୁଲ ଟି-୨୦ ଟିମରେ ରହିଛନ୍ତି। ବିଶ୍ୱକପ ଜିତିଥିବା ଇଂଲଣ୍ଡର ଜୋଶ ବଟଲରଙ୍କୁ ଏହି ଟିମ୍‌ର ଅଧିନାୟକ ପଦ ମିଳିଛି। ଇଂଲଣ୍ଡ ଓ ଭାରତ ବ୍ୟତୀତ ପାକିସ୍ତାନ, ନ୍ୟୁଜିଲ୍ୟାଣ୍ଡ, ଜିମ୍ବାୱେ ଓ ଦକ୍ଷିଣ ଆଫ୍ରିକାର ଖେଳାଳି ଟିମରେ ସ୍ଥାନ ପାଇଛନ୍ତି।

ଆଇସିସିର ଟିମରେ ବଟଲରଙ୍କ ସହ ଇଂଲଣ୍ଡର ଆଲେକ୍ସ ହେଲ୍ସ ଓପନିଂ କରିବେ। ସେହିପରି ସାମ କୁରାନ ଓ ମାର୍କ ଉଡ ମଧ୍ୟ ଦଳରେ ଅଛନ୍ତି। ନ୍ୟୁଜିଲ୍ୟାଣ୍ଡର ଗ୍ଲେନ ଫିଲିପ୍ସ, ପାକିସ୍ତାନର ଶାହୀନ ଶାହ ଆଫ୍ରିଦ ଓ ଶଦାବ ଖାନ, ଜିମ୍ବାୱେର ସିକନ୍ଦର ରାଜା ଓ ଦକ୍ଷିଣ ଆଫ୍ରିକାର ଅନରିଚ ନୋର୍ଖିୟାଙ୍କୁ ଆଇସିସି ତା'ର ମୋଷ୍ଟ ଭ୍ୟାଲୁଏବୁଲ ଟି-୨୦ ବିଶ୍ୱକପ ଟିମରେ ସ୍ଥାନ ଦେଇଛି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଏହି ଟିମ୍‌ର ଦ୍ୱାଦଶ ଖେଳାଳି ଭାବେ ଚୟନ କରାଯାଇଛି।

## ବିଶ୍ୱକପ ପାଇଁ ଯୁଦ୍ଧ ବନ୍ଦ ରଖିବାକୁ ଆହ୍ୱାନ ଦେଲା ଫିଫା

ନୁସା ଦୁଆ (ଇଣ୍ଡୋନେସିଆ) : ବିଶ୍ୱ ଫୁଟବଲ ସଂଘର ସଭାପତି ୟୁକ୍ରେନରେ ଚାଲିଥିବା ଯୁଦ୍ଧକୁ ବିଶ୍ୱକପ ପାଇଁ ମାସେ ଯାଏ ବନ୍ଦ ରଖିବାକୁ ଆହ୍ୱାନ ଦେଇଛନ୍ତି। କ୍ରୀଡ଼ା ଲୋକଙ୍କୁ ଏକାଠି କରିବାକୁ ସମର୍ଥନ ହେଉଥିବାରୁ ୟୁକ୍ରେନରେ ମାସେ ପାଇଁ ଅସ୍ତ୍ରବିରତି ଲାଗୁ କରିବାକୁ ଫିଫାର ସଭାପତି ଜିଆନ୍ନି ଇନଫାନଟିନୋ କହିଛନ୍ତି।

ଇଣ୍ଡୋନେସିଆର ବାଲିରେ ଏକାଠି ହୋଇଥିବା ଜି-୨୦ ଗ୍ରୁପର ନେତାମାନଙ୍କୁ ସମ୍ବୋଧନ କରି ଜିଆନ୍ନି କହିଛନ୍ତି, ଦୀର୍ଘ ୯ ମାସ ହେଲା ରୁଷ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ ବେଳେ ରବିବାର କତାରରେ ଆରମ୍ଭ ହେବାକୁ ଥିବା ବିଶ୍ୱକପ ସକାରାତ୍ମକ ପରିବେଶ ସୃଷ୍ଟି କରିପାରେ।

ତେଣୁ ଆପଣମାନେ ସମସ୍ତେ ବିଶ୍ୱକପ ଦୃଷ୍ଟିରୁ ଅସ୍ଥାୟୀ ଭାବେ ମାସକ ପାଇଁ ୟୁକ୍ରେନରେ ଅସ୍ତ୍ରବିରତି ଲାଗୁ କରିବାକୁ ଚେଷ୍ଟା କରନ୍ତୁ। ଯଦି ସଂପୂର୍ଣ୍ଣ ଅସ୍ତ୍ରବିରତି ଲାଗୁ ହୋଇପାରିବ ନାହିଁ, ତା'ହେଲେ କିଛି ମାନବୀୟ କରିଡର କିମ୍ବା କ'ଣ କଲେ ଆଲୋଚନା ପାଇଁ ବାଟ ଫିଟିବ, ସେ ଦିଗରେ ଯେକୌଣସି ପଦକ୍ଷେପ ନିଅନ୍ତୁ।

୨୦୧୮ରେ ରୁଷ ଫୁଟବଲ ବିଶ୍ୱକପର ଆୟୋଜନ କରିଥିଲା। ୨୦୩୦ ବିଶ୍ୱକପ ପାଇଁ ପର୍ତ୍ତୁଗାଲ ଓ ସ୍ପେନ ସହ ୟୁକ୍ରେନ ଏହାର ଆୟୋଜନ କରିବାକୁ ବିଡ୍ କରିଛି। ବିଶ୍ୱକପ କେବେ ହେଲେ ବିଶ୍ୱର ସବୁ ସମସ୍ୟା ସମାଧାନ କରିଦେବ ବୋଲି ଆମେ କହୁନାହୁଁ। କିନ୍ତୁ ବିଶ୍ୱକପ ଗୋଟିଏ ସ୍ୱତନ୍ତ୍ର ପ୍ଲାଟଫର୍ମ ଯୋଗାଇ ଦେଇଥାଏ।

ବିଶ୍ୱର ଅଧାର ଅଧିକ ଲୋକ ଫୁଟବଲର ମଜା ଟିଭିରେ ଉଠାଇବେ। ତେଣୁ ଆମକୁ ବିବାଦର ଅନ୍ତ ଘଟାଇବାକୁ ଯାହା ଦରକାର, ସେସବୁ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ରୁଷ ଫେବୃଆରୀ ୨୪ରୁ ୟୁକ୍ରେନ ସହ ଯୁଦ୍ଧ କରୁଥିବାରୁ ଫିଫା ମସ୍କୋକୁ ବିଶ୍ୱକପରୁ ସସପେଣ୍ଡ କରିଛି। ତେଣୁ ରୁଷକୁ କତାରରେ ନଭେମ୍ବର ୨୦ରୁ ଡିସେମ୍ବର ୧୮ ଯାଏ ଆୟୋଜିତ ହେବାକୁ ଥିବା ବିଶ୍ୱକପରେ ଦେଖିବାକୁ ମିଳିବ ନାହିଁ। ପ୍ରଥମଥର ପାଇଁ ଫିଫା ବିଶ୍ୱକପ କୌଣସି ମଧ୍ୟପ୍ରାଚ୍ୟ ଦେଶରେ ଆୟୋଜିତ ହେଉଛି।

## ଚାଲିଗଲେ ଭେଟରାନ ଅଭିନେତା ସୁନୀଲ ଶେଣ୍ଡେ

ମୁମ୍ବାଇ: ଭେଟରାନ ଅଭିନେତା ସୁନୀଲ ସୁନୀଲ ଶେଣ୍ଡେ ଆଉ ନାହାନ୍ତି। ସରକସ ଓ ଶାନ୍ତି ଭଳି ଲୋକପ୍ରିୟ ସିରିଏଲ ଏବଂ ସର୍ଫୋରଶ ଭଳି ହିଟ୍ ଫିଲ୍ମ ପାଇଁ ଜଣାଶୁଣା ସୁନୀଲ ଶେଣ୍ଡେ ମୁମ୍ବାଇରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ହୋଇଥିଲା।

ମୁମ୍ବାଇ ସ୍ଥିତି ଭିଲେ ପାରେଲ ସ୍ଥିତ ବାସଭବନରେ ଥିବା ବେଳେ ସୁନୀଲ ଶେଣ୍ଡେଙ୍କ ଦେହାନ୍ତ ହୋଇଥିବା ଫିଲ୍ମ ଓ ମ୍ୟୁଜିକ କ୍ରିଟିକ୍ସ ପବନ ଝା ସୂଚନା ଦେଇଛନ୍ତି। ତେବେ ମୃତ୍ୟୁର ପ୍ରକୃତ କାରଣ ଏଯାଏ କୁହଯାଇନି।

ସେ କହିଛନ୍ତି, ସୁନୀଲଙ୍କ ଦେହାନ୍ତ ରାତି ୧ଟାରେ ହେବା ପରେ ସକାଳେ ପରିବାର ଓ ସମ୍ପର୍କୀୟମାନେ ବାସଭବନରେ ପହଞ୍ଚିଥିଲେ। ଏହାପରେ ମଧ୍ୟାହ୍ନ ସମୟରେ ପରଶିୱାଡାରେ ଥିବା ଥିବା ହିନ୍ଦୁ ଶ୍ମଶାନ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

ସିନେମା ଜଗତ ସହ ପ୍ରାୟ ୩୦ ବର୍ଷ ଧରି ରହିଥିବା ସୁନୀଲ ଶେଣ୍ଡେ ଗନ୍ଦି, ଖଳନାୟକ,



ଘାଏଲ, ଜିଦ୍ଦି, ମଗନ ଓ ବରୁଦ୍ଧ ଭଳି ସିନେମାରେ ପାର୍ଶ୍ୱ ଅଭିନେତା ଭାବେ କାମ କରିଥିଲେ।

ଆମୀର ଖାନଙ୍କ ସର୍ଫୋରଶରେ ସେ ଡେପୁଟି କମିଶନର ଭୂମିକାରେ ଅଭିନୟ କରି ସମସ୍ତଙ୍କ ମନ ଜିତି ପାରିଥିଲେ। ରୋହିତ ସେଟ୍ଟୀଙ୍କ ନିର୍ଦ୍ଦେଶିତ ତଥା ଅଜୟ ଦେବଗାନ ଓ ଅଭିଷେକ ବଚ୍ଚନଙ୍କ ଅଭିନୀତ ଫିଲ୍ମ ଜମୀନରେ ସେ ଜଣେ ରାଜନେତା ଭୂମିକାରେ ଅଭିନୟ କରିଥିଲେ।

ଏହାବାଦ ବାସ୍ତବ ଓ ଗାନ୍ଧି ସିନେମାରେ ତାଙ୍କୁ ବଳିଷ୍ଠ ଚରିତ୍ରରେ ଦେଖିବାକୁ ମିଳିଥିଲା। ମରାଠୀ ଫିଲ୍ମ ଆଇ, ଜମଲା ହୋ ଜମଲା ସିନେମାରେ ସେ ଅଭିନୟ କରିଛନ୍ତି। ୧୯୮୯ରେ ଶାହରୁଖ ଖାନଙ୍କ ଅଭିନୀତ ସରକସ ଓ ଶାନ୍ତି ସିରିଏଲର ପ୍ରମୁଖ ଭୂମିକାରେ ସୁନୀଲ ଶେଣ୍ଡେ ରହିଥିଲେ। ଶାନ୍ତି ସିରିଏଲ ମନ୍ଦିରା ବେଦୀଙ୍କୁ ଷ୍ଟାରଡ୍ରମର ପରିଚୟ ଦେଇଥିଲା।

ଆଜି ସୁନୀଲ ସେଣ୍ଡେଙ୍କ ବିୟୋଗରେ ଅନେକ ଲୋକ ଗଭୀର ଶୋକପ୍ରକାଶ କରିଛନ୍ତି।

## ଆସିବ 'ଆର୍‌ଆର୍‌ଆର୍'ର ସିକ୍ୱେଲ

ହାଇଦ୍ରାବାଦ: ଖୁବଶୀଘ୍ର ଆସିବ ବ୍ଲକ ବଷ୍ଟର୍ ଫିଲ୍ମ 'ଆର୍‌ଆର୍‌ଆର୍'ର ସିକ୍ୱେଲ। ଏନେଇ ଫିଲ୍ମର ନିର୍ଦ୍ଦେଶକ ଏସ୍ ଏସ୍ ରାଜାମୌଲି ଖୋଦ୍ ସ୍ପଷ୍ଟ କରିଛନ୍ତି। ତାଙ୍କ ବାପା ଭି. ବିଜେନ୍ଦ୍ରପ୍ରସାଦ ସିକ୍ୱେଲ କାହାଣୀ ଉପରେ କାମ କରୁଛନ୍ତି ବୋଲି ରାଜାମୌଲି କହିଛନ୍ତି।

ରିପୋର୍ଟ ଅନୁଯାୟୀ, ଚିକାଗୋରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏସ୍ ଏସ୍ ରାଜାମୌଲି କହିଛନ୍ତି ଯେ ମୋ ବାପା ମୋ ଫିଲ୍ମର ପ୍ରତ୍ୟେକ କାହାଣୀର ଲେଖକ ଅଟନ୍ତି। ଆମେ RRR-2 ବିଷୟରେ ଆଲୋଚନା କରୁଛୁ ଏବଂ ସେ ଏହାର କାହାଣୀ ଉପରେ କାମ କରୁଛନ୍ତି।

'ଆରଆରଆର' ଚଳିତ ବର୍ଷର ସୁପରହିଟ୍ ଫିଲ୍ମ ମଧ୍ୟରୁ ଅନ୍ୟତମ। ଏହି ଫିଲ୍ମଟି ବିଶ୍ୱବ୍ୟାପୀ ଧମାଲ କରିଥିଲା। 'ଜଜଜ' ମୁଖ୍ୟ ଭୂମିକାରେ ରାମ ଚରଣ ଏବଂ ଏନ୍‌ଟିଆର ଅଭିନୟ କରିଥିଲେ । ତାଙ୍କ ବ୍ୟତୀତ ଏହି ଫଲ୍ମରେ ଅଜୟ



ଦେବଗନ୍, ଆଲିଆ ଭଟ୍ଟ ଏବଂ ଶ୍ରୀୟା ସାରନ୍ ଅଭିନୟ କରିଛନ୍ତି। ନିକଟରେ ଜାପାନରେ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ର ସେଠାରେ ତୃତୀୟ ସର୍ବାଧିକ ଆୟ କରିଥିବା ଭାରତୀୟ ଫିଲ୍ମ ହୋଇପାରିଛି।

'ଆରଆରଆର'ର କାହାଣୀ ଦୁଇ ସ୍ୱାଧୀନତା ସଂଗ୍ରାମୀ ଆଲୁରି ସୀତାରାମ ରାଜୁ ଏବଂ କୋମାରାମ ଭୀମଙ୍କ ଉପରେ ଆଧାରିତ। ଏହି ଫିଲ୍ମ ୱାର୍ଲ୍ଡ ୱାଇଡ ୧୧୦୦ କୋଟିରୁ ଅଧିକ ଟଙ୍କାର ବ୍ୟବସାୟ କରିଛି।

Printed, Published and Owned by Badri Narayan Moahanty, Pulished From: Sector-1/163 HIG Dupled, Niladri Vihar, Po- Sailashree Vihar, Bhubaneswar - 751021
Printed at Gayatri Industries, TS//193, Mancheswar Ind. Estate, Bhubaneswar - 751010
Mob: +91-9437073823, E-mail: odishasanket@gmail.com
ସଂପାଦକ : ବଦ୍ରି ନାରାୟଣ ମହାନ୍ତି
Editor : Badri Narayan Mohanty